NITIDIN

# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY
16 FEBRUARY 2026
ସୋମବାର
୧୬ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 271 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୭୧ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର







ଶ୍ରୀଲିଙ୍ଗରାଜ ମନ୍ଦିର

## ଏଥର ସଅଳ ଉଠିଲା ମହାଦୀପ



**ଭୁବନେଶ୍ୱର,୧୫।୨/ଏନ୍‌ଏନ୍‌ଏସ୍:**

**ଧାର୍ଯ୍ୟ ହୋଇଥିଲା ରାତି ୧୦**

**୮.୪୧ରେ ମହାଦୀପ ସ୍ଥାପନ**

ଜାଗର ବ୍ରତଧାରୀଙ୍କ ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି । ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଚଳିତ ବର୍ଷ ସଅଳ ମହାଦୀପ ଉଠିଛି । ମହାଦୀପ ଉଠିବା ପାଇଁ ରାତି ୧୦ଟା ସମୟ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ସମସ୍ତ ନୀତିକାନ୍ତି ଶୀଘ୍ର ସରିଯିବାରୁ ରାତି ୮ଟା ୪୦ ମିନିଟରେ ମହାଦୀପ ଉଠିଥିଲା । ନିର୍ଦ୍ଧାରିତ ସମୟର ପ୍ରାୟ ଦେଢ଼ ଘଣ୍ଟା ପୂର୍ବରୁ ୮ଟା ୪୦ ମିନିଟ୍‌ରେ ବିଧିମତେ ସମର୍ଥା ସେବାୟତ ମହାଦୀପ ଧରି ମନ୍ଦିର ପରିକ୍ରମା କରବା ପରେ ମହାଦୀପକୁ ମନ୍ଦିର ଚୂଡ଼ାକୁ ଉଠିଥିଲା । ଯୋଗେନ୍ଦ୍ର ସମର୍ଥା ୮ଟା ୪୧ରେ ▶▶ ୫

ଟି-୨୦ ବିଶ୍ୱକପ୍

## ପାକିସ୍ତାନ ଚିତ୍‌ପଟାଙ୍ଗ

### ଭାରତ ୬୧ ରନ୍‌ରେ ବିଜୟୀ



**କଲମ୍ବୋ,୧୫।୨/ଏଜେନ୍ସି:**

**ଇଶାନ୍ କିଶନ୍‌ଙ୍କ ୭୭ ରନ୍**

**ବୁମ୍‌ରା-ହାର୍ଦ୍ଦିକଙ୍କ ମ୍ୟାଜିକ୍**

**ସୁପର୍-୮ରେ ଟିମ୍ ଇଣ୍ଡିଆ**

କ୍ରିକେଟ୍ ମଇଦାନ୍‌ରେ ପୁଣିଥରେ ପାକିସ୍ତାନକୁ ଚିତ୍‌ପଟାଙ୍ଗ କରିଛି ଭାରତ । କଲମ୍ବୋରେ ରବିବାର ଖେଳାଯାଇଥିବା ଚଳିତ ଟି-୨୦ ବିଶ୍ୱକପ୍‌ର ହାଇଭୋଲ୍‌ଟେଜ୍ ମ୍ୟାଚ୍‌ରେ ଭାରତ ୬୧ ରନ୍‌ରେ ପାକିସ୍ତାନକୁ ଶୋଚନୀୟ ଭାବେ ହରାଇ ଦେଇଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଭାରତ ୭ ୱିକେଟ୍ ହରାଇ ୧୭୫ ରନ୍ କରିଥିଲା । ଜବାବରେ ପାକିସ୍ତାନ ଟିମ୍ ୧୮ ଓଭର୍‌ରେ ହିଁ ୧୧୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି । ଏହା ଟୁର୍ଣ୍ଣାମେଣ୍ଟରେ ରନ୍ ହିସାବରେ ପାକିସ୍ତାନ ବିପକ୍ଷରେ ଭାରତର ସବୁଠୁ ବଡ଼ ବିଜୟ । ଏହା ସହିତ ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଭାରତର ବିଜୟ ହାର ୮-୧ ହୋଇଛି । ଏହି ବିଜୟ ସହ ଭାରତ ତିନିଟି ମ୍ୟାଚ୍ ଜିତି ଟୁର୍ଣ୍ଣାମେଣ୍ଟର ସୁପର୍-୮ରେ ସ୍ଥାନ ପକ୍କା କରିଛି ।

୧୭୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ପାକିସ୍ତାନକୁ ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ବଲ୍‌ରେ ହିଁ ଝଟ୍‌କା ଦେଇଥିଲେ । ଖାତା ଖୋଲିବା ପୂର୍ବରୁ ସେ ସାହିବଜାଦା ଫରହାନ୍‌ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ । ଏହାପରେ ଦ୍ୱିତୀୟ ▶▶ ୫

## ପରଲୋକରେ ଗୀତା ପଟ୍ଟନାୟକ



**କଟକ,୧୫।୨/ଏନ୍‌ଏନ୍‌ଏସ୍:**

ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ ଆଉ ନାହାନ୍ତି । ଆଜି କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ତାଙ୍କର ଦେହାନ୍ତ ହୋଇଛି । କିଛି ଦିନ ତଳେ ମସ୍ତିଷ୍କାଘାତ ଯୋଗୁ ସେ ଅସୁସ୍ଥ ହୋଇପଡ଼ିଥିଲେ । ସେବେଠାରୁ ତାଙ୍କୁ ଆଇସିୟୁରେ ରଖି ଚିକିତ୍ସା କରାଯାଉଥିଲା । କିନ୍ତୁ ଡାକ୍ତରୀ ଟିମର ସବୁ ପ୍ରକାରର ପ୍ରୟାସ ସତ୍ତ୍ୱେ ଗୀତା ପଟ୍ଟନାୟକଙ୍କ ଦେହାନ୍ତ ହୋଇ ଯାଇଛି । ଅସୁସ୍ଥ ହେବା ପୂର୍ବରୁ ଗତ ୧୨ ତାରିଖରେ ଭୁବନେଶ୍ୱରରେ ସେ ଏକ ସାହିତ୍ୟ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ । ସେଠାରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ପରୀକ୍ଷାରୁ ମସ୍ତିଷ୍କାଘାତ ହୋଇଥିବା ଜଣାପଡ଼ିଲା । ପରେ କଟକର ଏକ ଘରୋଇ ହସ୍ପିଟାଲକୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିଲା । ଡିସେମ୍ବର ୧୦ତାରିଖରେ କଟକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ଗୀତା ପଟ୍ଟନାୟକ । ତାଙ୍କ ବାପାଙ୍କ ନାମ ସ୍ୱର୍ଗତ ସୁରେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ ଓ ମା' ହେଉଛନ୍ତି ▶▶ ୫

**ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ**

**ଭଜନ, ଜଣାଣ, ଛାନ୍ଦ, ଚମ୍ପୁ, ଆଧୁନିକ ଗୀତ ପାଇଁ ବେଶ୍ ପରିଚିତ**

**ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ**

## ମର୍ଣ୍ଣିଂୱାକ୍ ବେଳେ ଟଳିପଡ଼ିଲେ ଦଶମ ଛାତ୍ର

### ୪ ଲକ୍ଷ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଖଲ୍ଲିକୋଟ,୧୫।୨/ଏନ୍‌ଏନ୍‌ଏସ୍:**

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିଛି । ସେ ହେଉଛନ୍ତି ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାଗଲପୁର ଗ୍ରାମର ସନ୍ତୋଷ ପ୍ରଧାନଙ୍କ ପୁଅ ମିହିର ପ୍ରଧାନ । ସେ ସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିଲେ । ରବିବାର ଛୁଟିଦିନ ହେତୁ ସେ ମର୍ଣ୍ଣିଂୱାକ୍ କରି ଫେରୁଥିବା ବେଳେ ହଠାତ ତଳେ ପଡ଼ିଯାଇଥିଲେ । ସାଙ୍ଗରେ ଯାଇଥିବା ଶିକ୍ଷକ ଅନେକ ଥର ଡାକିବା ପରେ ମଧ୍ୟ ସେ ଆଉ ଉଠି ପାରିନଥିଲେ । ତୁରନ୍ତ ଏକ ଅଟୋ ଯୋଗେ ମିହିରଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । କିନ୍ତୁ ଡାକ୍ତର ସେଠାରେ ମିହିରଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ବାପା ସନ୍ତୋଷ ପ୍ରଧାନ ଓ ପରିବାର ବର୍ଗ ପହଞ୍ଚିବା ପରେ ମେଡିକାଲରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ତହସିଲଦାର ଡି. ମାଲେଶ୍ୱର ପାତ୍ର ପ୍ରମୁଖ ମେଡିକାଲରେ ପହଞ୍ଚି ଉତ୍ୟକ୍ତ ପରିବାର ଲୋକଙ୍କୁ ବୁଝାସୁଝା କରି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ । ଏ ସମ୍ପର୍କରେ ଖଲ୍ଲିକୋଟ ଥାନା କେସ୍ ନମ୍ବର ୯/୨୦୨୬ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୁଲିସ୍ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଥିବା ଆଇଆଇସି ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଦଶମ ଶ୍ରେଣୀ ଛାତ୍ରଙ୍କ ଅକାଳ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । କେଉଁ କାରଣରୁ ମିହିରଙ୍କ ଅକାଳ ମୃତ୍ୟୁ ଘଟିଲା, ତାହା ସ୍ପଷ୍ଟ ▶▶ ୪

## ୨ ନକଲି ମାଓବାଦୀ ଗିରଫ

**ରାୟଗଡ଼ା,୧୫।୨/ଏନ୍‌ଏନ୍‌ଏସ୍:**

ରାୟଗଡ଼ା ଜିଲ୍ଲାରେ ମାଓବାଦୀ ମୂଳପୋଛ ହେବାକୁ ଯାଉଥିଲା ବେଳେ ନକଲି ମାଓବାଦୀଙ୍କ ଉପୃତି ଦେଖାଯାଇଛି । ଆଜି ରାୟଗଡ଼ା ପୁଲିସ ଦ୍ୱାରା ଦୁଇ ନକଲି ମାଓବାଦୀଙ୍କୁ ଗିରଫ କରାଯାଇଛି । ଏହି ଦୁଇଜଣ ହେଲେ ରାୟଗଡ଼ାର ଜଣେ ୱେବ୍ ଚ୍ୟାନେଲ୍ ସାମ୍ବାଦିକ ଅନୁବ୍ରତ ବାରା ଓ ଅନ୍ୟ ଜଣେ ବଳୀ ମାଝୀ । ବଳୀ ମାଝୀ ଏଥି ପୂର୍ବରୁ ନକ୍ସଲ ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିଲେ । ମାଓମୁକ୍ତ ହେବାକୁ ଥିବା ଜିଲ୍ଲାରେ ମାଓ ବ୍ୟାନର ଲଗାଇ ଆତଙ୍କ ▶▶ ୫

● ବାଂଲାଦେଶ ପ୍ରଧାନମନ୍ତ୍ରୀଙ୍କ ଶପଥ ପାଠ ଉତ୍ସବ

## ମୋଦୀଙ୍କ ବଦଳରେ ଯିବେ ଓମ୍ ବିର୍ଲା



**ନୂଆଦିଲ୍ଲୀ,୧୫।୨/ଏଜେନ୍ସି:**

ବାଂଲାଦେଶର ପ୍ରଧାନମନ୍ତ୍ରୀଙ୍କ ଶପଥ ପାଠ ଉତ୍ସବରେ ସାମିଲ ହେବେ ଲୋକସଭା ବାଚସ୍ପତି ଓମ ବିର୍ଲା । ମଙ୍ଗଳବାର ବିଏନପି ମୁଖ୍ୟ ତାରିକ ରହମନ ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ଏହି ସମାରୋହରେ ଭାରତର ପ୍ରତିନିଧି ଭାବେ ଓମ୍ ବିଲା ଢାକାରେ ଉପସ୍ଥିତ ରହିବ । ବାଂଲାଦେଶର ଅନ୍ତରୀଣ ସରକାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଥିଲେ ହେଁ ସେ ବ୍ୟସ୍ତ କାରଣରୁ ୧୭ ତାରିଖରେ ଢାକା ଯାଇ ପାରିବେ ନାହିଁ । ମୁମ୍ବାଇରେ ସେହି ଦିନ ମୋଦୀଙ୍କ କାର୍ଯ୍ୟକ୍ରମ ରହିଛି । ତେଣୁ ଓମ ବିର୍ଲା ତାଙ୍କ ବଦଳରେ ବାଂଲାଦେଶ ଗସ୍ତ କରିବେ । ଓମ ବିର୍ଲାଙ୍କ ଯୋଗଦାନ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ▶▶ ୫






ଗଛ ଚଢ଼ିଲେ ମିଳେ ନେଟ୍‌ୱର୍କ

## 'ହ୍ୟାଲୋ' ଶୁଣିବାକୁ ୨୩୮ ଗାଁ ହଟହଟା



**ଓଡ଼ିଶା ମୋବାଇଲ୍, ଆନ୍ଧ୍ର ନେଟ୍‌ୱର୍କ ଉପରେ ଭରସା**

**କୋରାପୁଟର ୮୯, ରାୟଗଡ଼ାର ୧୪୯ ଗ୍ରାମରେ ମୋବାଇଲ୍ ସେବା ବିପର୍ଯ୍ୟସ୍ତ**

**ରାୟଗଡ଼ା,୧୫।୨/ଏନ୍‌ଏନ୍‌ଏସ୍:**

ବିଭିନ୍ନ ନୂତନ ପ୍ରଯୁକ୍ତିବିଦ୍ୟାର ବିକାଶ ଜାରି ରହିଥିବା ବେଳେ ଆଜି ବି ଓଡ଼ିଶାରେ ଏପରି କିଛି ଗ୍ରାମ ରହିଛି ଯେଉଁଠି ଆବଶ୍ୟକ ନେଟ୍‌ୱର୍କର ସୁବିଧା ନାହିଁ । ଥରେ ଭାବି ଦେଖନ୍ତୁ ଆପଣଙ୍କ ଫୋନରେ ଗୋଟିଏ ମିନିଟ ପାଇଁ ନେଟ୍‌ୱର୍କ ନ ରହେ, ତେବେ ବ୍ୟତିବ୍ୟସ୍ତ ଲାଗିଥାଏ । ଜଣେ ପ୍ରସୂତୀ ଗର୍ଭ ଯନ୍ତ୍ରଣାରେ କଷ୍ଟ ପାଉଥିବା ବେଳେ ଆଶା ଦିଦିଙ୍କୁ ଯୋଗାଯୋଗ କରିବା ପାଇଁ କିମ୍ବା ଆମ୍ବୁଲାନ୍ସଟିଏ ଡାକିବାକୁ ମିଳେନି ଏଠାରେ ନେଟ୍‌ୱର୍କ । ଏହା ସହିତ ସରକାରୀ କାର୍ଯ୍ୟଗୁଡ଼ିକ ଏବେ ଅନ୍‌ଲାଇନ୍ ମୋଡ୍‌ରେ ଚାଲିଥିବା ବେଳେ କେଉଁ ପରିସ୍ଥିତିରେ ଏହାକୁ କରାଯାଉଥିବ ତାହା କଳ୍ପନାତୀତ । ରାୟଗଡ଼ା ଓ କୋରାପୁଟ ଜିଲ୍ଲାର ସୀମାନ୍ତ ଗ୍ରାମ ଗୁଡ଼ିକରେ ମୋବାଇଲ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଅନେକ ଲୋକଙ୍କ ଘରେ ମୋବାଇଲ୍ ଅଛି କିନ୍ତୁ ନେଟ୍‌ୱର୍କ ଆସୁନି । ମୋବାଇଲ୍‌ରେ ଆନ୍ଧ୍ର ନେଟ୍‌ୱର୍କ ପାଇଁ ସୀମାନ୍ତ ଗ୍ରାମବାସୀ ଗଛ ଓ ପାହାଡ଼ ଚଢୁଛନ୍ତି । ଏପରିକି ଗୁଣପୁର ବ୍ଲକ୍‌ର ଗୋଟିଏ ପଞ୍ଚାୟତର ସମସ୍ତ ୨୨ ଖଣ୍ଡ ଗାଁ ପାଇଁ ମୋବାଇଲ୍ ନେଟ୍‌ୱର୍କ ଏକ ସ୍ୱପ୍ନ ପାଲଟିଛି । ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ଥିବା ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍‌ର କେତେକ ପଞ୍ଚାୟତର ଲୋକେ ଫୋନ୍ କଲ୍ ପାଇଁ ପାହାଡ଼ ଓ ଗଛ ଉପରକୁ ଚଢ଼ିବାକୁ ବାଧ୍ୟ ହେଉଥିବା ଚିତ୍ର ଦେଖିବାକୁ ମିଳୁଛି । ଏପରିକି ସୀମାନ୍ତ ଗଠଳପଦର ପଞ୍ଚାୟତର ଅର୍ଦ୍ଧାଧିକ ଗାଁରେ ଏବେ ପର୍ଯ୍ୟନ୍ତ ନେଟ୍‌ୱର୍କ ଆସୁନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ନେଟ୍‌ୱର୍କ ଟିକିଏ ପାଇଁ କିଏ ଗଛ ଉପରେ ଚଢୁଛି ତ ଆଉ କିଏ ୨ କିଲୋମିଟର୍ ଦୂର ▶▶ ୫

# ଓଁ ନମଃ ଶିବାୟ ଧ୍ୱନିରେ କମ୍ପିଲା ଶୈବପୀଠ







**ବ୍ରହ୍ମପୁର,୧୫ା୨/ଏନ୍ଏନ୍ଏସ୍:** ମହାଶିବରାତ୍ରୀ ଜାଗର ଯାତ୍ରା ଅବସରରେ ସହରର ବିଭିନ୍ନ ଶୈବପୀଠଗୁଡିକ ଆଜି ଚଳଚଞ୍ଚଳ ରହିଥିଲା । ମହାଦେବଙ୍କୁ ପୂଜାର୍ଚ୍ଚନା ଓ ଆଶୀର୍ବାଦ ଭିକ୍ଷା ଲାଗି ମନ୍ଦିରଗୁଡିକରେ ସକାଳୁ ରାତ୍ର ପର୍ଯ୍ୟନ୍ତ ଭକ୍ତଙ୍କ ଗହଳିଚହଳି ଲାଗି ରହିଥିଲା । ଭକ୍ତଙ୍କ ସୁବିଧା ଦର୍ଶନ ପାଇଁ ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଆଜି ଭୋରୁ ସମୟରୁ ହିଁ ଛୋଟ ପିଲାଠାରୁ ବୟସ୍କ ଓ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ବିଭିନ୍ନ ଶିବ ମନ୍ଦିରରେ ଦେଖିବାକୁ ମିଳିଥିଲା । 'ହର ହର ମହାଦେବ ଏବଂ ଓଁ ନମଃ ଶିବାୟ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା । ଶ୍ରଦ୍ଧାଳୁ ଭକ୍ତମାନେ ମହାଦେବଙ୍କୁ ଜଳାଭିଷେକ କରି ଦର୍ଶନ କରିଥିଲେ । ସହରର ହାଉସିଂବୋର୍ଡସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର, ଭାବିନିପୁରର ଗୋକର୍ଣ୍ଣେଶ୍ୱର, କମାପଲ୍ଲୀର ବୈଦ୍ୟନାଥେଶ୍ୱର ମନ୍ଦିର, ପାତାଳେଶ୍ୱର ମନ୍ଦିର, ଗୋଇଲୁଣ୍ଡିର ଗୋକର୍ଣ୍ଣେଶ୍ୱର, ଆଙ୍କୁଲି ଶିଳ୍ପାଞ୍ଚଳରେ ଥିବା ସକଳେଶ୍ୱର ମନ୍ଦିର, ଆଙ୍କୁଲି ହାଇସ୍କୁଲ ଛକ ନିକଟରେ ଥିବା ଶ୍ମଶାନେଶ୍ୱର, ପଶ୍ଚିମେଶ୍ୱର ମନ୍ଦିରରେ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ । ମଧରାତ୍ରରେ ରାତିରେ ମହାଦୀପ ଉଠିଥିଲା । ଭକ୍ତଙ୍କ ମନୋରଞ୍ଜନ ଲାଗି ରାତିରେ ଶିଳ୍ପାଞ୍ଚଳ ଛକ, ଆଙ୍କୁଲି ହାଇସ୍କୁଲ ଛକ ଏବଂ ଆଙ୍କୁଲି ସମେତ ଅନ୍ୟ କେତେକ ଅଞ୍ଚଳରେ ସାମାଜିକ ନାଟକ ପରିବେଷଣ ହୋଇଥିଲା । ଆସ୍ଥା ଓ ବିଶ୍ୱାସ ଅନୁସାରେ ମହାଶିବରାତ୍ରୀରେ ଉପବାସ ରଖି ଜାଗର କରି ଦୀପ ପ୍ରଜ୍ୱଳନ କଲେ ମନସ୍କାକମନା ପୂରଣ ହୁଏ ବୋଲି ଭକ୍ତମାନଙ୍କ ମଧରେ ବିଶ୍ୱାସ ରହିଛି । ରାତ୍ରିରେ ମହାଦୀପ ପ୍ରଜ୍ୱଳନ ସହ ଜାଗର ଦୀପ ଜାଳିବା ପାଇଁ ପୂଜା କମିଟି ପକ୍ଷରୁ ବିଶେଷ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସନ୍ଧ୍ୟା ସମୟରେ ଭଜନ-କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ପରିବେଶ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

**ବୁଗୁଡା:** ମହାଶିବରାତ୍ରୀ ଉପଲକ୍ଷେ ବୁଗୁଡା ଅଞ୍ଚଳର ବିଭିନ୍ନ ଶୈବପୀଠରେ ଆଜି ଶ୍ରଦ୍ଧା ଓ ଭକ୍ତିର ସହ ଜାଗର ଯାତ୍ରା ପାଳିତ ହୋଇଯାଇଛି । ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲସ୍ଥିତ ଜଗଦୀଶ୍ୱର, ଗଙ୍ଗାଧରେଶ୍ୱର , ମକରେଶ୍ୱର, ବୁଦ୍ଧେଶ୍ୱର ଓ ସିଦ୍ଧେଶ୍ୱର ଆଦି ପଞ୍ଚ ଶମ୍ଭୁ ସମେତ କୈଳାସନଗରସ୍ଥ କୁବେରେଶ୍ୱର, ଭାମଶିଆଳିର ଗୁପ୍ତେଶ୍ୱର ଓ ଆମ୍ବିଲିଝରସ୍ଥ ଲୋକନାଥ ମନ୍ଦିର, ହରଶରଣପୁରସ୍ଥ ମୁକ୍ତେଶ୍ୱର ଓ ବୀରଧନଞ୍ଜୟପୁରସ୍ଥ ବାଲୁଙ୍କେଶ୍ୱର ମନ୍ଦିର , ଗୋଲାମୁଣ୍ଡୁଳାର ଲୋକନାଥେଶ୍ୱର , ଉଦୟପୁର ଗ୍ରାମର କପିଳେଶ୍ୱର, ବୁଗୁଡ଼ାର ସୋମନାଥ, ବାଲୁଙ୍କେଶ୍ୱର ଓ କାଶୀ ବିଶ୍ୱନାଥ ,ଗୋଳିଆର ଲଙ୍ଗଳେଶ୍ୱର,ମରାଇପଲ୍ଲୀର ଚନ୍ଦ୍ର କଳ୍କେଶ୍ୱର,କୁଶପଲ୍ଲୀର ଐଶନେଶ୍ୱର, କୁଆଁନଳାର ଭୁକ୍ତେଶ୍ୱର ମନ୍ଦିର, ବାଲିପଦରସ୍ଥିତ ନୀଳକଣ୍ଠେଶ୍ୱର ,ମାଣିତରାର କପିଳେଶ୍ୱର, ମାଣିକ୍ୟପୁର ଗ୍ରାମର ସିଦ୍ଧେଶ୍ୱର , ତାଲସାକର ଗ୍ରାମସ୍ଥ ସତ୍ୱେଶ୍ୱର, ମକରାପଲ୍ଲୀର ରାମେଶ୍ୱର ,ମୁକୁନ୍ଦପୁର ଗ୍ରାମସ୍ଥ କପିଳେଶ୍ୱର ସ୍ୱାମୀ ,ଡେଙ୍ଗାବାଡିର ଭୋଳେଶ୍ୱର, ପାଣିକେଶର ଗ୍ରାମର କପିଳେଶ୍ୱର , ଭଗବାନପୁର ଗ୍ରାମର ବାଲୁଙ୍କେଶ୍ୱର , ଭୋଗଡାର ଉମାଶଙ୍କର,



ବେତାରସିଂର ସପ୍ନେଶ୍ୱର ସ୍ୱାମୀ,ଗୋଲାବନ୍ଧର ଲୋକନାଥ ସ୍ୱାମୀ, ସୋଲଣ୍ଡିର ଭୁବନେଶ୍ୱର, ଖୋଲଖାଲିର ଗଙ୍ଗାଧର ସ୍ୱାମୀ , ଏ.କରଡ଼ାବାଡ଼ିର ନୀଳକଣ୍ଠେଶ୍ୱର , ବକ୍ସିପଲ୍ଲୀର ବିଶ୍ୱେଶ୍ୱର, ଚକରାପଲ୍ଲୀର ଗଙ୍ଗାଧର ସ୍ୱାମୀ, ସୋରଡର ବାଲୁଙ୍କେଶ୍ୱର, ଅରଖପୁରସ୍ଥ ତାଡେଶ୍ୱର, ଅନ୍ତରପଡାର ରାମେଶ୍ୱର, ସଦାଶିବପୁର ଗ୍ରାମସ୍ଥ ନୀଳକଣ୍ଠେଶ୍ୱର ,ବେଠିଆବୋରଦାର ଲୋକନାଥେଶ୍ୱର, କାନସୁକାର ରାମେଶ୍ୱର, ଗୌତିଆବୋରଦାର ଲଙ୍ଗଳେଶ୍ୱର ଓ ଚରଣ କପିଳେଶ୍ୱର, ଗାନ୍ଧିନଗର ଗାଁର ନୀଳକଣ୍ଠେଶ୍ୱର , ଡାକରଡାର ଚନ୍ଦ୍ର କଳ୍କେଶ୍ୱର , କଞ୍ଚୁରୁର ରାମେଶ୍ୱର, ମାଣିବନ୍ଧ ଗାଁର ଜୁମ୍ବେଶ୍ୱର ,ପ୍ରତାପ ଧନଞ୍ଜୟପୁରସ୍ଥ ସକଳେଶ୍ୱର ,ଏକଡାଳର ରାମେଶ୍ୱର, ବେଲପଡ଼ାର ବାବା ବିଶ୍ୱେଶ୍ୱର, କାଦପଡାର ଭୁବନେଶ୍ୱର ସ୍ୱାମୀ , ରାମଗଡର ମୁକ୍ତେଶ୍ୱର, ପୋଟାଲୁଣ୍ଡିର ଚନ୍ଦନେଶ୍ୱର ,ପଙ୍କଲବାଡିଓ ପାଙ୍ଗିଡ଼ି ଗ୍ରାମର ସପ୍ନେଶ୍ୱର ମନ୍ଦିର ସାଙ୍ଗକୁ ଅଞ୍ଚଳର ଅନ୍ୟାନ୍ୟ ଶିବ ମନ୍ଦିରରେ ଭକ୍ତିର ସହିତ ଜାଗର ଯାତ୍ରା ପାଳିତ ହୋଇଯାଇଥିବା ବେଳେ ଅଧିକାଂଶ ଶୈବପୀଠରେ ଭକ୍ତମାନଙ୍କ ଉଜାଗର ନିମିତ୍ତ ଅଷ୍ଟ ପ୍ରହର ନାମ ସଂକୀର୍ତ୍ତନ ଯଜ୍ଞ ଓ ଭଜନ ସମାରୋହ ଆଦି ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ମହାଜାକଜମକରେ ଆନନ୍ଦ ଉଲ୍ଲାସର ସହ ଏହାକୁ ପାଳନ କରାଯାଇ ଥିବାରୁ ପ୍ରତ୍ୟେକ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଥିଲା ।

## ପୁଡୁଗେଶ୍ୱର ମହାଦେବଙ୍କ ପୀଠରେ ୧ ଲକ୍ଷ ୮ଦୀପ ପ୍ରଜ୍ୱଳନ



**ଆସିକା:** ପବିତ୍ର ମହା ଶିବରାତ୍ରୀ ଅବସରରେ ଆସିକା ବ୍ଲକ ଅନ୍ତର୍ଗତ କାଳଷଣ୍ଢପୁର ଗ୍ରାମପଞ୍ଚାୟତର ପୁଡୁଗେଶ୍ୱରପଲ୍ଲୀ ଗ୍ରାମରେ ପୂଜା ପାଇ ଆସୁଥିବା ଶ୍ରୀ ପୁଡୁଗେଶ୍ୱର ମହାଦେବଙ୍କ ପୀଠରେ ରବିବାର ରାତ୍ରରେ ୧ଲକ୍ଷ ୮ଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିସହ ବିଶ୍ୱଶାନ୍ତି ରୁଦ୍ରଯଜ୍ଞ, ଘୃତଯଜ୍ଞ, ନାମଯଜ୍ଞ, ମହାଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ପାରମ୍ପରିକ ରୀତିନୀତି ଅନୁଯାୟୀ ସଂପନ୍ନ ହୋଇଥିଲା । ପୁଡୁଗେଶ୍ୱରପଲ୍ଲୀ ଗ୍ରାମର ଆଧାତ୍ମିକ ପ୍ରେମୀ, ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇଥିଲେ । ମନ୍ଦିର ପରିସରରେ ଅନୁଷ୍ଠିତ ବିଶ୍ୱଶାନ୍ତି ରୁଦ୍ରଯଜ୍ଞ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ ଭକ୍ତ ତଥା ଆଧାତ୍ମିକପ୍ରେମୀ ସୋମନାଥ ନାହାକ ଓ ତାଙ୍କ ପତ୍ନୀ ସୁପ୍ରଭା ନାହାକ ନିଷ୍ଠାର ସହ ରହି ଦାୟିତ୍ୱ ନିର୍ବାହ କରିଥିଲେ । ମହାଦେବଙ୍କୁ ପୂଜାର୍ଚ୍ଚନା ପାଇଁ ଆଜି ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ ଲାଗି ରହିଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା କରିବା ଦିଗରେ ଆଧାତ୍ମିକ ପ୍ରେମୀ ନିଗମାନନ୍ଦ ମହାନ୍ତି, ଗ୍ରାମ୍ୟ କମିଟି ସଭାପତି ସୂର୍ଯ୍ୟନାରାୟଣ ନାହାକ, ଶ୍ରଦ୍ଧାଳୁ ଭକ୍ତ ଦେବେନ୍ଦ୍ର ମହାନ୍ତି, ଗଣେଶ ମହାନ୍ତି, ଶିବଶଙ୍କର ମହାନ୍ତି, ଅନିଲ୍ କୁମାର ପାଣିଗ୍ରାହୀ, ପଂଚାନନ ମହାନ୍ତି, କାମେଶ୍ୱର ରାଉତ, ସୋମନାଥ ନାହାକ, ରମେଶ ଚନ୍ଦ୍ର ରାଉତ, ଅରସୁଲୁ ସ୍ୱାଇଁ, ଶମ୍ଭୁନାଥ ନାହାକ, ସନ୍ୟାସୀ ନାହାକ, ବିଜୟ କୁମାର ନାହାକ, ହୀନ ବାରିକ, ବିକ୍ରମ ପ୍ରଧାନ, ସଂଗ୍ରାମ ମହାନ୍ତି, କାଳୁଚରଣ ପାଣିଗ୍ରାହୀ, ଜୀବନ ମହାନ୍ତି, ଅଭୟ ଜେନା, ଆକାଶ ନାହାକ, ସାଗର ପାତ୍ର, ପ୍ରଦୀପ କେଶରୀ ରାଉତ, ସହଦେବ ନାହାକ, ମଙ୍ଗୁଲୁ ନାହାକ, ସୁରେନ୍ଦ୍ର ପାତ୍ର, ଅଶୋକ ନାହାକ, ବୃନ୍ଦାବନ ଖଣ୍ଡୁଆଳ, ଅଶୋକ ମହାନ୍ତି, ଗୋପୀନାଥ ମହାନ୍ତି, ରାମଚନ୍ଦ୍ର ମହାନ୍ତି, ହାଡୁବନ୍ଧୁ ମହାନ୍ତି, ଭାସ୍କର କାମ୍ପ, ସୁକାନ୍ତ ସାହୁ, ପାଣ୍ଡା ମହାନ୍ତିଙ୍କ ସମେତ ପୁଡୁଗେଶ୍ୱରପଲ୍ଲୀ ଗ୍ରାମବାସୀ ଓ ଉତ୍ସାହୀୟ ଶୈବଭକ୍ତ ଏବଂ ଯୁବପିଢୀ, ମନ୍ଦିର ପରିଚାଳନା କମିଟି ସକ୍ରିୟ ସହଯୋଗ କରିଥିଲେ । ବିଶ୍ୱଶାନ୍ତି ରୁଦ୍ରଯଜ୍ଞ କାର୍ଯ୍ୟକ୍ରମରେ ପୁରୁଷୋତ୍ତମପୁର ନିକଟ ଭାଟକୁମରଡା ଗ୍ରାମର ବିଦ୍ୱାନ ପଣ୍ଡିତ ରାଜେଶ୍ ଶତପଥୀଙ୍କ ନେତୃତ୍ୱରେ ସହଯୋଗୀ ପଣ୍ଡିତ ସୁରେଶ ଶତପଥୀ, ସନ୍ତୋଷ କୁମାର ବ୍ରହ୍ମା, ତପନ କୁମାର ଦାଶ, ଦେବୀ ପ୍ରସାଦ ଶତପଥୀ, ଦୁର୍ଗାଚରଣ ପତି, ନଳିନୀକାନ୍ତ ଦାଶ, କାଳୁଚରଣ ଶତପଥୀ, ଅମୂଲ୍ୟ ନନ୍ଦ, ନବକିଶୋର ପତିଙ୍କ ସମେତ ବହୁ ଜ୍ଞାନୀଗୁଣୀ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ ।

**ଶେରଗଡ:** ପବିତ୍ର ମହା ଶିବରାତ୍ରୀ ଉପଲକ୍ଷେ ଶେରଗଡ଼ ସମେତ ବ୍ଲକର ଶୈବ ପୀଠ ଗୁଡିକ ଉତ୍ସବମୁଖର ହୋଇ ପଡିଛି । ଶେରଗଡ଼ ବୁଦ୍ଧେଶ୍ୱର ପୀଠରେ ପାରମ୍ପରିକ ପୂଜା ପରେ ସନ୍ଧ୍ୟାରେ ଏକ ବିରାଟ ପଟୁଆର ସହକାରେ ଠାକୁରଙ୍କ ନଗର ପରିକ୍ରମା ହୋଇଥିଲା । ରାତିରେ ଜଗନ୍ନାଥ ମନ୍ଦିର ସାମନାରେ ହରିହର ଭେଟ ପରେ ଠାକୁର ମନ୍ଦିର ରେ ପହଞ୍ଚି ବା ପରେ



ମଧ ରାତିରେ ମହାଦୀପ ଉଠିଥିଲା । ଠିକ୍ ସେହିପରି ଉଦୟନାଥ, ହରେଶ୍ୱର, ସ୍ୱପ୍ନେଶ୍ୱର, ଲଙ୍ଗଳେଶ୍ୱର, ନାଥେଶ୍ୱର, ବାଲୁଙ୍କେଶ୍ୱର, ଗରୁଡଶ୍ୱର, ପଦ୍ମପୁର, ଗୋବିନ୍ଦପୁର, କୁରୁଳା, ଅଲାରିଗଡ଼, ପିତଳ, ତହଁର, ବ୍ରାହ୍ମଣଛାଇ, ଡେଙ୍ଗାପଦର, ବାରସିଙ୍ଗି, ଲାଉଗୁଡା ସମେତ ଶେରଗଡ଼ ବ୍ଲକ ର ସମସ୍ତ ଶୈବ ପୀଠରେ ମହାଶିବରାତ୍ରୀ ଏବଂ ଜାଗର ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।



**ଛତ୍ରପୁର:** ଛତ୍ରପୁର ସହର ଓ ଅଞ୍ଚଳ ବିଭିନ୍ନ ଶୈବ ପୀଠରେ ମହା ଶିବରାତ୍ରୀ ପାଳିତ ହୋଇଯାଇଛି । ନାମ ସଙ୍କୀର୍ତ୍ତନ, ହୋମ, ପୂଜା ଓ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ମଧ ବ୍ୟବସ୍ଥା ହୋଇଥିଲା । ଭକ୍ତଙ୍କ ମନୋରଞ୍ଜନ ଲାଗି ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଳୁ ଭକ୍ତମାନେ ଭୋରରୁ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ମହାଦୀପ ମନ୍ଦିର ଦର୍ଶନ କରି ଉଜାଗର ପାଳନ କରିଥିଲେ । ଛତ୍ରପୁର ସହରର ଗୌରୀ ଶଙ୍କର, ନୀଳକଣ୍ଠେଶ୍ୱର, ବିରେଶ୍ୱ ର, ବିଶେଶ୍ୱର, ଓ ଅନ୍ୟ ଶୈବ ପୀଠରେ ସୁନ୍ଦରପୁର ର ପ୍ରସିଦ୍ଧ ଶୈବ ପୀଠରେ ସୁନ୍ଦରେ ଶ୍ୱର ପୀଠରେ ପ୍ରତିବର୍ଷ ଭଳି ଏହି ବର୍ଷ ମହା ଆଡ଼ମ୍ବର ରେ ପାଳିତ ହୋଇଯାଇଛି ଏହି ପୀଠରେ ବହୁ ଶ୍ରଦ୍ଧାଳୁ ଭକ୍ତମାନେ ପ୍ରଭୁଙ୍କୁ ଦର୍ଶନ କରିଥିଲେ, ପ୍ରସିଦ୍ଧ ଶକ୍ତି ପୀଠ ମା ରାମଚଣ୍ଡୀ ଙ୍କ ମନ୍ଦିରରେ ରାମେଶ୍ୱର ଙ୍କ ନିକଟରେମହା ଶିବରାତ୍ରି ଅନୁଷ୍ଠିତ ହୋଇଯାଇଛି, ଅଗସ୍ତି ନୂଆଁ ଗାଁ ନିକଟରେ ଥିବା ଓ,ଏସ,ଏ, ପି, ଅଷ୍ଟମ ବାଟା ଲିୟନ୍ ପରିସରରେ ଥିବା ଶ୍ରୀ ଭୀମ ଶଙ୍କର ମହାଦେବ ଙ୍କ ଠାରେ ହୋମ ଯଜ୍ଞ, ନାମ ଓ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି, ଦୂର୍ଗପତି ଶ୍ରୀ ଶାରଦା ପ୍ରସାଦ ଦାସ ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ଅଷ୍ଟମ ବା ଟା ଲିୟନ ରସମସ୍ତ ଅଧିକାରୀ, କର୍ମଚାରୀ ଓ ହାବିଲଦାର ଓ ସିପାହୀ ଶାଖା ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ, ସମସ୍ତ ଶକ୍ତିକୁ ପୀଠରେ ଶ୍ରଦ୍ଧାଳୁ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

**ବାଲିଗୁଡା:** କନ୍ଧମାଳ ଜିଲ୍ଲା ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ମହା ଶିବରାତ୍ରି ଜାଗର ଯାତ୍ରା ଉତ୍ସବ ମହାଆଡମ୍ବର ସହକାରେ ପାଳିତ ହେଉଥିବା ବେଳେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି । ଭୋର ସମୟ ରୁ ହିଁ ଛୋଟ ପିଲାଠାରୁ ବୟସ୍କ ଓ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ବିଭିନ୍ନ ଶିବ ମନ୍ଦିରରେ ଦେଖିବାକୁ ମିଳିଛି । ହର ହର ମହାଦେବ ଏବଂ ଓଁ ନମଃ ଶିବାୟ ଧ୍ୱନିରେ ସାରା ଅଞ୍ଚଳ ପ୍ରକମ୍ପିତ ହେଉଛି । ମନ୍ଦିର ପରିସରରେ ଭଜନ-କୀର୍ତ୍ତନ ଓ ଧୂପ-ଦୀପର ସୁଗନ୍ଧରେ ପରିବେଶ ପବିତ୍ର ହୋଇଉଠିଛି । ଅଞ୍ଚଳର ପ୍ରମୁଖ ଶିବମନ୍ଦିର ଯଥା ବିରୁପାକ୍ଷ ମନ୍ଦିର, ରାମେଶ୍ୱର ମନ୍ଦିର, ଦଣ୍ଡପଦର ଧବଳେଶ୍ୱର ମନ୍ଦିର ଓ ଜାଲେଶପଙ୍କାର ଜଳେଶ୍ୱର ମନ୍ଦିର, ଟିକାବାଲିର ଡୁଙ୍ଗି ସ୍ଥିତ ଶୈବ ପୀଠରେ ସମସ୍ତ ପ୍ରକାର ନୀତିକାନ୍ତି ସହ ଦିନତମାମ ପୂଜାର୍ଚ୍ଚନା ଓ ଅଭିଷେକ



କାର୍ଯ୍ୟ ହୋଇଥିଲା । ଶ୍ରଦ୍ଧାଳୁମାନେ ମହାଦେବଙ୍କୁ ଜଳାଭିଷେକ କରି ଦର୍ଶନ କରିଥିଲେ । ଏହି ପବିତ୍ର ଅବସରରେ କନ୍ଧମାଳ ଜିଲ୍ଲାକୁ ଆସିଥିବା କିଛି ବିଦେଶୀ ଭକ୍ତମାନେ ମଧ ଶ୍ରଦ୍ଧାର ସହ ଶିବ ଆରାଧନା କରୁଥିବା ଦେଖାଯାଇଥିଲା । ଆସ୍ଥା ଓ ବିଶ୍ୱାସ ଅନୁସାରେ ମହାଶିବରାତ୍ରୀରେ ଉପବାସ ରଖି ଜାଗର କରି ଦୀପ ପ୍ରଜ୍ୱଳନ କଲେ ମନୋକାମନା ପୂରଣ ହୁଏ ବୋଲି ଭକ୍ତମାନଙ୍କ ବିଶ୍ୱାସ ରହିଛି । ରାତ୍ରିରେ ମହାଦୀପ ପ୍ରଜ୍ୱଳନ ସହ ଜାଗର ଦୀପ ଜାଳିବା ପାଇଁ ପୂଜା କମିଟି ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯାଇ ଥିଲା । ସନ୍ଧ୍ୟା ସମୟରେ ଭଜନ-କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଶ ଭକ୍ତିମୟ ହୋଇଉଠିଥିଲା । ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପରିଚାଳନା କମିଟି ଓ ପୁଲିସ ବିଭାଗ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

## ବିଭିନ୍ନ ଶୈବପୀଠରେ ମହା ଶିବରାତ୍ରୀ



**ଫୁଲବାଣୀ,୧୫ା୨/ଏନ୍ଏନ୍ଏସ୍:** ଫୁଲବାଣୀ ସହର ତଥା ଆଖପାଖ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଆଜି ମହା ଶିବରାତ୍ରୀ ଉତ୍ସବ ପାଳିତ ହୋଇଛି । ଠାକୁରଙ୍କ ଦର୍ଶନ ପାଇଁ ଶିବ ମନ୍ଦିର ମାନଙ୍କରେ ସକାଳୁ ସକାଳୁ ଶ୍ରଦ୍ଧାଳୁ ମାନଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା । ମନ୍ଦିର ମାନଙ୍କରେ ଶିବରାତ୍ରୀ ଉପଲକ୍ଷେ ବିଭିନ୍ନ ପୂଜାବିଧି ଯଥାରିତି ସମ୍ପନ୍ନ ହୋଇଥିଲା । ସନ୍ଧ୍ୟା ବେଳେ ମନ୍ଦିର ପ୍ରାଙ୍ଗଣ ମାନଙ୍କରେ ହଜାର ହଜାର ସଂଖ୍ୟାରେ ଭକ୍ତ ଦୀପ ଜାଳି ଜାଗର ପାଳିଥିଲେ । ଏ ଅବସରରେ ବିଭିନ୍ନ ଶିବ ମନ୍ଦିରରେ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଥିଲା ।

## ବିପଦସଂକୁଳ ଗର୍ଭବତୀ ମା' ମାନଙ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର



**ଫୁଲବାଣୀ,୧୫ା୨/ଏନ୍ଏନ୍ଏସ୍:** ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କଟପଙ୍ଗାରେ ସାଡୀଙ୍ଗିଆ ଓ ଯାଜସପଙ୍ଗାରେ ଦୁର୍ଗମ ଓ ଅପହଞ୍ଚ ଦୂରରେ ଥିବା ସୁନାରିଦେଇ, କଟପଙ୍ଗା, ବନ୍ଦାଦାନୀ, ସୁମେରୁବନ୍ଧ, ପତଲୀପୀଡ଼ିଆ, କଲାଡି, ସୁଲେ, କିଆଁମୁଣ୍ଡା, ବାଲିଗୋଟା, ଉପର ଦାମିଙ୍ଗିଆ ଓ ପାଙ୍ଗାର ବିପଦ ସଂକୁଳ ଗର୍ଭବତୀ ମା ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ନୂଆପଦର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଛି ସ୍ୱେଚ୍ଛାସେବୀ ସଂଗଠନ ବାଲ ରକ୍ଷା ଭାରତ । ଏହି ସ୍ୱାସ୍ଥ୍ୟ ଶିବିରରେ ୯୩ ରୁ ଉର୍ଦ୍ଧ୍ୱ ବିପଦ ସଂକୁଳ ଓ ଅନ୍ୟାନ୍ୟ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରାଯିବା ସହ ଔଷଧ ଦିଆଯାଇଥିଲା । ନୂଆପଦର ଜନ ସ୍ୱାସ୍ଥ୍ୟ ଅଧିକାରୀଣି ଡ଼ଃ ବନ୍ଦନା ବିନ୍ଧାଣି, ସାଡୀଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜ୍ୟୋତ୍ସ୍ନା ପ୍ରିୟା ମୁଦୁଲି, ବହୁମୁଖୀ ମହିଳା ସ୍ୱାସ୍ଥ୍ୟ କର୍ମୀ ଶୁଭସ୍ମିତା ସାହୁ, ଦିନ ମହମଦ, ଜଗନ୍ନାଥ ପରିଡା, ସମସ୍ତଙ୍କ ଚିକସା କରିଥିବା ବେଳେ ଉପସ୍ଥିତ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲ ରକ୍ଷା ଭାରତର କର୍ମୀ ସଞ୍ଜୟ କୁମାର ରାଉତ, ହୋସନା ଅକ୍ଷତାରୀ, ଦିପ୍ତିମୟୀ ପତି ଓ ଭୂପତି ବେହେରା, ଅଶୋକ ଦିଗାଲ, ନିରୁପମା ତାଣ୍ଡି ଓ ଅଙ୍ଗନବାଡି ଦିଦି ଓ ଆଶା ଦିଦି ସହଯୋଗ କରିଥିଲେ । ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକୁ ଦୁର୍ଗମ ଓ ଅପହଞ୍ଚ ଦୂରରେ ଥିବା ଗର୍ଭବତୀ ମା ମାନଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରାଯାଇଥିବାରୁ ଏହି ଅଭିନବ ପଦକ୍ଷେପକୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସା କରାଯାଇଛି ।

## ଦୁର୍ଘଟଣାରେ ସାମ୍ବାଦିକଙ୍କ ମାତୃ ବିୟୋଗ

**ଫୁଲବାଣୀ,୧୫ା୨/ଏନ୍ଏନ୍ଏସ୍:** ବରିଷ୍ଠ ସାମ୍ବାଦିକ ତଥା ଫୁଲବାଣୀ ପ୍ରେସ କ୍ଲବର ପୂର୍ବତନ ସମ୍ପାଦକ ବୀରେନ୍ଦ୍ର ସୁବୁଦ୍ଧିଙ୍କ ମା ଚିତ୍ରା ସୁବୁଦ୍ଧି(୮୫ ବର୍ଷ )ଙ୍କ ଏକ ସଡକ ଦୁର୍ଘଟଣାରେ ଦୁଃଖଦ ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ, ଶନିବାର ବୀରେନ୍ଦ୍ର ସପରିବାର ଏକ କାରରେ ଭୁବନେଶ୍ୱର ଯାଉଥିବା ବେଳେ ଖଲିକୋଟ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ଏଥିରେ ବୀରେନ୍ଦ୍ରଙ୍କ ସମେତ ତାଙ୍କ ସ୍ତ୍ରୀ, ଭାଇ ଭାଉଜ ଗୁରୁତର ହୋଇଥିବା ବେଳେ ମା'ଙ୍କ ମୁଣ୍ଡରେ ପ୍ରବଳ ଆଘାତ ଲାଗିଥିଲା । ସମସ୍ତଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ । ରବିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ମା'ଙ୍କ ମୃତ୍ୟୁ ହୋଇଛି । ଅନ୍ୟମାନେ ଏବେ ଚିକିତ୍ସିତ ହେଉଛନ୍ତି । ସେ ଫୁଲବାଣୀର ପ୍ରତିଷ୍ଠିତ ବ୍ୟବସାୟୀ ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ସୁବୁଦ୍ଧିଙ୍କ ପତ୍ନୀ । ସୂଚନାଯୋଗ୍ୟ, ମାତ୍ର ୧୪ ଦିନ ତଳେ ଲକ୍ଷ୍ମୀ ନାରାୟଣଙ୍କ ମୃତ୍ୟୁ ହୋଇଥିଲା । ଚିତ୍ରାଙ୍କ ଏଭଳି ଦୁଃଖଦ ମୃତ୍ୟୁରେ ଫୁଲବାଣୀ ସହରରେ ଶୋକର ଛାୟା ଖେଳିଯାଇଛି ।



ପ୍ରଧାନମନ୍ତ୍ରୀ ଜନ୍ ମନ୍ ଗ୍ରାମ ସଡ଼କ ଯୋଜନା

# ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ ଆଣିଲେ ବାସୁଗାଣ୍ଡା ଗ୍ରାମବାସୀ

**କନ୍ଧମାଳ,୧୫ା୨/ଏନ୍ଏନ୍ଏସ୍:** କୁଟିଆ କନ୍ଧ ଆଦିମ ଜନଜାତି ଗ୍ରାମ ଗୁଡିକକୁ ରାସ୍ତା ସଂଯୋଗୀକରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଜନ ମନ ଗ୍ରାମ ସଡ଼କ ଯୋଜନାରେ ବିଭିନ୍ନ ଗ୍ରାମକୁ ରାସ୍ତା ସଂଯୋଗୀକରଣ କାର୍ଯ୍ୟ ଚାଲୁ ରଖିଥିବା ବେଳେ କିଛି ଅସାଧୁ ଠିକାଦାର ଏହାର ସୁଯୋଗ ଉଠାଉଥିବା ତୁମୁଡିବନ୍ଧ ବ୍ଲକ ରେ ଦେଖିବାକୁ ମିଳିଛି । ଏହି ଯୋଜନାରେ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ମୁଣ୍ଡିଗଡ଼ ପଞ୍ଚାୟତର ଏଲ-୦୯୧-ମୁଣ୍ଡିଗଡ଼ ଠାରୁ ବାସୁଗାଣ୍ଡା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁରହିଥିବା ବେଳେ ଏହା ସମ୍ପୂର୍ଣ୍ଣ ଭାବେ ନିମ୍ନ ମାନର କରାଯାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ବାସୁଗାଣ୍ଡା ଗ୍ରାମବାସୀଙ୍କ କହିବା ଅନୁସାରେ ଆମ ଗ୍ରାମକୁ ଭଲ ରାସ୍ତା ନଥିଲା ଯିବା ଆସିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲୁ । ପ୍ରଧାନମନ୍ତ୍ରୀ ଜନ ମନ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଗତ ବର୍ଷ ଠାରୁ ଆମ ଗ୍ରାମକୁ ପିଚୁ ରାସ୍ତା ସଂଯୋଗ ନିମନ୍ତେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହି କାର୍ଯ୍ୟ ଚାଲୁରହିଥିବା ବେଳେ ନିର୍ଦ୍ଧାରିତ ଅଟକଳ ଅନୁସାରେ ମେଟେଲିଙ୍ଗ କରାଯାଇ ନାହିଁ ଯାହା କରାଯାଇଛି ସେହି ଉପରେ ମୋରମ ବଦଳରେ ମାଟି ପକାଯାଇ ପାଣି ପିଆଇ ରୋଲର କରାଯାଉ ନାହିଁ ଫଳରେ ରାସ୍ତାରେ କାଦୁଅ ହୋଇ ଯିବା ଆସିବା କଷ୍ଟ ହେଉଛି ବୋଲି କହିଛନ୍ତି ଗ୍ରାମବାସୀ । ଏହା ସହିତ ବାସୁଗାଣ୍ଡା ଗ୍ରାମ ଠାରୁ ରାସ୍ତାରେ ପିଚୁ କାର୍ଯ୍ୟ ଆରମ୍ଭ ହୋଇଛି କିନ୍ତୁ ପିଚୁ ପଡିବା ସମୟରେ ଯନ୍ତ୍ରୀଙ୍କ ଉପସ୍ଥିତି ଆବଶ୍ୟକ ରହିଥିଲେ ମଧ ସେହି ଚାଲୁ ରହିଥିବା କାର୍ଯ୍ୟ ପାଖକୁ ଯନ୍ତ୍ରୀ ନଯିବା ଗ୍ରାମବାସୀଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହେଉଛି ବୋଲି କହିଛନ୍ତି । ବର୍ତ୍ତମାନ ସେହି ପିଚୁ କାର୍ଯ୍ୟ ନିମ୍ନ ମାନର କରାଯାଉଛି । ରାସ୍ତାରେ ପକାଯାଇଥିବା ପିଚୁ ଗୋଡ଼ରେ ଘଷି ଦେଲେ ବାହାରି ପଡୁଥିବା ବେଳେ ଏଥିରୁ ସ୍ପଷ୍ଟ ଯେ କାମ ନିମ୍ନ ମାନର କରାଯାଉଛି । ଏହି ବାବଦରେ ବସୁଗାଣ୍ଡା ଗ୍ରାମର ବାସୁ ମାଝି କହିଛନ୍ତି ଯେ କାମ ନିମ୍ନ ମାନର କରାଯାଉଛି । କାମ ତଦାରଖ କରିବା ପାଇଁ ବିଭାଗୀୟ ଅଧିକାରୀ ମାନେ କେବେ ଆସନ୍ତି ନାହିଁ । ଏହାର ସୁଯୋଗ ନେଇ ଠିକାଦାର ନିଜଇଚ୍ଛାରେ କାମକରି ଚାଲିଛି । ଆମେ ଏହାକୁ ବିରୋଧ କଲେ ଠିକାଦାର ଆମ କଥାକୁ ଜମା ମାନୁନାହିଁ ବୋଲି କହିଛନ୍ତି । ତେବେ ଏହି କାର୍ଯ୍ୟ ଯେତେବେଳେ ସେହି ସ୍ଥାନରେ ଆରମ୍ଭ ହୋଇଥିବା ସମୟରେ ଯନ୍ତ୍ରୀ ସେହି ସ୍ଥାନରେ କଣ ଉପସ୍ଥିତ ନଥିଲେ ନା ସବୁ ଜାଣିଶୁଣି ଚୁପ ରହୁଛନ୍ତି ତେବେ ଯନ୍ତ୍ରୀ ଏବଂ ଠିକାଦାର ଙ୍କର କିଛି ସମ୍ପର୍କ ରହିଥିବ ବୋଲି ଗ୍ରାମବାସୀ ଏଭଳି ମତ ପ୍ରକାଶ କରିଛନ୍ତି । ଏହି ବାବଦରେ ବିଭାଗୀୟ ଅଧିକାରୀ ଙ୍କୁ ପଚାରିବା ପାଇଁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ କୌଣସି ଉତ୍ତର ମିଳିନଥିଲା ।




‘ଏମସିଏଲ୍ ହୀରାକୁଦ ଇଣ୍ଟରନ୍ୟାସ୍‌ନାଲ୍ ହାଫ୍ ମାରାଥନ୍’ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

# ୨୦୩୬ ଅଲିମ୍ପିକ୍ସ ପାଇଁ ୨୦୨୬ରୁ ପ୍ରୟାସ ଆରମ୍ଭ: ଧର୍ମେନ୍ଦ୍ର



- ଯୁବକ ଦୌଡ଼ିଲେ ଦେଶ ପ୍ରଗତି ପଥରେ ଦୌଡ଼େ
- ସମ୍ବଲପୁରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ

**ହୀରାକୁଦ,ସମ୍ବଲପୁର,୧୫।୨/ଏନ୍‌ଏନ୍‌ଏସ୍:** ମାରାଥନ କେବଳ ଏକ ଦୌଡ଼ ନୁହେଁ, ବରଂ ଏହା ଏକ ଦୃଢ ସଂକଳ୍ପ। ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ, ଆମକୁ ୨୦୨୬ରୁ ହିଁ ଏପରି ପ୍ରୟାସ କରିବାକୁ ହେବ ଯେପରି ସମ୍ବଲପୁର ଏବଂ ଓଡ଼ିଶାର ପ୍ରତିଭାବାନ ପିଲାମାନେ ବିଶ୍ୱସ୍ତରରେ ମେଡାଲ ଜିତିବେ। ରବିବାର ସମ୍ବଲପୁରର ଐତିହାସିକ ହୀରାକୁଦ ଠାରେ ‘ଏମସିଏଲ୍ ହୀରାକୁଦ ଇଣ୍ଟରନ୍ୟାସନାଲ ହାଫ୍ ମାରାଥନ୍ – ୨୦୨୬’ର ଉଦଘାଟନ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ହୀରାକୁଦର ସୁଉଚ୍ଚ ମାଟି ବନ୍ଧ ଉପରେ ଆୟୋଜିତ ଏହି ଭବ୍ୟ ମାରାଥନରେ ଚଳିତ ବର୍ଷ ଦେଶ-ବିଦେଶର ୧୦ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଓ ଯୁବସାଥୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ବିଦେଶରୁ ହଜାର ହଜାର ପ୍ରତିଭାବାନ ଧାବକ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାକୁ ମୁଖ୍ୟତଃ ୨୧ କିମି, ୧୦ କିମି, ୫ କିମି ଏବଂ ୧.୫ କିମି ଭଳି ଚାରୋଟି ଭିନ୍ନ ବିଭାଗରେ ବିଭକ୍ତ କରାଯାଇଥିଲା। ହୀରାକୁଦର ମନୋରମ ପରିବେଶ ମଧ୍ୟରେ ଆୟୋଜିତ ଏହି ଦୌଡ଼ ସମ୍ବଲପୁରର କ୍ରୀଡ଼ା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ବିଶେଷ କରି ଇଥିଓପିଆ ଏବଂ ନାଇଜେରିଆ ଭଳି ଦେଶରୁ ଅନ୍ତର୍ଜାତୀୟ ଖେଳାଳିମାନେ ମଧ୍ୟ ଏଥିରେ ଯୋଗଦେଇ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଏହାକୁ ଆଗାମୀ ଦିନରେ ଜାରି ରଖିବା ପାଇଁ ଯୋଜନା କରାଯିବ। ଏହି ଅବସରରେ ଶ୍ରୀ ପ୍ରଧାନ ମାରାଥନରେ ଭାଗ ନେଇଥିବା ସମସ୍ତ କ୍ରୀଡ଼ାବିତ ଓ ଯୁବସାଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଆୟୋଜକ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ଜିଲ୍ଲା ପ୍ରଶାସନ, ଭାରତ ସରକାର ଓ ଓଡ଼ିଶା ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ଫିଟ୍ ଇଣ୍ଡିଆ ମୁଭମେଣ୍ଟ’ର ଆହ୍ୱାନକୁ ଆଜିର ଏହି ମାରାଥନ୍ ସାର୍ଥକ କରୁଛି। ଯେତେବେଳେ ଜଣେ ଯୁବକ ଦୌଡ଼େ, ସେତେବେଳେ ପୂରା ସମାଜ ଦୌଡ଼େ ଏବଂ ଦେଶ ପ୍ରଗତି ପଥରେ ଦୌଡ଼େ। ପ୍ରତ୍ୟେକ ନାଗରିକଙ୍କୁ ସୁସ୍ଥ ରଖିବା ପାଇଁ ଦୌଡ଼ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ମାରାଥନ୍ କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ଜଣେ କ୍ରୀଡ଼ାବିତ୍‌ର ପ୍ରକୃତ ସ୍ପୋର୍ଟ୍ସ ମ୍ୟାନ ସ୍ପିରିଟ୍ ବା ଖେଳୁଆଡ଼ ମନୋଭାବକୁ ମଧ୍ୟ ପ୍ରଦର୍ଶିତ କରୁଛି। ଏହି ଭବ୍ୟ ଆୟୋଜନ ସମ୍ବଲପୁରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ନୂଆ ଏବଂ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ଏକ ଶକ୍ତିଶାଳୀ ମାଧ୍ୟମ ସାଜିବ। ସମ୍ବଲପୁରର ପରିଚୟ ଆଜି କେବଳ କୃଷିରେ ସୀମିତ ନାହିଁ; ଏହା କୃଷିରୁ ସଂସ୍କୃତି ଏବଂ ପର୍ଯ୍ୟଟନରୁ କ୍ରୀଡ଼ା କ୍ଷେତ୍ରକୁ ବ୍ୟାପିବାରେ ଲାଗିଛି। ଏହି ଅନ୍ତର୍ଜାତୀୟ ମାରାଥନ୍ ମାଧ୍ୟମରେ ବିଶ୍ୱର କୋଣ ଅନୁକୋଣରୁ ଆସିଥିବା ପର୍ଯ୍ୟଟକମାନେ ଆମର ସମୃଦ୍ଧ ସମ୍ବଲପୁରୀ ବସ୍ତ୍ର, କଳା ଏବଂ ନିଆରା ଆତିଥ୍ୟକୁ ଅନୁଭବ କରିବାର ସୁଯୋଗ ପାଇବେ। ମା’ ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ଏହି ପ୍ରୟାସ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏବଂ ଭାରତର ସମ୍ମାନକୁ ଆହୁରି ମଜବୁତ୍ କରିବ। ଶେଷରେ ସେ କହିଛନ୍ତି ଯେ ଭାରତ ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି କରୁଥିବା ବେଳେ, ୨୦୨୬ରୁ ହିଁ ଓଡ଼ିଶାର ପ୍ରତିଭାବାନ ପିଲାମାନେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ।

ଉଲ୍ଲେଖନୀୟ ଯେ, ଏହି ମାରାଥନରେ ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରତିଯୋଗୀମାନେ ସାମିଲ ହୋଇଥିଲେ। ରାଜ୍ୟ ବାହାରୁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ଛତିଶଗଡ଼, ବିହାର, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ହରିୟାଣା, ରାଜସ୍ଥାନ, ମଧ୍ୟ ପ୍ରଦେଶ, ତେଲେଙ୍ଗାନା, ଗୁଜରାଟ, ଦିଲ୍ଲୀ, କର୍ଣ୍ଣାଟକ, ପଞ୍ଜାବ, ଆସାମ, ଉତ୍ତରାଖଣ୍ଡ, କେରଳ, ତାମିଲନାଡୁ, ମେଘାଳୟ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଜମ୍ମୁ ଓ କାଶ୍ମୀରର ଧାବକ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। ଆନ୍ତର୍ଜାତୀୟ ସ୍ତରରେ ଏହି ମାରାଥନର ଦୃଶ୍ୟପଟ୍ଟ ବେଶ୍ ପ୍ରଭାବଶାଳୀ ରହିଥିଲା, ଯେଉଁଥିରେ କେନିଆ, ଇଥିଓପିଆ, ନାଇଜେରିଆ, ନେପାଳ, ଶ୍ରୀଲଙ୍କା, ଭୁଟାନ, ଜାମ୍ବିଆ, କଙ୍ଗୋ, ୟେମେନ ଏବଂ ସିରିଆ ଭଳି ବିଦେଶୀ ରାଷ୍ଟ୍ରର ଧାବକମାନେ ଅଂଶଗ୍ରହଣ କରିଥିଲେ। ବିଜୟୀ ପ୍ରତିଯୋଗୀଙ୍କୁ ଶ୍ରୀ ପ୍ରଧାନ ପୁରସ୍କୃତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ରବି ନାୟକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଏବଂ ଯୁବସେବା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମେତ ପଦ୍ମଶ୍ରୀ ବିଜେତା ଏବଂ ଗଣମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ହୀରାକୁଦର ମହାନଦୀରେ ବୋଟିଂ କରିଥିଲେ।













ଜାଗର ଉପଲକ୍ଷେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରର ଦୃଶ୍ୟ

# ସନ୍ଥକବି ଭୀମଭୋଇଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୧୫।୨/ଏନ୍‌ଏନ୍‌ଏସ୍:** ସନ୍ଥକବି ଭୀମଭୋଇଙ୍କ ଶ୍ରାଦ୍ଧ ଦିବସ ଅବସରରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସନ୍ଥକବିଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସନ୍ଥକବି ଭୀମଭୋଇ କେବଳ ଜଣେ ମହାନ କବି ବା ସନ୍ଥ ନ ଥିଲେ, ସେ ଥିଲେ ସାମାଜିକ ନ୍ୟାୟର ଶକ୍ତିଶାଳୀ ସ୍ୱର। ଅତ୍ୟନ୍ତ ସରଳ ଓ ସାବଲୀଳ ଭାଷାରେ ଭଜନ ଓ ଚଉତିଶା ମାଧ୍ୟମରେ ସେ ମାନବିକତା, ସରଳତା ଓ ସାମାଜିକ ସମାନତାର ବାର୍ତ୍ତା ପ୍ରଦାନ କରିଛନ୍ତି। ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁ ଦେଖୁ କିବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ, ଏହି ମହାନ ଚିନ୍ତାଧାରା ଆଜି ସନ୍ଥକବିଙ୍କୁ ବିଶ୍ୱବିଦିତ କରିଛି। ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ଼ା. ବିଜୟ କେତନ ଉପାଧ୍ୟାୟ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ସନ୍ଥକବି ଭୀମଭୋଇଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

୧୭ରେ ବିଜେପି ବୈଠକ

# ନୂଆ ବିଧାୟକ, କାର୍ଯ୍ୟକର୍ତ୍ତା ନେବେ ପ୍ରଶିକ୍ଷଣ

**ଭୁବନେଶ୍ୱର,୧୫।୨/ଏନ୍‌ଏନ୍‌ଏସ୍:** ଆସନ୍ତା ୧୭ରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ନୂଆ ବିଧାୟକ, ନୂଆ କର୍ଯ୍ୟକର୍ତ୍ତା ନେବେ ପ୍ରଶିକ୍ଷଣ। ଏନେଇ ସୂଚନା ଦେଇଛନ୍ତି ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ। ଦଳୀୟ ସଂଗଠନକୁ ସୁଦୃଢ କରିବା ସହ ପଞ୍ଚାୟତ ପୂର୍ବରୁ ସଂଗଠନ ସଜାଡ଼ିବା ପାଇଁ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ସବୁ ସ୍ତରରେ ପ୍ରଶିକ୍ଷଣ ଶିବିର ହେବ। ଏଥର ଭିନ୍ନ ଧରଣର ହେବ। ପ୍ରଥମେ ରାଜ୍ୟ ଏବଂ ପରେ ଜିଲ୍ଲା ପରେ ୨୫ ତାରିଖରେ ଜୋନାଲ ସ୍ତରୀୟ ଶିବିର ଆୟୋଜନ କରାଯାଇଛି। ଝାଡ଼ଖଣ୍ଡ, ସିକ୍କିମ, ଆଣ୍ଡାମାନ ସମେତ ପୂର୍ବାଞ୍ଚଳ ରାଜ୍ୟର ବିଜେପି ନେତା ଯୋଗ ଦେବେ। ପଶ୍ଚିମବଙ୍ଗରେ ନିର୍ବାଚନ ଯୋଗୁଁ ସେ ରାଜ୍ୟର ପ୍ରତିନିଧି ଜୋନାଲ ପ୍ରଶିକ୍ଷଣ ଶିବିରରେ ଯୋଗ ଦେବେ ନାହିଁ। ଜୋନାଲ ପ୍ରଶିକ୍ଷଣ ଶିବିରରେ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଓଡ଼ିଶା ଆସିବା ନେଇ ତାରିଖ ନିର୍ଦ୍ଧାରିତ ହୋଇ ନାହିଁ । ତେବେ ନୀତିନ ନବୀନ ଖୁବଶୀଘ୍ର ଓଡ଼ିଶା ଆସିବେ ବୋଲି ମଧ୍ୟ କହିଛନ୍ତି ମନମୋହନ ସାମଲ ।



# ଏକାମ୍ର କ୍ଷେତ୍ର ପ୍ରକଳ୍ପକୁ ନେଇ ବିଜେପି-ବିଜେଡି ମୁହାଁମୁହିଁ





**ଭୁବନେଶ୍ୱର,୧୫।୨/ଏନ୍‌ଏନ୍‌ଏସ୍:** ନୂଆ ରୂପ ନେବ ଏକାମ୍ର କ୍ଷେତ୍ର। ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏକାମ୍ର ହେରିଟେଜ୍ ପ୍ରକଳ୍ପ ସରିବାକୁ ଲକ୍ଷ୍ୟ ରଖାଯାଇଛି। ନୂଆ କରି ଏକ ଇଣ୍ଟରପ୍ରିଟେସନ ସେଣ୍ଟର କରାଯିବାର ପ୍ରସ୍ତାବ ଅଛି। ଯାହା ପାର୍କିଂ ସେଣ୍ଟରର ଶେଷ ଆଡୁକୁ ହେବ। ସେଠାରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଏକ ବିରାଟ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ। ସେହିପରି ବିନ୍ଦୁ ସାଗରର ଏକ ସୁନ୍ଦର ହେରିଟେଜ୍ ହ୍ରଦ କରାଯିବ। ଯେହେତୁ ଏହି ଦୁଇଟି ନୂଆ ପ୍ରକଳ୍ପ ମିଶିଛି, ବଜେଟ୍ ଆହୁରି ବଢ଼ିବ। ଅତିରିକ୍ତ କାମ ପାଇଁ ବଜେଟର କିଛି ଅସୁବିଧା ହେବନି। ପୁରୁଣା ଏଜେନ୍ସି କାମ କରିବାକୁ ଚାହିଁଲା ନାହିଁ। ତେଣୁ ନୂଆ ଏଜେନ୍ସି ଏହି କାମ କରିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ଦେଇଛନ୍ତି।

ସେପଟେ ପୂର୍ବତନ ଏକାମ୍ର ବିଧାୟକ ଅଶୋକ ପଣ୍ଡା ଆଇନ ମନ୍ତ୍ରୀଙ୍କ ପ୍ରତିକ୍ରିୟାର ଜବାବ ଦେଇଛନ୍ତି। ସେ ଆଇନ ମନ୍ତ୍ରୀଙ୍କୁ କଟାକ୍ଷ କରିଛନ୍ତି। ସେ ତାଙ୍କ ନଥିପତ୍ର ଠିକ୍ ଭାବେ ତନଖି କରି ଦେଖିବେ ଆଉ ତାଙ୍କ ଅଫିସରମାନଙ୍କୁ ପଚାରିବେ। ନବୀନ ପଟ୍ଟନାୟକ ସରକାର ସମୟରେ ଦୁଇଟି ବ୍ୟାଖ୍ୟାନ କେନ୍ଦ୍ର ପାଇଁ ଅନୁମୋଦନ ମିଳିଥିଲା। ପର୍ଯ୍ୟଟନ ବିଭାଗ ପକ୍ଷରୁ ଅର୍ଥ ବ୍ୟୟ ବରାଦ ହେବା ସହ କାମ ମଧ୍ୟ ଆରମ୍ଭ ହୋଇଥିଲା। ଗୋଟିଏ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବେଶ ସମ୍ପର୍କ ଓ ଅନ୍ୟଟି ଲିଙ୍ଗରାଜ ମନ୍ଦିର ସମ୍ମୁଖ ବ୍ୟାଖ୍ୟାନ କେନ୍ଦ୍ର ପାଇଁ ୫ କୋଟି ଅନୁମୋଦନ ହୋଇଥିଲା। ଯେବେ ଏକାମ୍ର ପ୍ରକଳ୍ପ ଆରମ୍ଭ ହେଲା ସେତେ ବେଳେ ଏଏସ୍‌ଆଇ ଅନୁମତି କ୍ରମେ ଏହି ବ୍ୟାଖ୍ୟାନ କେନ୍ଦ୍ରକୁ ହଟା ଯାଇ ଏକାମ୍ର ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଆଇନ ମନ୍ତ୍ରୀ ଯାହାକୁ କହିଛନ୍ତି ନୂଆ କରି ବ୍ୟାଖ୍ୟାନ କେନ୍ଦ୍ର ଅନ୍ତର୍ଭୁକ୍ତ କରାଯାଇଛି। ତାହ ସମ୍ପୂର୍ଣ୍ଣ ଭ୍ରମାତ୍ମକ ଓ ଭ୍ରାନ୍ତି ତଥ୍ୟ ଉପରେ ଆଧାରିତ ନୁହେଁ। ମୁଁ ସେଥିପାଇଁ କହୁଛି ସେ ତାଙ୍କ ଅଧିକାରୀମାନଙ୍କୁ ପଚାରନ୍ତୁ। କିଛି ମତାମତ ଦେବା ପୂର୍ବରୁ ନଥିପତ୍ର ସଠିକ୍ ଭାବେ ପରୀକ୍ଷା ନିରୀକ୍ଷା କରି ଦିଅନ୍ତୁ। ସବୁ କାର୍ଯ୍ୟ ପୂର୍ବ ସରକାର ଖରାପ ବୋଲି ମନ୍ତବ୍ୟ ଦେବା ତାହା ଦୁର୍ଭାଗ୍ୟ ଜନକ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

# ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ କିସ୍‌ର ୨୧୦୦ ଛାତ୍ରଛାତ୍ରୀ



**ଭୁବନେଶ୍ୱର,୧୫।୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଥର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନସେସ (କିସ୍)ରୁ ରେକର୍ଡ଼ ସଂଖ୍ୟକ ୨୧୦୦ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ। କୌଣସି ଏକ ବିଦ୍ୟାଳୟରୁ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାରେ କିସ୍ ହେଉଛି ଓଡ଼ିଶା ତଥା ସମଗ୍ର ଭାରତରେ ଏକମାତ୍ର ବିଦ୍ୟାଳୟ। କିସ୍‌ର ସର୍ବାଧିକ ୧୧୦୦ ଛାତ୍ରୀ ଓ ୧୦୦୦ ଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ଏହି ସମସ୍ତ ମାଟ୍ରିକ ପରୀକ୍ଷାର୍ଥୀ ଭୁବନେଶ୍ୱର ଚାରୋଟି ପରୀକ୍ଷା କେନ୍ଦ୍ର ଆଇଆରସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୪ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିଳାଦ୍ରୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ ଆଇଆରସି ଭିଲେଜ ଏସ୍‌ବିଜି ବିଦ୍ୟାମନ୍ଦିରରେ ପରୀକ୍ଷା ଦେବେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଉଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଜି ପେନ୍ ବଣ୍ଟନ କରିବା ସହ କିଭଳି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେ ନେଇ ପରାମର୍ଶ ଦେଇଥିଲେ।

**ସର୍ବଭାରତୀୟ ସ୍ତରରେ ସର୍ବାଧିକ**

ସୂଚନାଯୋଗ୍ୟ କିସ୍ ପ୍ରତିଷ୍ଠା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ପ୍ରତି ବର୍ଷ ମାଟ୍ରିକ ପରୀକ୍ଷାରେ କିସ୍ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛି। ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା ନିମନ୍ତେ କିସ୍ ପକ୍ଷରୁ ୮୦ରୁ ଊର୍ଦ୍ଧ୍ୱ ବସ୍ ବନ୍ଦୋବସ୍ତ କରାଯାଇଛି।

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ପରିବହନ ପ୍ରକଳ୍ପର ସମୀକ୍ଷା

# ଆଞ୍ଚଳିକ ସଂଯୋଗୀକରଣକୁ ଗୁରୁତ୍ୱ




**ଭୁବନେଶ୍ୱର,୧୫।୨/ଏନ୍‌ଏନ୍‌ଏସ୍:** ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ବିଭାଗର ଦାୟିତ୍ୱ ଗ୍ରହଣ କରିବା ପରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଗସ୍ତ କରି ପ୍ରମୁଖ ବିମାନ ଚଳାଚଳ ଏବଂ ପରିବହନ ପ୍ରକଳ୍ପଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି। ଶ୍ରୀ ରାଜପୁତ ଉତ୍କେଳା ବିମାନବନ୍ଦର, ଜୟପୁର ବିମାନବନ୍ଦର ସମେତ ନବରଙ୍ଗପୁର ଓ ଭବାନୀପାଟଣାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଉତ୍କେଳା ବିମାନବନ୍ଦରରେ ସେ ବିମାନ ଚଳାଚଳ ପାଇଁ ପ୍ରସ୍ତୁତି, ଯାତ୍ରୀଙ୍କ ପାଇଁ ଥିବା ସୁବିଧା ଏବଂ ରନ୍-ୱେ ସମ୍ପ୍ରସାରଣ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। କେବିକେ ଅଞ୍ଚଳରେ ଆକାଶପଥରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରି ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ସେହିପରି ଜୟପୁର ବିମାନବନ୍ଦର ଗସ୍ତ କରି ଶ୍ରୀ ରାଜପୁତ ସେଠାକାର ଭିତ୍ତିଭୂମି ବିକାଶ, ସୁରକ୍ଷା ବ୍ୟବସ୍ଥା ଓ ଯାତ୍ରୀ ସେବାର ତଦାରଖ କରିବା ସହ ସ୍ଥାନୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସାଧାରଣ ଲୋକଙ୍କୁ ଶସ୍ତା ଏବଂ ନିର୍ଭରଯୋଗ୍ୟ ବିମାନ ସେବା ଯୋଗାଇ ଦେବା ପାଇଁ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବିମାନ ସେବା ବ୍ୟତୀତ ସଡ଼କ ପରିବହନରେ ସଂସ୍କାର ଆଣିବା ଲକ୍ଷ୍ୟରେ ପ୍ରମୁଖ ଶାସନ ସଚିବ ଭବାନୀପାଟଣାସ୍ଥିତ ଓଏସ୍‌ଆର୍‌ଟିସି ଡିପୋ ଓ ବସଷ୍ଟାଣ୍ଡ ସମେତ ନବରଙ୍ଗପୁରରେ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧାର ସମୀକ୍ଷା କରିଥିଲେ। ବସଷ୍ଟାଣ୍ଡଗୁଡ଼ିକରେ ସ୍ୱଚ୍ଛତା, ଡିଜିଟାଲ୍ ଟିକେଟିଂ ଓ ବସ ଚଳାଚଳର ସଠିକ୍ ସମୟାନୁବର୍ତ୍ତିତା ସୁନିଶ୍ଚିତ କରିବା ସହ ଦୂରଦୂରାନ୍ତ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ବିଶେଷ ରୂପେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ରାଜସ୍ୱ ଆଦାୟ ସ୍ଥିତିର ଅନୁଧ୍ୟାନ କରିବା ସହ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ଡିଜିଟାଲ୍ ପ୍ରଣାଳୀର ବ୍ୟାପକ ଉପଯୋଗ ଓ ଯାଞ୍ଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ସେ କହିଛନ୍ତି। ରାଜ୍ୟରେ ଉଭୟ ବିମାନ ଏବଂ ସଡ଼କ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସରକାରଙ୍କ ପ୍ରାଥମିକତା ବୋଲି ଉଲ୍ଲେଖ କରି ଶ୍ରୀ ରାଜପୁତ କହିଛନ୍ତି ଯେ, ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ହିଁ ଆଞ୍ଚଳିକ ବିକାଶ, ପର୍ଯ୍ୟଟନ ଓ ଜନସାଧାରଣଙ୍କ ପାଇଁ ସବୁ ପ୍ରକାର ସେବାକୁ ସହଜ କରିବ। ଏହି ଗସ୍ତ ସମୟରେ ତାଙ୍କ ସହ ବିଭାଗର ବରିଷ୍ଠ ପଦାଧିକାରୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜାଗର ପାଇଁ ଚଳଚଞ୍ଚଳ ଶୈବପୀଠ

**ପୁରୀ,୧୫।୨/ଏନ୍ଏନ୍ଏସ୍:** ପବିତ୍ର ମହାଶିବରାତ୍ରି ବା ଜାଗର ଯାତ୍ରା ଅବସରରେ ଶ୍ରୀକ୍ଷେତ୍ରର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ମନ୍ଦିର ଚଳଚଞ୍ଚଳ ହୋଇଉଠିଛି। 'ଓଁ ନମଃ ଶିବାୟ' ଏବଂ 'ହର ହର ମହାଦେବ' ଧ୍ୱନିରେ ସମଗ୍ର ଜାଗରପଦା ଅଞ୍ଚଳ ପ୍ରକମ୍ପିତ ହେଉଥିବା ବେଳେ ହଜାର ହଜାର ଭକ୍ତ ବାବାଙ୍କ ଦର୍ଶନ ପାଇଁ ଲମ୍ବା ଲାଇନରେ ଅପେକ୍ଷା କରିଛନ୍ତି। ଗତକାଲି ବିଳମ୍ବିତ ରାତି ୧୨ଟା ୩୦ ମିନିଟ୍‌ରେ ଦ୍ୱାର ଫିଟାଯିବା ପରେ ମଙ୍ଗଳ ଆଳତି, ଅବକାଶ ଏବଂ ସୂର୍ଯ୍ୟ ପୂଜା ନୀତି ସମ୍ପନ୍ନ ହୋଇଥିଲା। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ପ୍ରାୟ ଏକ ଘଣ୍ଟା ପୂର୍ବରୁ ଅର୍ଥାତ୍ ଭୋର ୪ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଛି। ସନ୍ଧ୍ୟାରେ ଜାଗର ଦୀପ ଜାଳିବା ପାଇଁ ଶ୍ରୀଲୋକନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଛି। ରାତି ୧୦ଟାରେ ସର୍ବସାଧାରଣ ଦର୍ଶନ ବନ୍ଦ ହେବା ପରେ ବିଭିନ୍ନ ଗୁପ୍ତ ନୀତି ହୋଇଛି ଏବଂ ରାତି ୨ଟାରେ 'ହରିହର ଭେଟ' ନୀତି ସମ୍ପନ୍ନ ହୋଇ ଶେଷରେ ରାତି ୩ଟାରୁ ୪ଟା ମଧ୍ୟରେ ମହାଦୀପ ଉଠିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ପାଇଁ ପୁରୀ ଏସପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ସୁରକ୍ଷା ବାହିନୀରେ ୧ ଅତିରିକ୍ତ ଏସପି, ୬ ଡିଏସପି, ୧୬ ଇନ୍ସପେକ୍ଟର, ୬୫ ଏସଆଇ/ଏଏସଆଇ, ୩୨ ସେକ୍ସନ୍ ସଶସ୍ତ୍ର ବାହିନୀ ଏବଂ ୧୬୮ ହୋମଗାର୍ଡ ନିୟୋଜିତ ଅଛନ୍ତି। ସେହିପରି ଟ୍ରାଫିକ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଆରକ୍ଷୀଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି। ସାଧାରଣ ଦର୍ଶନ ବ୍ୟତୀତ ଟିକେଟ ମାଧ୍ୟମରେ ସ୍ୱତନ୍ତ୍ର ଦର୍ଶନର ବ୍ୟବସ୍ଥା ହୋଇଛି। ଜିଲ୍ଲା ପ୍ରଶାସନ ଓ ଲୋକନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ସମସ୍ତ ପରିଚାଳନା କାର୍ଯ୍ୟକୁ ତଦାରଖ କରୁଛନ୍ତି। ସନ୍ଧ୍ୟାରେ ମନ୍ଦିର ଚତୁରପାର୍ଶ୍ୱ ଦୀପାଲୋକରେ ଝଲସି ଉଠିଥିବା ବେଳେ ବାବାଙ୍କୁ ଦର୍ଶନ କରି ଭକ୍ତମାନେ ନିଜକୁ ଧନ୍ୟ ମନେ କରିଛନ୍ତି।



**ମୁଣ୍ଡମୁହାଣ:** ଆଜି ପବିତ୍ର ମହାଶିବରାତ୍ରି ଅବସରରେ ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳର ସମସ୍ତ ଶୈବପୀଠ ଭଜନ କିର୍ତ୍ତନରେ କମ୍ପି ଉଠିଛି। ଭୋର ପ୍ରାୟ ୪ଟା ବେଳୁ ସମସ୍ତ ମନ୍ଦିରର ପହଡ ଖୋଲାହେବା ପରେ ୫ଟା ସୁଧା ଠାକୁରଙ୍କ ସମସ୍ତ ନିତିକାନ୍ତି ଶେଷ ହୋଇଥିଲା। ଜାଗର ଉପାସକମାନେ ମନ୍ଦିରରେ ଧାଡିରେ ଯାଇ ମହାଦେବଙ୍କ ଦର୍ଶନ ଲାଭ କରିଥିଲେ। ଆଜି ସକାଳୁ ସମସ୍ତ ଶିବ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିରହିଥିଲା। ଦିନ ତମାମ ଶ୍ରଦ୍ଧାଳୁମାନେ ମନ୍ଦିରରେ ଶିବ ଦର୍ଶନ କରିବା ସହ ସଂଧ୍ୟାରେ ଦୀପ ଜାଳି ମହାଦୀପ ଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ପ୍ରାୟ ସବୁ ଶିବ ମନ୍ଦିରରେ ରାତି ୧୦ ରୁ ସାଢ଼େ ଦଶ ଭିତରେ ମହାଦୀପ ଉଠିଥିଲା। ଶ୍ରଦ୍ଧାଳୁମାନେ ମନ୍ଦିର ପରିସରରେ ସୁବିଧା ସ୍ଥାନରେ ଦୀପ ଜାଳି ଶିବ ଆରାଧନା କରିଥିଲେ। ଯେପରି ଦୀପ ନିଆଁରେ କାହାର କିଛି କ୍ଷୟକ୍ଷତି ନହେବ ସେଥିପ୍ରତି ସମସ୍ତ କମିଟି ସଦସ୍ୟମାନେ ଭକ୍ତମାନଙ୍କୁ ସଚେତନ କରିଥିଲେ। ସବୁ ଶୈବପୀଠ ସୁସଜ୍ଜିତ ଆଲୋକ ମାଳାରେ ସଜାଯାଇଛି। ସବୁଠାରେ ଏହି ଅବସରରେ ବିଭିନ୍ନ ଶୈବ ପୀଠରେ ଭିନ୍ନ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଣ୍ଡମୁହାଣ ଗ୍ରାମେଶ୍ୱର ମନ୍ଦିରରେ ଭଜନ ସମାରୋହ ସହ ଶ୍ରଦ୍ଧାଳୁମାନଙ୍କ ପାଇଁ ମହାଦୀପ ଉଠିବା ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେହିଭଳି ଯାଁଳା ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ୭ ଦିନ ବ୍ୟାପି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞର ଆଜି ମହାଶିବରାତ୍ରିରେ ପୁର୍ଣ୍ଣାହୁତି ଦିଆଯାଇଥିଲା। ସେହିଭଳି ବଡ଼ରଘୁନାଥପୁର ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଜାଗର ଉପଲକ୍ଷେ ଭଜନ ସମାରୋହ ଓ ଆଜିଠାରୁ ୭ଦିନ ବ୍ୟାପି ବାଦିପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ସହ ସେଠାରେ ମଧ୍ୟ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ନଁପୁଟ ଶିବ ମନ୍ଦିର, ଗଙ୍ଗପଡ଼ା ଗଙ୍ଗେଶ୍ୱର ମନ୍ଦିର , ମଦନପୁର, ଛତାବର ଆଦି ଶୈବପୀଠରେ ଆଜି ଜାଗର ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି।

**ମାହାଙ୍ଗା:** ମାହାଙ୍ଗା ବ୍ଲକର ୩୭ଟି ପଞ୍ଚାୟତରେ ଥିବା ଶୈବପୀଠଗୁଡ଼ିକରେ ଜାଗର ଯାତ୍ରା ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ଶ୍ରୀ ତ୍ରିବେଣୀଶ୍ୱର ମନ୍ଦିର ଉନ୍ନୟନ ଓ ପରିଚାଳନା ସମିତି ପକ୍ଷରୁ ତ୍ରିବେଣୀଶ୍ୱର ମନ୍ଦିରରେ ଜାଗର ଯାତ୍ରା ଧୁମ୍‌ଧାମ୍‌ରେ ପାଳିତ ହେଉଥିବାବେଳେ ଜଳେଶ୍ୱରପୁର ପଞ୍ଚାୟତର ରାମେଶ୍ୱର ମହାଦେବ ପୀଠ, ଅନନ୍ତେଶ୍ୱର ମହାଦେବ ପୀଠ, ଅଡମ ଅମରେଶ୍ୱର, ପଣସପୁରରେ ଈଶାଣେଶ୍ୱର ମହାଦେବ ପୀଠ, ଅସୁଲେଶ୍ୱର ମହାଦେବ ପୀଠ, ଶ୍ରୀ ଶ୍ରୀ ବୀର ଭଦ୍ରେଶ୍ୱର ପୀଠ, ନାହାଙ୍ଗ ଅମରନାଥ, ଶୁକ୍ଳେଶ୍ୱର ମହାଦେବ ପୀଠ, ପଲ୍ଲିସାହି କେଦାରେଶ୍ୱର, କୋଳିଅଠା ହରିହର ପୀଠ, କଣ୍ଟିକିଆରୀ ଅଲାରେଶ୍ୱର, କାହ୍ନପୁର ମହାଦେବ ପୀଠ, ପଶୁଲୁଣ୍ଡା ଚନ୍ଦ୍ରଶେଖର ପୀଠ, କୁରୁଜଙ୍ଗା ମହାଦେବ ପୀଠ, ଆପିଲୋ ମହାଦେବ ପୀଠ, ପ୍ରହରାଜପୁର ମହାଦେବ ପୀଠ, ଉଷୁମା ଗୋକର୍ଣ୍ଣେଶ୍ୱର, ହଂସଦିଆ ସ୍ୱପ୍ନେଶ୍ୱର, ଆଖଣ୍ଡଳମଣୀ, ବାଲୁଙ୍କେଶ୍ୱର, କୁହୁଣ୍ଡା ସ୍ୱପ୍ନେଶ୍ୱର, ନନ୍ଦକିଶୋରପୁର ମହାଦେବ ପୀଠ, ସମସରପୁର ସୋମେଶ୍ୱର, ଓଳକଣା ମହାଦେବ ପୀଠ, ମଣିଯୋରୀ ସୁନ୍ଦରେଶ୍ୱର ଓ ଏରକଣା ଟୋଲଙ୍କେଶ୍ୱର, ଲକ୍ଷ୍ମୀନାରାୟଣପୁର ମହାଦେବ ପୀଠରେ ଯଥାରିତି ଅନୁଯାୟୀ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଜନ କୀର୍ତ୍ତନ, ନାମଯଜ୍ଞ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



**ନୟାହାଟ:** ଗୋପ ବ୍ଲକର ନୟାହାଟ ଅଞ୍ଚଳରେ ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା ପାଳିତ ହୋଇଛି। ଶିଙ୍ଗ ପାନିଆଁ, ପଲ୍ଲି ଛକ, ବାଉଲଙ୍ଗ, ଦେସୁଣ୍ଠୀ, ମୁରୁଡ଼ା, ଯୋଗେଶ୍ୱରପୁର, ପାଞ୍ଚେଣା, ତିରୁଣା, ସମା, ପାଇକ ସାଇ, ସୁଆର, ଅରେଇ ପ୍ରଭୃତି ଗ୍ରାମରେ ଥିବା ଶୈବପୀଠଗୁଡ଼ିକରେ ଭକ୍ତମାନେ ଦୀପ ଜାଳି ନିଜର ମାନସିକ ପୂରଣ ପାଇଁ ଠାକୁରଙ୍କ ନିକଟରେ ଗୁହାରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଜାଗର ଓଷା କରି ଦିନସାରା ଉପାସ ରହି ଦୀପ ଜାଳି ଭକ୍ତମାନେ ନିଜର ମାନସିକ ପୂରଣ ପାଇଁ ଠାକୁରଙ୍କ ନିକଟରେ ଉଜାଗର ରହି ନିବେଦନ କରୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି।



**ଓଡ଼ଗାଁ:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଜାମୁପାଟଣା ସ୍ଥିତ ଶୂଳିଆପାହାଡ଼ ପାଦଦେଶରେ ବିରାଜିତ ବାବା ଦୂତୀକେଶ୍ୱର ମହାଦେବଙ୍କ ପୀଠରେ ମହାଶିବରାତ୍ରି ଉପଲକ୍ଷେ ସ୍ଥାନୀୟ ଗାୟତ୍ରୀ ବିଦ୍ୟାମନ୍ଦିର ମଶାବରୀ ଆନୁକୂଲ୍ୟରେ ୨୯ତମ ସାମୂହିକ ପ୍ରଦୀପ ପ୍ରଜ୍ୱଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ଅନନ୍ୟ ଶୈବପୀଠ ଭାବରେ ପ୍ରସିଦ୍ଧି ଲାଭକରିଥିବା ପ୍ରକୃତିର ସବୁଜିମା ପାହାଡ଼ କୋଳରେ ଆବିର୍ଭାବ ହୋଇଥିବା ଦିବ୍ୟଶକ୍ତିର ଆଧାର ପର୍ଶ୍ଚିମାମୁଖୀ ଶ୍ରୀଲିଙ୍ଗ ଦର୍ଶନପାଇଁ ଏବଂ ଜାଗର ଜାଳିବା ନିମନ୍ତେ ୧୫ ହଜାରରୁ ଉର୍ଦ୍ଧ୍ୱ ମାନସିକଧାରୀଙ୍କ ସମାଗମ ହୋଇଥିଲା। ପ୍ରଦୀପ ପ୍ରଜ୍ୱଳନ ଦ୍ୱାରା ମନ୍ଦିର ପ୍ରାଙ୍ଗଣ ରଙ୍ଗବେରଙ୍ଗ ଆଲୋକରେ ଆଲୋକିତ ହୋଇଥିଲା। ପ୍ରତିବର୍ଷ ପରି ମନ୍ଦିର ସାମ୍ନାରେ ଥିବା ପୁଷ୍କରିଣୀର ଚତୁଃପାର୍ଶ୍ୱରେ ପ୍ରଜ୍ୱଳିତ ପ୍ରଦୀପଗୁଡ଼ିକ ମାନସିକଧାରୀଙ୍କ ମନରେ ଆଧାତ୍ମିକ ଭାବନା ଏବଂ ଆନନ୍ଦଭାବ ସୃଷ୍ଟି କରୁଥିଲା। ମାଜଣା ପରେ କ୍ଷୀରରେ ରୁଦ୍ରାଭିଷେକ କରାଯାଇ ଜଳସ୍ନାନ କରାଯାଇଥିଲା। ରାତି ୧୧ଟାରେ ମହାଦୀପ ମନ୍ଦିରକୁ ଉଠିଥିଲା। ପ୍ରଭୁଙ୍କ ଚଳନ୍ତି ପ୍ରତିମା ବିମାନରେ ବିଜେକରି ବେଢ଼ା ପରିକ୍ରମା କରିଥିଲା। ଘଣ୍ଟ, ଘଣ୍ଟା, ମର୍ଦ୍ଦଳ ମହୁରୀ ବାଜିବା ସହିତ ମାନସିକଧାରୀଙ୍କ ହରିବୋଲ ହୁଳହୁଳି ଶବ୍ଦରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି ଓ ଓଡ଼ଗାଁ ଆଦର୍ଶଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଅନୁରୂପ ଭାବେ କୁରାଳ ବିଜେ ଶ୍ରୀଶ୍ରୀ ଚଣ୍ଡେଶ୍ୱରଙ୍କ ପୀଠରେ ୩ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ପ୍ରଦୀପ ପ୍ରଜ୍ୱଳନରେ ପୁରା ପରିବେଶ ଭକ୍ତିମୟ ସୃଷ୍ଟି ହୋଇଥିଲା। ଯୁବଗୋଷ୍ଠୀ ପକ୍ଷରୁ ଦହି ଓ ମିଠାପଣା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଓଡ଼ଗାଁର ଶ୍ରୀରଘୁନାଥ ଜିଉ ମନ୍ଦିରରେ ମଧ୍ୟ ଜାଗରପର୍ବ ଅନୁଷ୍ଠିତ ହୋଇଯାଇଛି। ନୀତିକାନ୍ତି ଅନୁଯାୟୀ ସମସ୍ତ କାର୍ଯ୍ୟ ସମାପନ ପରେ ସନ୍ଧ୍ୟାରେ ଭକ୍ତମାନେ ମନ୍ଦିରର ଚତୁଃପାର୍ଶ୍ୱରେ ବସି ଦୀପ ଜାଳିଥିଲେ। ସେହିପରି ଓଡ଼ଗାଁ ରାମସାଗର ପୋଖରୀ ନିକଟରେ ବିଜେ ରାମେଶ୍ୱର ମହାଦେବ, ବାହାଡ଼ାଝୋଲା ବାବା ଫୁଲେଶ୍ୱର, ଗୋଠବଣ ନୀଳକଣ୍ଠେଶ୍ୱର, ରାବରା ମଧୁକେଶ, ଗିରିଡିପଲି କଣ୍ଟେଶ୍ୱର, କୋମଣ୍ଡ ଗୁପ୍ତେଶ୍ୱର ଓ କୁରାଳ ବାଲୁଙ୍କେଶ୍ୱର, ରାମେଶ୍ୱର ଓ ବୈଦ୍ୟନାଥଙ୍କ ପୀଠରେ ପବିତ୍ର ଜାଗରଯାତ୍ରା ମହା ସମାରୋହରେ ପାଳିତ ହୋଇଛି।

**ଚାରିଛକ:** ଆଜି ପବିତ୍ର ମହାଶିବରାତ୍ରୀ ଜାଗର ଉପଲକ୍ଷେ ପ୍ରାଚୀ ତଟସ୍ଥ ଶୈବପୀଠଗୁଡ଼ିକ ଚଳଚଞ୍ଚଳ ହୋଇଛି। ଆଜି ସକାଳୁ ସ୍ଥାନୀୟ ଚନ୍ଦ୍ରଶେଖର, ଅମରେଶ୍ୱର, ବନ୍ଦେଶ୍ୱର, ପୂର୍ଣ୍ଣେଶ୍ୱର, ବାଲୁଙ୍କେଶ୍ୱର, ଅଙ୍ଗେଶ୍ୱର, ଜଟେଶ୍ୱର, ହରିଶଙ୍କର, ଭଦ୍ରେଶ୍ୱର, ସର୍ବେଶ୍ୱର, ସୋମନାଥ, ରାମେଶ୍ୱର ଓ ବ୍ରହ୍ମେଶ୍ୱର ଆଦି ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ଲାଗିଥିଲା। ବିଭିନ୍ନ ସ୍ଥାନରେ ଶୈବପୀଠ ମନ୍ଦିରଗୁଡ଼ିକରେ ବେଶ୍ ସାଜସଜ୍ଜା ସାଙ୍ଗକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସୁସଜ୍ଜିତ ହୋଇଥିଲା। ଅନେକ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ, ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ଦେଖିବାକୁ ମିଳିଥିଲା। ଆଜି ଭକ୍ତମାନେ ଉଜାଗର ରହିବା ସହିତ ସଂନ୍ଧ୍ୟାରେ ନିକଟସ୍ଥ ବିଭିନ୍ନ ଶିବ ମନ୍ଦିରକୁ ଯାଇ ଘିଅଦ୍ୱୀପ ଲଗାଇ ମାନସିକ ପୂରଣ ପାଇଁ ପୂଜାର୍ଚ୍ଚନା କରିଥିଲେ।



**ଖୋର୍ଦ୍ଧା:** ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଗୋଡ଼ା ଲୋକନାଥଙ୍କ ମନ୍ଦିରରେ ମହାଶିବରାତ୍ରି ବା ଜାଗର ଯାତ୍ରା ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ଓ ଆଧାତ୍ମିକ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପାରମ୍ପାରିକ ପ୍ରଥା ଅନୁଯାୟୀ, ଆଜି ପ୍ରତ୍ୟୁଷ ଭୋର ୩ଟାରେ ମଙ୍ଗଳ ଆଳତି ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ମନ୍ଦିରର ମୁଖ୍ୟ ଦ୍ୱାର ଖୋଲାଯାଇଥିଲା। ପ୍ରଭୁଙ୍କ କୃପା ଭିକ୍ଷା କରିବା ପାଇଁ ସ୍ଥାନୀୟ ଅଞ୍ଚଳ ତଥା ଜିଲ୍ଲାର କୋଣ ଅନୁକୋଣରୁ ହଜାର ହଜାର ଭକ୍ତ ଓ ମାନସିକଧାରୀଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ପାଦୁକ ପାନ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତିର ସହ ଅପେକ୍ଷା କରିଥିବା ଦେଖିବାକୁ ମିଳିଛି। ଖୋର୍ଦ୍ଧା ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ, ତହସିଲ, ଅଗ୍ନିଶମ ସେବା ଏବଂ ଟିପିସିଓଡିଏଲ୍ ପକ୍ଷରୁ ସମସ୍ତ ପ୍ରକାର ଆନୁଷଙ୍ଗିକ ସେବା ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବେଗୁନିଆ ବ୍ଲକ ଡ୍ରାଇଭର ମହାସଂଘ, ଡଙ୍ଗରପଡ଼ା ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ଛାତ୍ରଛାତ୍ରୀ ଏବଂ ଆଞ୍ଚଳିକ ଶାନ୍ତି ଓ ମନ୍ଦିର ପରିଚାଳନା କମିଟି ସଭାପତି ଗୁଣନିଧି ଚମ୍ପତିରାୟ ଓ ସମ୍ପାଦକ ଇନ୍ଦ୍ରମଣି ରଣବିଜୁଳୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଜାଗର ଯାତ୍ରାକୁ ସଫଳ କରିବା ପାଇଁ ପୂର୍ଣ୍ଣ ସହଯୋଗ କରିଥିଲେ। ଭକ୍ତମାନଙ୍କ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିସହ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସୂଚନା କେନ୍ଦ୍ର ଖୋଲାଯାଇ 'ହଜିଲା ଖୋଜିଲା' ସେବା ସହ 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ' ପତ୍ରିକାର ପ୍ରଦର୍ଶନୀ କରାଯାଇଥିଲା। ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ଶୃଙ୍ଖଳିତ ଭାବେ ଜାଗର ଯାତ୍ରା ସମାପ୍ତ ହୋଇଛି।

**ଅସ୍ତରଙ୍ଗ:** ପବିତ୍ର ମହାଶିବରାତ୍ରି ବା ଜାଗର ଯାତ୍ରା ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ସର୍ବପୁରାତନ ଶୈବପୀଠ ସମେତ ବିଭିନ୍ନ ମନ୍ଦିର ଚଳଚଞ୍ଚଳ ହୋଇଉଠିଛି। ରଙ୍ଗବେରଙ୍ଗର ଆଲୋକମାଳା ଏବଂ ସୁସଜ୍ଜିତ ତୋରଣରେ ଶୈବପୀଠଗୁଡ଼ିକ ଝଲସୁଥିବା ବେଳେ ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଗୁଡୁବଣି ଗ୍ରାମର ବାବା ନୀଳକଣ୍ଠେଶ୍ୱରଙ୍କ ପୀଠରେ ଚଳିତ ବର୍ଷ ୩୫ତମ ଜାଗର ଉତ୍ସବ ସହ ଅଷ୍ଟପ୍ରହରୀ ନାମଯଜ୍ଞ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେଉଛି। ସେହିପରି ଜୀୟନ୍ତିର ବାବା ଈଶ୍ୱରନାଥ, ଅସ୍ତରଙ୍ଗ ଗ୍ରାମର ବାବା ଗ୍ରାମେଶ୍ୱର, ବାବା ପର୍ଶ୍ଚିମେଶ୍ୱର, ଓଳିହାଁର ଐଶାନେଶ୍ୱର, ସରିପୁରର ସିଦ୍ଧେଶ୍ୱର ଏବଂ ଧବଳେଶ୍ୱର, ବେଲେଶ୍ୱର ଏବଂ ବାଲିଆପଟା ସ୍ଥିତ ଧବଳେଶ୍ୱର ଏବଂ ଗୋମୁଖୀ କେଶବ ପୀଠରେ ଜାଗର ଯାତ୍ରା ସହ ନାମଯଜ୍ଞ ଓ ଭଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମନ୍ଦିର ପରିଚାଳନା କମିଟି ଓ ସେବାୟତଙ୍କ ପକ୍ଷରୁ ଦେବନୀତି ପାଇଁ ସ୍ୱତନ୍ତ୍ର ସମୟ ନିର୍ଘଣ୍ଟ କରାଯାଇଛି। ପ୍ରାତଃ ୩ଟାରୁ ଦ୍ୱାରଫିଟା, ଅବକାଶ, ମଇଲମ୍ ଓ ସାହାଣମେଳା ନୀତି ପରେ ଶ୍ରଦ୍ଧାଳୁମାନେ ବାବାଙ୍କ ଦର୍ଶନ କରୁଛନ୍ତି। ମଧ୍ୟାହ୍ନରେ ଖେଚୁଡ଼ି ଭୋଗ ଏବଂ ସନ୍ଧ୍ୟାରେ ପ୍ରସିଦ୍ଧ ଚୁଡ଼ାଘଷା ଭୋଗ ଲାଗି ହେବାର ବ୍ୟବସ୍ଥା ରହିଛି। ରାତି ୯ଟା ୧୦ରେ ବେଢ଼ାଧୂପ ଓ ଖିରି ଧୂପ ପରେ ରୁଦ୍ରାଭିଷେକ ଓ ମହାଦୀପ ପୂଜନ କରାଯିବ। ଶେଷରେ ବିଳମ୍ବିତ ରାତ୍ରିରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ ବୋଲି ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ଦୀପ ଜାଳିବା ପାଇଁ ଶ୍ରଦ୍ଧାଳୁଙ୍କ ନିମନ୍ତେ ସ୍ୱତନ୍ତ୍ର ସ୍ଥାନ ନିରୂପଣ କରାଯାଇଥିବା ବେଳେ ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଇଛି।





**ବୟାଳିଶମୌଜା:** ମହାଶିବରାତ୍ରି ଓ ଜାଗର ଉପଲକ୍ଷେ କଟକ ଜିଲ୍ଲାର ଅନ୍ୟତମ ପ୍ରାଚୀନ ଶୈବପୀଠ ଶ୍ରୀ ପରମହଂସନାଥଠାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗି ରହିଛି। ପୀଠରେ ଭଜନ କୀର୍ତ୍ତନ ଜାରି ରହିଛି। ଶୃଙ୍ଖଳିତ ଧାଡ଼ି ଦର୍ଶନ ପାଇଁ ସଜାଗ ଅଛନ୍ତି ପୁଲିସ ପ୍ରଶାସନ ଓ ସ୍ୱେଚ୍ଛାସେବୀ। ଅଗ୍ନିଶମ ବାହିନୀ ସାଙ୍ଗକୁ ଆଶୁ ଚିକିତ୍ସା କେନ୍ଦ୍ର ଓ ସୂଚନା କେନ୍ଦ୍ରର ବ୍ୟବସ୍ଥା ମଧ୍ୟ କରାଯାଇଛି। ଭୁବନେଶ୍ୱରର ଲିଙ୍ଗରାଜ ମହାଦେବଙ୍କ ସେବାୟତ ଆସି ଏଠାରେ ଭୋର ୪ଟା ୩୦ ସମୟରେ ହଂସନାଥଙ୍କ ମହାଦୀପ ଉଠାଇବେ ବୋଲି ମନ୍ଦିର ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ୫ ଦିନ ଧରି ଜାଗର ଯାତ୍ରା ପାଳିତ ହୁଏ। ସେହିପରି କଳପଡ଼ା, ଝିଙ୍କିରିଆ, ଆଇତଲଙ୍ଗ, ଠାକୁର ସାହି ବରାଳ ମନ୍ଦିର ଆଦି ବିଭିନ୍ନ ସ୍ଥାନରେ ଶିବରାତ୍ରି ପାଳିତ ହୋଇଯାଇଛି।



**କୋଣାର୍କ:** ପୁରୀ ଜିଲ୍ଲାର ଦ୍ୱିତୀୟ ପ୍ରସିଦ୍ଧ ଶୈବ ପୀଠ ଭାବେ ପରିଚିତ ତରକୋର ପଞ୍ଚାୟତସ୍ଥିତ ବାବା ବାଲି କପିଳେଶ୍ୱର ପୀଠରେ ଚଳିତ ବର୍ଷ ମହାଶିବରାତ୍ରି ବା ଜାଗର ଯାତ୍ରା ସମାରୋହରେ ପାଳିତ ହୋଇଯାଇଛି। ପୁରୀ-କୋଣାର୍କ ବେଳାମାର୍ଗ ମୁଖ୍ୟ ରାସ୍ତା ନିକଟରେ ଥିବା ଏହି ପୀଠରେ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ନୀତି ନିର୍ଘଣ୍ଟ ଅନୁଯାୟୀ, ରାତି ୨ଟା ୩୦ରେ ଦ୍ୱାରଫିଟା ପରେ ଭୋର ୩ଟାରେ ମଙ୍ଗଳ ଆଳତି, ୩ଟା ୩୦ରେ ସ୍ନାନ ଓ ଚନ୍ଦନ ବେଶ ଏବଂ ୪ଟାରେ ବାଳଭୋଗ ନୀତି ସମ୍ପନ୍ନ ହୋଇଥିଲା। ସକାଳ ୭ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିବା ବେଳେ ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ବ୍ୟାରିକେଡ୍ ଦେଇ ପ୍ରଭୁଙ୍କ ଦର୍ଶନ କରିବା ସହ କେତକୀ ଫୁଲ, ଚୁଡ଼ାଘଷା ଓ ପାଚିଲା କଦଳୀ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଲକ୍ଷାଧିକ ଶ୍ରଦ୍ଧାଳୁ ମନ୍ଦିର ଚତୁରପାର୍ଶ୍ୱରେ ଦୀପ ଜାଳି ଉଜାଗର ରହିଥିବା ବେଳେ ବିଳମ୍ବିତ ରାତି ୩ଟାରେ 'ଜୟ ବାବା କପିଳେଶ୍ୱର' ଧ୍ୱନି ଏବଂ ହୁଳହୁଳି ମଧ୍ୟରେ ପାରମ୍ପାରିକ ରୀତିନୀତିରେ ମହାଦୀପ ଉଠିଥିଲା। ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପୁରୀ ଜିଲ୍ଲା ଅତିରିକ୍ତ ଏସପି ସଚିନ ପଟେଲଙ୍କ ତତ୍ତ୍ୱାବଧାନରେ ଏକ ବିଶାଳ ପୋଲିସ ବାହିନୀ ମୁତୟନ କରାଯାଇଥିଲା। ଏଥିରେ ନିମାପଡ଼ା ଏସଡିପିଓ, ରାମଚଣ୍ଡୀ, ଚନ୍ଦ୍ରଭାଗା ମେରାଇନ୍, କୋଣାର୍କ, ଗୋପ, ନିମାପଡ଼ା, କାକଟପୁର ଓ ଅସ୍ତରଙ୍ଗ ଥାନାର ଅଧିକାରୀଙ୍କ ସମେତ ୬ ପ୍ଲାଟୁନ୍ ଫୋର୍ସ, ୨୦ ଜଣ ଅଫିସର, ୮ ଜଣ ହାବିଲଦାର ଏବଂ ୬୦ ଜଣ ହୋମଗାର୍ଡ ନିୟୋଜିତ ଥିଲେ। କୋଣାର୍କ, ଚମ୍ପାହାର ଓ ଗୋପ ଅଗ୍ନିଶମ ବାହିନୀ ସହ ଶତାଧିକ ସ୍ୱେଚ୍ଛାସେବୀ ମଧ୍ୟ ଶ୍ରଦ୍ଧାଳୁଙ୍କ ସେବା ଓ ଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ। ପ୍ରଶାସନିକ ସତର୍କତା ଓ ସ୍ଥାନୀୟ ଲୋକଙ୍କ ସହଯୋଗ ଯୋଗୁଁ ଚଳିତ ବର୍ଷର ଜାଗର ଯାତ୍ରା ଅତ୍ୟନ୍ତ ସଫଳ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପ୍ତ ହୋଇଛି।



**ନୟାଗଡ଼:** ପବିତ୍ର ଶିବରାତ୍ରି ଜାଗର ଉପଲକ୍ଷେ ନୟାଗଡ଼ ଜିଲ୍ଲାର ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇପଡ଼ିଛି। ସହରଠୁ ଆରମ୍ଭ କରି ଗାଁ ଗହଳିରେ ଥିବା ବିଭିନ୍ନ ଶୈବପୀଠଗୁଡ଼ିକରେ ଜାଗରଯାତ୍ରା ମହାସମାରୋହରେ ଭକ୍ତି ଭାବନାରେ ପାଳିତ ହେଉଥିବା ପରିଲକ୍ଷିତ ହୋଇଛି। ପ୍ରସିଦ୍ଧ ଶୈବପୀଠ ଶରଣକୁଳର ଲଡୁବାବାଙ୍କ ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି। ସେହିପରି ଭାବରେ ସମସ୍ତ ଶିବ ମନ୍ଦିରକୁ ଆଲୋକମାଳାରେ ସଜାଯାଇଥିବା ବେଳେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଛି। ମାଳିସାହିର ଗତିଶ୍ୱର ପୀଠ, ବାହାଡ଼ାଝୋଲା ଦୁତିକେଶ୍ୱର, ଯଦୁପୁର ସିଂହେଶ୍ୱର, ଗୋବିନ୍ଦପୁର ସୋମନାଥ, ଗୋଡିସାହି ମୁକ୍ତେଶ୍ୱର, ପଣ୍ଡୁସର ଉଗ୍ରେଶ୍ୱର, କଞ୍ଚନବିଲି ବାଲୁଙ୍କେଶ୍ୱର, କୋଡିଏ କାହାଣିଆ ଗୁପ୍ତେଶ୍ୱର, ଗମ୍ଭାରିଡିହିର ନୀଳକଣ୍ଠେଶ୍ୱର, ବିରୁଡ଼ାର ଧବଳେଶ୍ୱର, ନୟାଗଡ଼ ସହରର ଖଣ୍ଡପଡ଼ା ରୋଡ଼ରେ ଅବସ୍ଥାପିତ ଆଖଣ୍ଡଳମଣୀ ପୀଠ, ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପାଖ ବାଲୁଙ୍କେଶ୍ୱର ମହାଦେବ ପୀଠ, ପୁରୁଣା ସହରର ରାମେଶ୍ୱର ପୀଠ ସମେତ ଗ୍ରାମାଞ୍ଚଳର ଅନେକ ଶୈବ ପୀଠରେ ଗହଳିଚହଳି ଲାଗି ରହିଛି। ଭକ୍ତମାନେ ଦୀର୍ଘ ରାତି ପର୍ଯ୍ୟନ୍ତ ଦୀପ ଜାଳି ଭକ୍ତି ନୈବେଦ୍ୟ ଅର୍ପଣ କରିଛନ୍ତି। ବିଶେଷକରି ଶରଣକୁଳର ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ଗହଳିଚହଳି ଲାଗି ରହିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର ପ୍ରଶାସନ, ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଶରଣକୁଳ ଲଡୁବାବାଙ୍କ ଜାଗର ଯାତ୍ରାରେ ରଙ୍ଗମହଲ ଓ ଯାତ୍ରା ସିଂହ ବାହିନୀ ଅପେରା ପରିବେଷଣ କରୁଥିବାରୁ ଯାତ୍ରା ପ୍ରେମୀଙ୍କ ଅଧିକ ଗହଳି ଦେଖିବାକୁ ମିଳିଛି।

**ବୋଲଗଡ଼:** ବୋଲଗଡ଼ ବ୍ଲକ ସଦର ସମେତ ଏହାର ଆଖପାଖ ଅଞ୍ଚଳ ଶୈବପୀଠଗୁଡ଼ିକରେ ରବିବାର ମହାଶିବରାତ୍ରି ତିଥିରେ ଚଳଚଞ୍ଚଳ ହୋଇଛି। ବିଶେଷ କରି ବୋଲଗଡ଼ ନିକଟ ବାଙ୍କୋଇସ୍ଥିତ ରାଜ ପ୍ରତିଷ୍ଠିତ ପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଶ୍ରୀ ତାରେଶ୍ୱର ଦେବଙ୍କ ମନ୍ଦିରରେ ଠାକୁରଙ୍କ ସନ୍ଧ୍ୟା ଦର୍ଶନୀ ପାଇଁ ଚଳଚଞ୍ଚଳ ତଥା ଲୋକାରଣ୍ୟ ହୋଇପଡ଼ିଛି। ଶୈବପୀଠଗୁଡ଼ିକରେ ଶନିବାର ପଙ୍କୋଦ୍ଧାର ପରେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଭକ୍ତଙ୍କ ନିମନ୍ତେ ସନ୍ଧ୍ୟା ଦର୍ଶନ ବନ୍ଦ ରହିଥିଲା। ରବିବାର ସକାଳ ସମୟରେ ସମସ୍ତ ଶୈବ ପୀଠରେ ଭକ୍ତ ମାନଙ୍କର ସମାଗମ ପରିଲକ୍ଷିତ ହୋଇଥିଲା। ଏପରିକି ଅନେକ ପୁରୁଷ ଓ ମହିଳା ଭକ୍ତ ପ୍ରମୁଖ ନଦୀଜଳକୁ ପାଣି ଭାରରେ ଆସି ଭଗବାନ ଶଙ୍କରଙ୍କ ଶିରରେ ଜଳ ଲାଗି କରିଛନ୍ତି। ଭଗବାନ ଶିବଶଙ୍କର ମନ୍ଦିରଗୁଡ଼ିକ ପରିଷ୍କାର ପରିଚ୍ଛନ୍ନତା ସହ ବିଭିନ୍ନ ବିଚିତ୍ର ରଙ୍ଗାୟିତ କରାଯାଇ ରଙ୍ଗବେରଙ୍ଗ ଆଲୋକରେ ସୁସଜ୍ଜିତ କରାଯାଇଛି। ଠାକୁର ଦର୍ଶନ ନିମନ୍ତେ ଶୃଙ୍ଖଳା ଦୃଷ୍ଟିରୁ ଭକ୍ତ ମାନେ ଧାଡ଼ିରେ ରହି ଦର୍ଶନ କରିଥିଲେ। ସେହିପରି ଏହି କ୍ରମରେ ସ୍ଥାନୀୟ ବାଲୁଙ୍କେଶ୍ୱର ଦେବ ମନ୍ଦିର, ଖଙ୍ଗୁରିଆ ଅମୃତେଶ୍ୱର ଦେବ, ରୋଲସିଂହ ସିଂଘେଶ୍ୱର ଦେବ, ମାଳିସାହି(ଶାସନ) ସୋମନାଥ ଦେବ, ପାଟବନ୍ଧସ୍ଥିତ ପର୍ଶ୍ଚିମେଶ୍ୱର ଦେବ, ସଂପୁର ବାଲୁଙ୍କେଶ୍ୱର ଦେବ, ଅସରଳା ଅମୃତେଶ୍ୱର ଦେବ, ପୁଆଣିଆ ବାଲୁଙ୍କେଶ୍ୱର ଓ ମର୍ଦ୍ଧାବାଡ଼ି ସ୍ଥିତ ଲୋକେଶ୍ୱର ଦେବ ଆଦି ଶୈବ ପୀଠରେ ଦିନତମାମ ସହ ଜାଗର ତଥା ମହା ଶିବରାତ୍ରିରେ ଠାକୁରଙ୍କର ମହାଦୀପ ଉଠିବା ପର୍ଯ୍ୟନ୍ତ ଭକ୍ତମାନଙ୍କ ସମାଗମରେ ଅଞ୍ଚଳ ଚଳଚଞ୍ଚଳ ଓ ଭକ୍ତାରଣ୍ୟ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ଅନେକ ଶୈବ ପୀଠରେ ସଂକୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟ ଅନୁଷ୍ଠିତ ହୋଇଛି।



ନିତିଦିନ NITIDIN



## ବାବା କପିଳେଶ୍ୱରଙ୍କ ବାର୍ଷିକ ଉତ୍ସବ



**କଣ୍ଟିଲୋ,୧୫।୨/ଏନ୍ଏନ୍ଏସ୍:** ପ୍ରତ୍ୟେକ ପୂର୍ବ ବର୍ଷ ଭଳି ଚଳିତବର୍ଷ ଗତକାଲି ଶୁକ୍ରବାର ଦିନ କଣ୍ଟିଲୋ ପଞ୍ଚାୟତ ଅନ୍ତର୍ଗତ ହରିସୁବୁଦ୍ଧିପାଟଣାରେ ପୂଜିତ ବାବା ଶ୍ରୀ ଶ୍ରୀ କପିଳେଶ୍ୱର ମହାଦେବଙ୍କ ଚତୁର୍ଥ ବାର୍ଷିକ ଉତ୍ସବ ଓ ଶିବକାଳୀ ମହାଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବାହ୍ନରେ ପାଣ୍ଡୁସାହୁ ପାଟଣା ବଡ଼ସାହି ସ୍ଥିତ 'ଦଣ୍ଡକାଠି ଗାଧୁଆତୁଠ ପୋଖରୀ'ରୁ ପ୍ରାୟ ଦେଢ଼ଶହ ମହିଳା ନୀତିନିୟମ ଅନୁସାରେ ପୂଜାର୍ଚ୍ଚନା ଶେଷ କରି ଜଳପୂର୍ଣ୍ଣ କଳସକୁ ମୁଣ୍ଡରେ ବହନ କରି ଏକ ଶୋଭାଯାତ୍ରାରେ ସାହି ପରିକ୍ରମା କରିବା ପରେ ବାବା କପିଳେଶ୍ୱରଙ୍କ ମନ୍ଦିର ନିକଟରେ ସ୍ଥାପନ କରିଥିଲେ। ଏହି ଉତ୍ସବ ୩ ଦିନ ଧରି ଭକ୍ତ ମାନଙ୍କ ଦର୍ଶନ ପାଇଁ ଅନୁଷ୍ଠିତ ହେଉଥିଲାବେଳେ ଆଜି ରବିବାର ଶିବରାତ୍ରି ତିଥି ଅପରାହ୍ଣରେ ପ୍ରତ୍ୟେକ ନୀତି ନିୟମ ଓ ପରମ୍ପରା ଅନୁଯାୟୀ ଯଜ୍ଞ ର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ଉତ୍ସବ ତଥା ଯଜ୍ଞରେ କର୍ତ୍ତା ଭାବେ ଦମ୍ପତି ସଞ୍ଜୟ ବାରିକ ଓ ପତ୍ନୀ ମନୋରମା ବାରିକ ଦାୟିତ୍ୱ ତୁଲାଉଥିବା ବେଳେ ପୁରୋଧା ଭାବେ ସୁକାନ୍ତ ମିଶ୍ର କାର୍ଯ୍ୟ ସମ୍ପନ୍ନ କରିଥିବା ବରିଷ୍ଠ ଭକ୍ତ ଅଜୟ କୁମାର ସାହୁଙ୍କଠାରୁ ସୂଚନା ମିଳିଛି।

## ଶ୍ରୀ ଶ୍ରୀ ଅନନ୍ତେଶ୍ୱର ପୀଠରେ ଅଷ୍ଟପ୍ରହର ନାମଯଜ୍ଞ



**ମାହାଙ୍ଗା,୧୫।୨/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ଗ୍ରାମ ପ୍ରଧାନସାହି ସ୍ଥିତ ଶ୍ରୀ ଶ୍ରୀ ଅନନ୍ତେଶ୍ୱର ମହାଦେବ ପୀଠରେ ଅଷ୍ଟରପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶୁଭାଧିବାସ, ସୂର୍ଯ୍ୟପୂଜା, ନାମଯଜ୍ଞ ଓ ନଗର କୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଯଥାରିତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ନିରଞ୍ଜନ ତ୍ରିପାଠୀ ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକ ଭାବେ ପୂର୍ଣ୍ଣଚନ୍ଦ୍ର ପାଣି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ୫ଟି ସଂକୀର୍ତ୍ତନ ମଣ୍ଡଳୀ ଅଂଶ ଗ୍ରହଣ କରି ନାମ ସଂକୀର୍ତ୍ତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ଅମରେଶ୍ୱର ମହାଦେବ ଶରଣାଶ୍ରିତ ଭକ୍ତବୃନ୍ଦ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ହରିହାଟର ବ୍ୟବସ୍ଥା କରାଯାଇଥିଲା।

## ଅକ୍ଷମ ଯୁବକଙ୍କୁ ସହାୟତା



**ବୟାଳିଶମୌଜା,୧୫।୨/ଏନ୍ଏନ୍ଏସ୍:** କଟକ ସଦର ବୟାଳିଶମୌଜା ଅଞ୍ଚଳରେ ଏକ ମାନବିକତାର ଉଦାହରଣ ଦେଖିବାକୁ ମିଳିଛି। କଳପଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦହିଗାଁର ଅସହାୟ ଯୁବକ ସୁମନ ଭୋଇଙ୍କୁ 'ୟୁନିଅନ୍ ଫର କଟକ ସଦର ଡେଭଲପମେଣ୍ଟ' ପକ୍ଷରୁ ଏକ ତିନି ଚକିଆ ସାଇକେଲ ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ଦହିଗାଁର ଶ୍ରୀଧର ଭୋଇଙ୍କ ପୁଅ ସୁମନ କିଛି ଦିନ ତଳେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇ ଚଳପ୍ରଚଳ କରିବାର ଶକ୍ତି ହରାଇଥିଲେ। ସେ ଦୀର୍ଘ ଦିନ ଧରି ଶଯ୍ୟାଶାୟୀ ହୋଇ ରହିଥିବା ଖବର ପାଇ ସଂଘର ସଭାପତି ତଥା ଶିକ୍ଷାବିତ୍ ମନୋଜ କୁମାର ନାୟକ ସୁମନଙ୍କୁ ଭେଟିବା ସହ ତାଙ୍କ ସହାୟତା ପାଇଁ ଆଗେଇ ଆସିଥିଲେ। ଯୁବକ ଜଣକ ଯେପରି ସ୍ୱାବଲମ୍ବୀ ହୋଇପାରିବେ, ସେଥିପାଇଁ ସଂଘ ପକ୍ଷରୁ ତାଙ୍କୁ ଏକ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ଏହି ସମୟରେ ଅନୁଷ୍ଠାନର ଉପଦେଷ୍ଟା ବିଜୟ କୁମାର ନାୟକ ଏବଂ କୂଳକଳପଡ଼ା ଗ୍ରାମର ସମାଜସେବୀ ଚନ୍ଦନ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସୁମନଙ୍କୁ ଉତ୍ସାହିତ କରିଥିଲେ। ସଂଘର ଏହି ଜନହିତକର କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଉଚ୍ଚ ପ୍ରଶଂସା କରାଯାଇଛି।

## ଦୁର୍ଘଟଣାରେ ୩ ଗୁରୁତର

**ମୁଣ୍ଡମୁହାଣ,୧୫।୨/ଏନ୍ଏନ୍ଏସ୍:** ଇନଫୋଭ୍ୟାଲି ଥାନା ଅନ୍ତର୍ଗତ ବଡ଼ରଘୁନାଥପୁର ନିକଟରେ ରବିବାର ପୂର୍ବାହ୍ନରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ସ୍କୁଟି ଚାଳକକୁ ବଞ୍ଚାଇବାକୁ ଯାଇ ଦୁଇଟି କାର୍ ମୁହାଁମୁହିଁ ଧକ୍କା ହେବା ଫଳରେ ସ୍କୁଟି ଚାଳକଙ୍କ ସମେତ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଧକ୍କା ହେବା ପରେ ଉଭୟ କାର୍ ଭାରସାମ୍ୟ ହରାଇ ନିକଟସ୍ଥ ଏକ ବିଲ ଭିତରକୁ ଓଲଟି ପଡ଼ିଥିଲେ। ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୯ଟା ସମୟରେ ଏକ କାର୍ ଗୋହିରା ଛକରୁ ମଦନପୁର ଅଭିମୁଖେ ଯାଉଥିବା ବେଳେ ଅନ୍ୟ ଏକ କାର୍ ବିପରୀତ ଦିଗରୁ ଆସୁଥିଲା। ଏହି ସମୟରେ ହଠାତ୍ ଏକ ସ୍କୁଟି ସାମ୍ନାକୁ ଆସିଯିବାରୁ ତାକୁ ବଞ୍ଚାଇବାକୁ ଚେଷ୍ଟା କରି ଦୁଇ କାର୍ ମଧ୍ୟରେ ମୁହାଁମୁହିଁ ସଂଘର୍ଷ ଘଟିଥିଲା। ଏଥିସହ ସ୍କୁଟିଟି ମଧ୍ୟ ଦୁର୍ଘଟଣାର ଶିକାର ହୋଇଥିଲା। ସୌଭାଗ୍ୟବଶତଃ କାର୍‌ରେ ଥିବା ଯାତ୍ରୀମାନେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ଘଟଣା ସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ପଠାଇଥିଲେ। ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ଆହତମାନଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନଥିବା ପୁଲିସ ସୂଚନା ଦେଇଛି।

# ଶିବ ପଞ୍ଚାକ୍ଷରୀ ଧ୍ୱନିରେ ପ୍ରକମ୍ପିତ ଲଡୁବାବା ପୀଠ

**ଓଡ଼ଗାଁ,୧୫।୨/ଏନ୍ଏନ୍ଏସ୍:** ନୟାଗଡ ଜିଲ୍ଲା ଶରଣକୁଳର ଅନନ୍ୟ ଶୈବକ୍ଷେତ୍ର ଲଡୁବାବାଙ୍କ ପୀଠରେ ଶିବୋପାସନାର ଅନ୍ୟତମ ମହାନପର୍ବ ଶିବରାତ୍ରୀ ମହାସମାରୋହରେ ପାଳିତ ହୋଇଯାଇଛି। ମନ୍ଦିର ଭିତରେ 'ଓଁ ନମଃ ଶିବାୟ' ବ୍ୟତୀତ ମହା ମୃତ୍ୟୁଞ୍ଜୟ, କାଳ ଭୈରାଷ୍ଟକ ଓ ଶିବଗାୟତ୍ରୀ ଆଦି ମନ୍ତ୍ର ଅହରହ ଚାଲିଥିବାବେଳେ ମନ୍ଦିର ବାହାରେ ଜୟ ଲଡୁବାବା ନାମଜପରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ଜାଗର ଉଜାଗର ଓ ସଂକଳ୍ପର ଦିନ ମହା ଶିବରାତ୍ରୀରେ ଲକ୍ଷାଧିକ ଭକ୍ତଙ୍କ ଅନ୍ତରାତ୍ମାରେ ଗୁଞ୍ଜରିତ ହେଉଥାଏ ଏକ ଅନନ୍ୟ ଦିବ୍ୟଧ୍ୱନି 'ସତ୍ୟମ ଶିବମ ସୁନ୍ଦରମ' ଶିବମୟ ପରିବେଶ ମଧ୍ୟରେ ନିଜ ତଥା ପରିବାର ପରିଜନଙ୍କ ମଙ୍ଗଳ ନିମିତ୍ତ ଲକ୍ଷାଧିକ ଶ୍ରଦ୍ଧାଳୁ ଜାଳିଛନ୍ତି ଜାଗର ଦୀପ। ଶିବରାତ୍ରୀ ଭଳି ପବିତ୍ର ତିଥିରେ ଶରଣକୁଳ ଲଡୁବାବାଙ୍କ ପୀଠରେ ସୃଷ୍ଟି ହେଇଥିଲା ଏଭଳି ଏକ ଭକ୍ତି ଭାବପୂର୍ଣ୍ଣ ଧାର୍ମିକ ପରିବେଶ। ସ୍ୱକୀୟ ମହିମାରେ ବିଖ୍ୟାତ ଶ୍ରୀଶ୍ରୀ ଲଡୁକେଶ ମହେଶଙ୍କର ଅପାର କରୁଣାପ୍ରାପ୍ତି ପାଇଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତର କୋଣ ଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଏହି ପୀଠରେ ସମାଗମ ହୋଇ ଭକ୍ତିର ପ୍ରଦୀପ ଅର୍ଘ୍ୟ ଅର୍ପଣ କରିଥିଲେ। ରାତ୍ର ୧୨ଟାରୁ ଭୋର ୩ଟା ମଧ୍ୟରେ ଅବକାଶ ନୀତି, ବଲ୍ଲବ ନୀତି, ଶଙ୍ଖୁଡିଭୋଗ ସମ୍ପନ୍ନ ପରେ ସନ୍ଧ୍ୟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ପାଇଁ ମନ୍ଦିର ଖୋଲାଯାଇଥିଲା। ସଂଧ୍ୟା ୬ଟା ୩୦ରୁ ୭ଟା ୩୦ ପର୍ଯ୍ୟନ୍ତ ସନ୍ଧ୍ୟା ପୂଜା ଟେରା ନୀତି ହୋଇ ପରେ ରାତ୍ର ୧୦ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହୋଇଥିଲା। ରାତ୍ର ୧୦ଟା ୩୦ରେ ଲଡୁବାବାଙ୍କ ବେଢ଼ା ପରିକ୍ରମା ହୋଇ ରାତ୍ର ୧୨ଟାରେ ମହାଦୀପ ଉଠିଲା ପରେ ବଡ଼ ସିଂହାର ଓ



ଅନ୍ୟାନ୍ୟ ଦେବନୀତି ସମ୍ପନ୍ନ କରାଯାଇଥିଲା। ଶିବରାତ୍ର ଅବସରରେ ବର୍ଷରେ ଥରଟିଏ ପାଇଁ କେତକୀ ଫୁଲ ବାବାଙ୍କ ମସ୍ତକରେ ଲଗାଯାଇଥିଲା। ଚାରି ପ୍ରହରରେ କ୍ଷୀର, ଆଖୁରସ, ମହୁ, ଘିଅ, ଦହି ଆଦି ଦ୍ରବ୍ୟରେ ରୁଦ୍ରାଭିଷେକ କରାଯାଇଥିଲା। ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଶ୍ରଦ୍ଧାଳୁମାନେ ଲମ୍ବାଧାଡ଼ିରେ ବ୍ୟାରିକେଡ଼ ଦେଇ ବାବାଙ୍କ ଦର୍ଶନଲାଭ କରି ନିଜକୁ ଧନ୍ୟ ମଣିଥିଲେ। ବହୁ ଭକ୍ତ ନିଜର ମାନସିକ ପ୍ରାପ୍ତି ଉଦ୍ଦେଶ୍ୟରେ ମନ୍ଦିର ବେଢ଼ାରେ ଗୁହାରିଆ ପଡ଼ିଥିବା ଦେଖିବାକୁ ମିଳିଥିଲା। ମନ୍ଦିର ପ୍ରଶାସନ ତରଫରୁ ଶ୍ରଦ୍ଧାଳୁମାନଙ୍କୁ ରୌଦ୍ରତାପରୁ ରକ୍ଷା କରିବା ପାଇଁ ଛାମୁଣ୍ଡିଆ କରାଯାଇଥିଲା। ଭକ୍ତ ତଥା ସର୍ବ ସାଧାରଣଙ୍କ ପାଇଁ ସତ୍ୟସାଇ ସେବା ସଂଗଠନ, ଗ୍ରୀନ୍ କ୍ଲବ ହରିହରପୁର, ଶରଣକୁଳ ମହାବିଦ୍ୟାଳୟ ପକ୍ଷରୁ ପାଣି, ଦହିପଣା ବଣ୍ଟନ ଓ ପାଣି ସିଞ୍ଚନ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା ତାପସ ରଞ୍ଜନ ସେନାପତିଙ୍କ ତତ୍ତ୍ୱାବଧାନରେ ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯାଇ ଆଶୁ ଚିକିତ୍ସା ଓ ଔଷଧ ପ୍ରଦାନ କରାଯାଇଥିଲା। ଶୈବ ସେବାୟତ ସଂଘ ପକ୍ଷରୁ ଏକ ସୂଚନା କେନ୍ଦ୍ର ସ୍ଥାପନ କରାଯାଇ ଯାତ୍ରୀମାନଙ୍କୁ ସୂଚନା ତଥା ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ପ୍ରବଳ ଜନସମାଗମ ଓ ଭିଡ଼କୁ ଲକ୍ଷରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷାକର୍ମୀ ନିୟୋଜିତ ହେବା ସହ ଅସାମାଜିକ ବ୍ୟକ୍ତିଙ୍କୁ ଚିହ୍ନଟ ଓ ଧରିବାପାଇଁ ସାଦା ପୋଷାକରେ ପୋଲିସ ମୁତୟନ ହୋଇଥିଲେ। ସନ୍ଧ୍ୟାରେ ମନ୍ଦିର ବେଢ଼ା, ପୁଷ୍କରିଣୀ ଚତୁଃପାର୍ଶ୍ୱ ଏବଂ ମନ୍ଦିର ସମ୍ମୁଖ ରାସ୍ତାରେ ଶ୍ରଦ୍ଧାଳୁମାନେ ଭକ୍ତି ଓ ଶ୍ରଦ୍ଧାର ସହ ଉଜାଗର ରହି ଜାଗର ଦୀପ ଜାଳିଥିଲେ। ଭକ୍ତିମୟ ମନ୍ତ୍ରମୁଗ୍ଧ ପରିବେଶ ମଧ୍ୟରେ ସମୂହ ଦୀପ ଜାଳିବାର ଅନନ୍ୟ ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ପୁରୀ ସାଂସଦ ସମ୍ବିତ ପାତ୍ର, ନୟାଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ କର୍ଣ୍ଣଦେବ ସମାଦାର, ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ, ଶରଣକୁଳ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ରହି ବାବାଙ୍କ ଦିବ୍ୟଦର୍ଶନ ଲାଭ କରିଥିଲେ। ଲଡୁବାବାଙ୍କ ମନ୍ଦିରକୁ ଆକର୍ଷଣୀୟ ବିଦ୍ୟୁତ ଆଲୋକରେ ସୁସଜ୍ଜିତ କରାଯାଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଦେବୋତ୍ତର ବିଭାଗ ତରଫରୁ ଏକ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ ଓ ସମସ୍ତ ସେବାୟତ ଠାକୁରଙ୍କର ନୀତି ନିର୍ଘଣ୍ଟ ଅନୁସାରେ ସମ୍ପନ୍ନ କରିବା ସହ ସୁବ୍ୟବସ୍ଥିତ ଶାନ୍ତିପୂର୍ଣ୍ଣ ଦର୍ଶନର କରାଇଥିଲେ। ଯାତ୍ରା ପଡ଼ିଆରେ ରାମଦୋଳି, ମୀନାବଜାର, ଅନେକ ପ୍ରକାର ଦୋକାନ ବ୍ୟତୀତ ଚଟପଟି ଓ ଫାଷ୍ଟଫୁଡ୍ ଦୋକାନରେ ପ୍ରବଳ ଭିଡ଼ ଲାଗିରହିଥିବା ବେଳେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଅପେରା ସିଂହବାହିନୀ ଯାତ୍ରା ପରିବେଷଣ ହୋଇଥିଲା।

## ଜାପାନରେ ନିଯୁକ୍ତି ପାଇଲେ ଚନ୍ଦ୍ରଶେଖର ଏକାଡେମୀର ୫ ଛାତ୍ର







**ପୁରୀ,୧୫।୨/ଏନ୍ଏନ୍ଏସ୍:** ଜାପାନର ଆଇଟି କମ୍ପାନୀରେ ନିଯୁକ୍ତି ପାଇଛନ୍ତି ବାଲିଘାଇସ୍ଥିତ ଚନ୍ଦ୍ରଶେଖର ଏକାଡେମୀର ୫ ଛାତ୍ର। ସେମାନେ ଆସନ୍ତା ୧୭ ତାରିଖରେ ଜାପାନ ଯିବେ। ଗତ ୨ବର୍ଷ ଧରି ଜାପାନ ଭାଷା ଓ ଆଇଟି ପାଠ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିଲେ। ଏହା ପରେ ସମ୍ପୃକ୍ତ ଛାତ୍ରମାନଙ୍କୁ ଜାପାନର ଏକ ଆଇଟି କମ୍ପାନୀରେ କାର୍ଯ୍ୟ କରିବା ଲାଗି ଚୟନ କରାଯାଇଛି। କୃତୀ ଛାତ୍ରମାନେ ହେଲେ ସୌମ୍ୟ ରଞ୍ଜନ ପାଳ, ଦୀପକ କୁମାର ଜେନା, ଶରତ ଶବର, ଲୋକନାଥ ସେଠୀ ଓ ଜି କାର୍ତ୍ତିକ ରେଡ୍ଡୀ। ଏହାକୁ ନେଇ ଏକାଡେମୀରେ ଖୁସିର ଲହରୀ ଖେଳିଯାଇଛି। ଏହି ଅବସରରେ ଏକାଡେମୀର ଅଧ୍ୟକ୍ଷ ତଥା ଇଣ୍ଡିଆ - ଜାପାନ ଫ୍ରେଣ୍ଡଶିପ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ କହିଛନ୍ତି ଯେ ଏକାଡେମୀରେ ନର୍ସରୀଠାରୁ ଯୁକ୍ତ ଦୁଇ ବିଜ୍ଞାନ ପର୍ଯ୍ୟନ୍ତ ପିଲାଙ୍କୁ ସିବିଏସ୍‌ଇ ପାଠ୍ୟକ୍ରମ ସହ ମାଗଣାରେ ଜାପାନିଜ୍ ଭାଷା ଶିକ୍ଷାଦାନ କରାଯାଉଛି। ଗ୍ରାଜୁଏସନ ହାସଲ କରିଥିବା ଛାତ୍ରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଆଇଟି ସହ ଜାପାନିଜ ଭାଷା ଅଧ୍ୟୟନ କଲେ ସେମାନଙ୍କୁ ଜାପାନରେ ଚାକିରି ମିଳିବାର ବ୍ୟବସ୍ଥା ରହି ଛି। ସମ୍ପୃକ୍ତ ୫ ଛାତ୍ରଙ୍କ କୃତିତ୍ୱ ଯୋଗୁ ଏକାଡେମୀ ଆଜି ଗର୍ବିତ। ପୁରୀ ସିଟି ବ୍ରାଣ୍ଡ ଆମ୍ବାସେଡର ତଥା ଜାପାନ ସରକାରଙ୍କର ତୋତରି ରାଜ୍ୟର ବାଣିଜ୍ୟ ପରାମର୍ଶଦାତା କୁନା ଦାଶ କୃତୀ ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

## ଐତିହାସିକ ମୁନସୀ ମେଳଣର ଶତବାର୍ଷିକୀ ପାଇଁ ପ୍ରସ୍ତୁତି ବୈଠକ

**ସାଲେପୁର,୧୫।୨/ଏନ୍ଏନ୍ଏସ୍:** ସାଲେପୁରର ପ୍ରସିଦ୍ଧ ଐତିହାସିକ ମୁନସୀ ମେଳଣର ଶତବାର୍ଷିକୀ ପାଳନ ଉପଲକ୍ଷେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ସ୍ଥାନୀୟ କେଶବ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ଆଦର୍ଶ ଥାନା ଆଇଆଇସି ମହେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷର ମେଳଣକୁ କିଭଳି ଅଧିକ ସରସ ସୁନ୍ଦର ଓ ଶୃଙ୍ଖଳିତ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଅତିଥି ଭାବେ ଯୋଗଦେଇ ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତି ପ୍ରକାଶ କରିଥିଲେ ଯେ ଶତବାର୍ଷିକୀ ଅବସରରେ ମେଳଣ ପଡ଼ିଆ ଓ ଏହାର ସଂଯୋଗୀକରଣ ରାସ୍ତାଗୁଡ଼ିକର ଆଲୋକୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ପୂର୍ବରୁ ସାଲେପୁର ଥାନାରେ କାର୍ଯ୍ୟ କରିଥିବା ଦକ୍ଷ ପୋଲିସ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସାଲେପୁର ହାଇସ୍କୁଲ ଖେଳ ପଡ଼ିଆରେ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ସଭା ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରତିବର୍ଷ ଭଳି ପାରମ୍ପାରିକ ରୀତିନୀତି ଅନୁଯାୟୀ ବିଭିନ୍ନ ବିମାନଙ୍କୁ ନିମନ୍ତ୍ରଣ ଓ ପୂଜାପାଠ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରାଯିବ। ଏହି ବୈଠକରେ ସାଲେପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରବୀନ୍ଦ୍ର ନାଥ କର, କଂଗ୍ରେସ ନେତା ହରିବନ୍ଧୁ ଶତପଥୀ, ଆଇନଜୀବୀ ବିଜୟ କେତନ ନାୟକ, ରବୀନ୍ଦ୍ର ନାଥ ପଣ୍ଡା, ଶିକ୍ଷାବିତ୍ ଜଗନ୍ନାଥ ବସ୍ତିଆ, ସେଣ୍ଟ୍ରାଲ ମାର୍କେଟ ସଭାପତି ନବକିଶୋର କର ଏବଂ ସମ୍ପାଦକ ସୌମ୍ୟ ରଞ୍ଜନ ମଲ୍ଲ ପ୍ରମୁଖ ଯୋଗଦେଇ ନିଜ ନିଜର ମତାମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରାଦେଇପୁର ସରପଞ୍ଚଙ୍କ ପ୍ରତିନିଧି ମହେଶ୍ୱର ମଲ୍ଲିକ, ବାରିଗୋଳ ସରପଞ୍ଚ ଶିବୁ ବେହେରା, ସାମ୍ବାଦିକ ପ୍ରଦୀପ ପରିଜାଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ପୁଲିସ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଶତବାର୍ଷିକୀ ପାଳନକୁ ସଫଳ କରିବା ପାଇଁ ସଂକଳ୍ପ ନେଇଥିଲେ।

## ବାଲି ଚୋରା ଚାଲାଣ ବନ୍ଦ ପାଇଁ ଦାବି



**ଫୁଲନଖରା,୧୫।୨/ଏନ୍ଏନ୍ଏସ୍:** ସଦର ଥାନା ପ୍ରତାପନଗରୀ ନିକଟ କୁଆଖାଇ ନଦୀରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ବନ୍ଦ କରିବାକୁ ପ୍ରତାପନଗରୀ ଗ୍ରାମବାସୀ ପୁଲିସ ନିକଟରେ ଦାବି କରିଛନ୍ତି। ନିର୍ଦ୍ଧାରିତ ସ୍ଥାନ ପରିବର୍ତ୍ତେ ବୃହତ ଅଞ୍ଚଳରୁ ବାଲି ଉତ୍ତୋଳନ ଓ ବିନା ଅନୁମତିପତ୍ରରେ ବାଲି ଚାଲାଣ ହେଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଏତଦ୍ ସହିତ ଦିନରାତି ଶହ ଶହ ସଂଖ୍ୟାରେ ବାଲି ବୋଝେଇ ଭାରିଯାନ ଚଳାଚଳ ଯୋଗୁ ଗ୍ରାମବାସୀ ଧୂଳିଧୂଆଁରେ ଅତିଷ୍ଠ ହୋଇପଡ଼ିଲେଣି। ଏତଦ୍‌ବ୍ୟତୀତ ପ୍ରତାପନଗରୀ-ବାରଙ୍ଗ ମୁଖ୍ୟ ରାସ୍ତାରେ ପ୍ରବଳ ବାଲି ଜମିବା ଯୋଗୁଁ ଦୁର୍ଘଟଣା ମଧ୍ୟ ଘଟୁଛି। ସିଏମ୍‌ସି କିମ୍ବା ଖଣି ବିଭାଗର ଅନୁମତି ନଥାଇ କିପରି ହାଇଓ୍ୱା, ଟ୍ରକ ଓ ଟ୍ରାକ୍ଟରରେ ଦୈନିକ ବାଲି ଉଠୁଛି ତାହା ଗ୍ରାମବାସୀଙ୍କୁ ଚକିତ କରିଛି। ଏପରିକି ଅନ୍ୟ ଗ୍ରାମର ବାଲି ଗାଡ଼ି ମଧ୍ୟ ଧାକୁଲେଇ ରାସ୍ତାରେ ଚଳାଚଳ କରିବାରୁ ରାସ୍ତା କ୍ଷତିଗ୍ରସ୍ତ ହେଉଛି। ଏହାର ବିରୋଧ କରିବାରୁ ବାଲି ମାଫିଆମାନେ ଗ୍ରାମବାସୀଙ୍କୁ ମିଥ୍ୟା ମାମଲାରେ ଫସାଇବା ସହିତ ହତ୍ୟା ଧମକ ଦେବାକୁ ସୁଦ୍ଧା ପଛାଉନଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଆଜି ସଦର ଥାନା ଆଇଆଇସିଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ପ୍ରମୋଦ କୁମାର ସ୍ୱାଇଁ, ପ୍ରମୋଦ କୁମାର ବେହେରା, ବାଦଲ କୁମାର ଜେନା, ଯଶୋବନ୍ତ ବାରିକ୍, କିଶୋର ବାରିକ, ବାଦଲ କୁମାର ସ୍ୱାଇଁ, ବିଭୂତି ବେହେରା, କାଙ୍ଗାଳି ରାଉତ, ଧନେଶ୍ୱର ବେହେରା, ନିର୍ମଳ ସ୍ୱାଇଁ ଓ କାଳନ୍ଦି ରାଉତ ପ୍ରମୁଖ ପ୍ରତାପନଗରୀ ଗ୍ରାମବାସୀ ଉପସ୍ଥିତ ଥିଲେ।

## ନିରାଶ୍ରୟା ମହିଳାଙ୍କୁ ଉଦ୍ଧାର



**ଟାଙ୍ଗୀ,୧୫।୨/ଏନ୍ଏନ୍ଏସ୍:** ରାସ୍ତାରେ ବୁଲୁଥିବା ଜଣେ ନିରାଶ୍ରୟା ମହିଳାଙ୍କୁ ସ୍ୱାଭିମାନ ସେବା ସଂଘ ଉଦ୍ଧାର କରି ମାନବିକତାର ପରିଚୟ ଦେଇଛି। ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ରାଜ୍ୟ କାମଡ୍ରାରା ଥାନା ଅନ୍ତର୍ଗତ ଗ୍ରାମକୋଲି ଗ୍ରାମର ଏହି ମହିଳା ଜଣକ ପ୍ରାୟ ଏକ ମାସ ପୂର୍ବେ ଭୁଲବଶତଃ ଟ୍ରେନରେ ଚଢ଼ି ଓଡ଼ିଶା ଚାଲିଆସିଥିଲେ। ସେବେଠାରୁ ସେ ବିଭିନ୍ନ ସ୍ଥାନରେ ବୁଲାବୁଲି କରୁଥିବା ବେଳେ ଶନିବାର ରାତିରେ ଜରିପଡ଼ା ପଞ୍ଚାୟତ ଅଞ୍ଚଳରେ ତାଙ୍କୁ ଦେଖିବାକୁ ମିଳିଥିଲା।

ସ୍ଥାନୀୟ ଯୁବକ ପ୍ରଭାତ ନାୟକ ମହିଳାଙ୍କ ଦୁରାବସ୍ଥା ଦେଖି ତାଙ୍କୁ ସାହାଯ୍ୟ କରିବା ସହ ତାଙ୍କ ପରିବାର ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ପରେ ଏ ସମ୍ପର୍କରେ ଟାଙ୍ଗୀ ଥାନା ଓ ସମାଜସେବୀ ସଂଗଠନ 'ସ୍ୱାଭିମାନ ସେବା ସଂଘ'ର ସଭାପତି ଅନୁରୋଧ ନାୟକଙ୍କୁ ଅବଗତ କରାଯାଇଥିଲା। ଖବର ପାଇ ସଂଘର କର୍ମକର୍ତ୍ତା ସସ୍ମିତା ନାୟକ ଓ ବନ୍ଦନା ପ୍ରଧାନ ଟାଙ୍ଗୀ ପୁଲିସ ସହାୟତାରେ କଣୀ ଗ୍ରାମ ଆଖଣ୍ଡଳମଣି ମନ୍ଦିର ନିକଟରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରିଥିଲେ। ବର୍ତ୍ତମାନ ମହିଳା ଜଣକୁ ସଂଘର କାର୍ଯ୍ୟାଳୟରେ ଆଶ୍ରୟ ଦିଆଯାଇଛି। ତାଙ୍କ ପରିବାର ସଦସ୍ୟ ପହଞ୍ଚିବା ପରେ ସେମାନଙ୍କୁ ହସ୍ତାନ୍ତର କରାଯିବ ବୋଲି ସଭାପତି ଶ୍ରୀମତୀ ନାୟକ ପ୍ରକାଶ କରିଛନ୍ତି। ସ୍ଥାନୀୟ ଯୁବକ ଓ ସେବା ସଂଘର ଏହି ମହତ କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

## ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦାବି

**ଡେଲାଙ୍ଗ,୧୫।୨/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଡେଲାଙ୍ଗ ବ୍ଲକର ମୁନିନ୍ଦା ପଞ୍ଚାୟତରେ ପ୍ରତିଷ୍ଠା ହେବାକୁ ଥିବା ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପଞ୍ଚାୟତର ସଦର ମହକୁମା ମୁନିନ୍ଦା ଠାରେ ସ୍ଥାପନ କରାଯିବାକୁ ଦାବି ହୋଇଛି । ଗ୍ରାମ ପଞ୍ଚାୟତର ମୋଟ ୧୪ଟି ଓ୍ୱାର୍ଡ ମଧ୍ୟରୁ ଏଗାରଟି ଓ୍ୱାର୍ଡର ଅଧିବାସୀମାନଙ୍କ ଦ୍ୱାରା ରବିବାର ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ମୁନିନ୍ଦାର ଆରାଧ୍ୟ ଠାକୁର ଶ୍ରୀ ବାଲୁଙ୍କେଶ୍ୱର ଦେବ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ବୈଠକରେ ସମାଜସେବୀ ପ୍ରକାଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆବାହକ ମହେଶ୍ୱର ବରାଳ, ଉଲ୍ଲାସ ଚନ୍ଦ୍ର ନାୟକ, ପୂର୍ବତନ ଉପାଧ୍ୟକ୍ଷ ଲଛମନ ଦଳାଇ, ସୁବାସ ଚନ୍ଦ୍ର ପ୍ରଧାନ, ବିଚିତ୍ରାନନ୍ଦ ନାୟକ, ବାଲୁଙ୍କେଶ୍ୱର



ପ୍ରଧାନ, ଅଜୟ ମାହୁନ୍ତ, ଆଇନଜୀବୀ ମାର୍କଣ୍ଡ ପରିଡ଼ା, ପୁରୀ ଜିଲ୍ଲା ପରିଷଦର ପୂର୍ବତନ ଉପାଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ସାନ ମୁନିନ୍ଦା ଗ୍ରାମର ଅଶୋକ ପ୍ରଧାନ ପ୍ରମୁଖ ଓଡ଼ିଶା ସରକାରଙ୍କ ମାର୍ଗଦର୍ଶିକାକୁ ଉଲ୍ଲଙ୍ଘନ କରି କେତେକ ବ୍ୟକ୍ତି ପଞ୍ଚାୟତର ଅନ୍ୟ ଏକ ଗ୍ରାମରେ ଏହି ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅବୈଧ ଚାପ ପକାଉଥିବାରୁ ଉଦ୍‌ବେଗ ପ୍ରକାଶ କରିବା ସହ ମୁନିନ୍ଦାଠାରେ ପ୍ରତିଷ୍ଠା ପାଇଁ ୧୧ ଓ୍ୱାର୍ଡ ସଭ୍ୟଙ୍କ ସମେତ ପ୍ରତି ଓ୍ୱାର୍ଡରୁ ଦୁଇ ଜଣ ଲେଖାଏଁ ସଭ୍ୟଙ୍କୁ ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିବା ସଭାପତି ଶ୍ରୀ ନାୟକ ସୂଚନା ଦେଇଛନ୍ତି। ସରକାରଙ୍କ ମାର୍ଗଦର୍ଶିକାରେ ପଞ୍ଚାୟତ ସଦର ମହକୁମାରେ ଅବସ୍ଥିତ ପ୍ରାଥମିକ ବିଦ୍ୟାଳୟ, ଯେଉଁଠାରେ ପଞ୍ଚାୟତର ସଂଖ୍ୟାଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବେ, ଆବଶ୍ୟକୀୟ ଜମି ବିଦ୍ୟାଳୟ ନାମରେ ରେକର୍ଡ ରହିଥିବ, ସେହି ବିଦ୍ୟାଳୟକୁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଭାବେ ରୂପାନ୍ତରିତ କରାଯିବ। ଏହି ସବୁ ମାନଦଣ୍ଡ ମୁନିନ୍ଦା ପ୍ରାଥମିକ ବିଦ୍ୟାଳୟରେ ରହିଥିବାରୁ ଏଠାରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରାୟ ପାଞ୍ଚ ଶହ ଅଧିବାସୀ ଉପସ୍ଥିତ ଥିବା ଏହି ସମାବେଶରେ ଦାବି କରିଛନ୍ତି। ଏଥି ସହ ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଡେଲାଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ୨୦୨୫ ଜୁନ ୯ ତାରିଖରେ ଯେଉଁ ରିପୋର୍ଟ ଦେଇଛନ୍ତି, ସେଥିରେ ମୁନିନ୍ଦା ଉ.ପ୍ରା ବିଦ୍ୟାଳୟରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଥିବା ସଭାପତି ଶ୍ରୀ ନାୟକ ଦର୍ଶାଇଛନ୍ତି।

## ରଙ୍ଗନାଥ ମନ୍ଦିରରେ ନୂତନ ପ୍ରବଚନ ମଣ୍ଡପ ଉଦ୍‌ଘାଟିତ

**ବାଣପୁର,୧୫।୨/ଏନ୍ଏନ୍ଏସ୍:** ମହାଶିବରାତ୍ରି ଦିନ ଖୋର୍ଦ୍ଧା ଜିଲ୍ଲା ବାଣପୁରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଶ୍ରୀ ରଙ୍ଗନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ଶ୍ରୀ ରଙ୍ଗନାଥ ଦେବ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟିର ନୂତନ ପ୍ରବଚନ ମଣ୍ଡପକୁ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀଙ୍କୁ କମିଟିର ସଦସ୍ୟମାନେ ଭବ୍ୟ ସ୍ୱାଗତ କରିଥିଲେ। ମନ୍ତ୍ରୀଙ୍କ ନିଜସ୍ୱ ଅନୁଦାନରୁ ନିର୍ମିତ ହୋଇଥିବା ଉକ୍ତ ପ୍ରବଚନ ମଣ୍ଡପ ମନ୍ଦିର ଉନ୍ନତିରେ ବିଶେଷ ସହାୟକ ହେବ। ଭକ୍ତମାନଙ୍କ ସୁବିଧା ନିମନ୍ତେ ନିର୍ମିତ ଉକ୍ତ ମଣ୍ଡପ ଦ୍ୱାରା ଅଞ୍ଚଳବାସୀ ମଧ୍ୟ ବିଶେଷ ଉପକୃତ ହେବେ। ମନ୍ତ୍ରୀଙ୍କ ଉକ୍ତ ମହତ ଅବଦାନ ପାଇଁ ହନୁମାନ ଚାଳିଶା ଯଜ୍ଞ କମିଟି ପକ୍ଷରୁ ମନ୍ତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରଭୁଙ୍କ ଅସୀମ କୃପାରେ ଏହି ନୂତନ ପ୍ରବଚନ



ମଣ୍ଡପ ଧାର୍ମିକ ଓ ଆଧ୍ୟାତ୍ମିକ କାର୍ଯ୍ୟକଳାପରେ ଏକ ନୂତନ ପ୍ରେରଣା କେନ୍ଦ୍ର ଭାବେ ପରିଣତ ହେଉ ବୋଲି ମନ୍ତ୍ରୀ କାମନା କରିଥିଲେ। ତତ୍‌ସହିତ ଖୁବ୍ କମ୍ ସମୟ ମଧ୍ୟରେ ଏପରି ବିଶାଳ ମଣ୍ଡପର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାରୁ କମିଟିର ସଦସ୍ୟଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବାଣପୁର ଏନ୍ଏସି ଅଧ୍ୟକ୍ଷ ମିଟୁ ନାୟକ, ସମାଜସେବୀ ନନ୍ଦ କିଶୋର ମିଶ୍ର ଓ ଜିତେନ୍ଦ୍ର ଭୋଳଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଶତାଧିକ ଭକ୍ତ ଉପସ୍ଥିତ ଥିଲେ।

**ନିତି ଭାରତୀ**

ପବନ ସବୁଠି ଥିଲେ ସୁଦ୍ଧା ଯେମିତି ତାକୁ ଅନୁଭବ କରିବା ପାଇଁ ପଙ୍ଖାଟିଏ ଦରକାର, ଠିକ୍ ସେମିତି ଈଶ୍ୱର ସର୍ବବିଦ୍ୟମାନ ହୋଇଥିଲେ ସୁଦ୍ଧା ତାଙ୍କୁ ପୂଜା କରିବା ପାଇଁ ମନ୍ଦିରଟିଏ ତୋଳାଯାଏ।

– ସ୍ୱାମୀ ବିବେକାନନ୍ଦ

ନିତିଦିନ NITIDIN
ସୋମବାର ,୧୬ ଫେବୃଆରୀ ୨୦୨୬

# ସଙ୍କଟର ଦ୍ୱାରଦେଶରେ କାନାଡ଼ା



ତପୋଧନ ପଣ୍ଡା

ଆମେରିକାର ରାଷ୍ଟ୍ରପତି ଭେନେଜୁଏଲାର ରାଷ୍ଟ୍ରପତିଙ୍କୁ ଏକ କ୍ଷୁଦ୍ର ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଉଠାଇ ଆଣିବା ପରେ ତାଙ୍କର ଲୋଭ ଆହୁରି ଆହୁରି ବଢ଼ି ଚାଲିଛି। ଭେନେଜୁଏଲାର ଗଚ୍ଛିତ ବିଶାଳ ତୈଳ ଭଣ୍ଡାର ଉପରେ ତାଙ୍କରି ଆଖି ଥିଲା କେବେଠୁ। ଏବେ ଏହା ତାଙ୍କ ଅକ୍ତିଆରରେ। ଯେବେଠୁ ସେ ରାଷ୍ଟ୍ରପତି ହେଲେଣି, କାନାଡ଼ାର ପୂର୍ବତନ ପ୍ରଧାନମନ୍ତ୍ରୀ ତାଙ୍କୁ ସାକ୍ଷାତ କରିବା ଅବସରରେ ସେ କହିଥିଲେ କାନାଡ଼ା ଆମେରିକାର ୫୧ତମ ପ୍ରଦେଶ ଓ ଜଷ୍ଟିନ୍ ଟ୍ରୁଡୋଙ୍କୁ ସମ୍ବୋଧନ କରିଥିଲେ ଗଭର୍ଣ୍ଣର ବୋଲି। ସମୟ ବଦଳିବା ଫଳରେ ସେଠାରେ ଏବେ ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେ। କାନାଡ଼ା ମଧ୍ୟରେ ଅଛି ଏହିପରି ଏକ ଉପଦ୍ରୁତ ରାଜ୍ୟ ଆଲବର୍ଟା। ଏହାର ପଶ୍ଚିମ ସୀମା ଲାଗିଛି ଆମେରିକାକୁ। ଏହାର ଲ୍ୟାଣ୍ଡସ୍କେପ୍ ଅତ୍ୟନ୍ତ ସୁନ୍ଦର। ସେଠାରେ ଅଛି ୬୦୦ରୁ ଊର୍ଦ୍ଧ୍ୱ ହ୍ରଦ। ଏଠାରେ ବି ଅଛି ଅନେକ ଖଣିଜ ସମ୍ପଦ। ଏହାର ତୈଳ ସମ୍ପଦ ପୃଥିବୀର ୪ର୍ଥ। ୧୬୮ରୁ ୧୭୧ ବିଲିୟନ ବ୍ୟାରେଲ ତୈଳ ଗଚ୍ଛିତ ଅଛି ସେଠାରେ, ଅର୍ଥାତ୍ ଭେନେଜୁଏଲାର ସାମାନ୍ୟ କମ୍। କାନାଡ଼ାରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଭାରତ ବିରୁଦ୍ଧରେ ବିଷ ଉଦ୍‌ଗାର କରି ଚାଲିଛନ୍ତି ସବୁବେଳେ। ଜଷ୍ଟିନ୍ ଟ୍ରୁଡୋ ସେମାନଙ୍କୁ ସମର୍ଥନ କରୁଥିଲେ; ଭାରତ ସହିତ କାନାଡ଼ାର ସଂପର୍କ ଏକଦମ୍ ନିମ୍ନ ସ୍ତରକୁ ଚାଲି ଯାଇଥିଲା। ଏବେ ନୂତନ ପ୍ରଧାନମନ୍ତ୍ରୀ ତାହା ବହୁ ମାତ୍ରାରେ ସୁଧାରି ଚାଲିଛନ୍ତି।

ଆମେରିକା ସହିତ ୟୁରୋପୀୟ ରାଷ୍ଟ୍ର ସମୂହର ତଥା ଅନ୍ୟ କେତେକ ରାଷ୍ଟ୍ରର ସଂପର୍କ ତିକ୍ତ ହୋଇ ଉଠିଛି ଟ୍ରମ୍ପଙ୍କ ଟାରିଫ୍ ନୀତି ଯୋଗୁଁ। ଭେନେଜୁଏଲାରେ ଯାହା ଘଟିଥିଲା, ତାହା ଘଟିବାକୁ ଆରମ୍ଭ କରିଛି କାନାଡ଼ାର ଆଲବର୍ଟା ରାଜ୍ୟରେ। ସେଠାରେ ବିରୋଧୀ ଦଳର ନେତାମାନେ ଘନ ଘନ ଆସି ବୈଠକ ଚଳାଉଛନ୍ତି ଟ୍ରମ୍ପ ପ୍ରଶାସନର ଅଧିକାରୀଙ୍କ ସହିତ। ଉଦ୍ଦେଶ୍ୟ, ସେମାନେ କାନାଡ଼ାରୁ ବିଚ୍ଛିନ୍ନ ହୋଇ ଆମେରିକା ସହିତ ମିଶିଯିବେ ବା ସ୍ୱାଧୀନ ରାଜ୍ୟ ହୋଇଯିବେ। ଅର୍ଥାତ୍ କାନାଡ଼ାକୁ ଦୁଇ ଖଣ୍ଡ କରିଦେବେ। ସେହି ବିଚ୍ଛିନ୍ନତାବାଦୀ ଦଳର ନାଁ ହେଲା ଆଲବର୍ଟା ପ୍ରସ୍ପେରିଟି ପ୍ରୋଜେକ୍ଟ ବା ଏପିପି। ସେମାନେ ତିନି ଥର ଆମେରିକାର ଷ୍ଟେଟ୍ ଡିପାର୍ଟମେଣ୍ଟର ଅଧିକାରୀଙ୍କ ସହିତ ସାକ୍ଷାତ ଆଲୋଚନା କରି ସାରିଲେଣି। ପୁଣି ଆଉ ଥରେ ଆସିବେ ଏଇ ମାସରେ ଟ୍ରେଜେରୀ ଡିପାର୍ଟମେଣ୍ଟର ଅଧିକାରୀଙ୍କ ପାଖକୁ ଏବଂ ଅନୁରୋଧ କରିବେ ୫୦୦ ବିଲିୟନ ଡଲାର ଋଣ ଦେବା ପାଇଁ, ଯାହା ଦ୍ୱାରା ସେମାନେ ପୃଥକ୍ ହୋଇ ପାରିବେ କାନାଡ଼ାରୁ ଓ ସେଠାରେ ଗଚ୍ଛିତ ତୈଳ ଭଣ୍ଡାର ଉପରେ ଆମେରିକାର ହୋଇଯିବ ସଂପୂର୍ଣ୍ଣ ଅଧିକାର। ଏହାକୁ ସେମାନେ କହୁଛନ୍ତି ପ୍ରଥମ ଦିବସ ଆଲା କାର୍ଟେ ସ୍ୱାଧୀନତା ପାଉବାର। ସେମାନେ କହି ବୁଲୁଛନ୍ତି ଯେ ତାଙ୍କ ରାଜ୍ୟର ହଜାର ହଜାର ଅଧିବାସୀ ସେମାନଙ୍କୁ ସମର୍ଥନ ଜଣାଇବାର ପ୍ରତିଶ୍ରୁତି ଦେଇଛନ୍ତି ବୋଲି। ଏଠାରେ ଉଲ୍ଲେଖନୀୟ ଯେ ଆଲବର୍ଟାର ଆଇନ ଅନୁସାରେ ସେଠାରେ ରେଫରେଣ୍ଡମ୍ ସ୍ୱାକ୍ଷର ଆବଶ୍ୟକ ତାଙ୍କ ରାଜ୍ୟର ଲୋକସଂଖ୍ୟା ହିସାବରେ। ତା'ହେଲେ ଯାଇଁ ଗଣଭୋଟ୍ କରାଯାଇ ପାରିବ କାନାଡ଼ା ସହିତ ଯୋଡ଼ି ହୋଇ ରହିବେ କି ନାହିଁ ସ୍ଥିର କରିବା ପାଇଁ। ଏହା ପୁଣି ଆବଶ୍ୟକ ଏଇ ମେ' ମାସ ସୁଦ୍ଧା। କିନ୍ତୁ ବିଚ୍ଛିନ୍ନତାବାଦୀଙ୍କୁ ବିରୋଧ କରୁଥିବା ଦଳ ଏକ ଆନ୍ଦୋଳନ ଆରମ୍ଭ କରିଛନ୍ତି 'ଆଲବର୍ଟା ଫରଏଭର କାନାଡ଼ା' ଏବଂ ସେମାନେ କହୁଛନ୍ତି ଯେ କେଉଁ ବିଚ୍ଛିନ୍ନତାବାଦୀଙ୍କୁ ସମର୍ଥନ କରୁ ନାହାନ୍ତି ଓ ସମସ୍ତେ ଚାହାନ୍ତି କାନାଡ଼ା ସହିତ ଏକଜୁଟ ହୋଇ ରହିବା ପାଇଁ। ଆଉ ଏକ ସର୍ଭେ ସୂଚନା ଦେଇଛି ଯେ ଅତି ବେଶୀରେ ୩୦ ପ୍ରତିଶତ ଲୋକ ଚାହାନ୍ତି ବିଚ୍ଛିନ୍ନ ହୋଇଯିବା ପାଇଁ କାନାଡ଼ାଠାରୁ।

କାନାଡ଼ାରେ ଥିବା ମୋଟ ୧୦ଟି ରାଜ୍ୟ ଭିତରୁ ଆଲବର୍ଟା ସବୁଠୁ ବିତ୍ତଶାଳୀ ରାଜ୍ୟ। ବିଚ୍ଛିନ୍ନତାବାଦୀ ଦଳ କହୁଛନ୍ତି ଯେ ସେମାନେ ଏକ ବିକଳ୍ପ ପନ୍ଥା ମଧ୍ୟ ସ୍ଥିର କରିଛନ୍ତି, ଯେପରିକି ଆମେରିକା ସମର୍ଥନରେ ସେମାନେ ସ୍ୱାଧୀନ ହୋଇଯିବେ ଓ କାନାଡ଼ା ସରକାର ହସ୍ତକ୍ଷେପ କରି ପାରିବେ ନାହିଁ। ଆମେରିକା କ'ଣ ସ୍ୱାଧୀନ ହେବାକୁ ଦେବ? ବରଂ ଚାହିଁବ ଆଲବର୍ଟା ଆମେରିକା ସହିତ ମିଶିଯାଉ। କାନାଡ଼ାର ଅନ୍ୟ ତୈଳ ଖଣିକୁ ନିୟନ୍ତ୍ରଣ କରୁ ନେଲେ ଆଲବର୍ଟାର ତୈଳ ୯୦ ପ୍ରତିଶତ ଓ ଯେଉଁରୁ ୮୦ ପ୍ରତିଶତ ହିସାବରେ ତୈଳ ଉତ୍ତୋଳନ କରାଯାଉଛି କାନାଡ଼ାର ଆବଶ୍ୟକତା ଆଧାରରେ। ଯଦି ଆଲବର୍ଟା କାନାଡ଼ାରୁ ବିଚ୍ଛିନ୍ନ ହୋଇଯାଏ, ତା'ହେଲେ କାନାଡ଼ାରେ ଅସ୍ଥିରତା ସୃଷ୍ଟି ହୋଇଯିବ ଓ ଅର୍ଥନୀତି ଭୁଶୁଡ଼ି ପଡ଼ିବ। ସେଠାକାର ଜାତୀୟତାବାଦୀ ଦଳଗୁଡ଼ିକ ଆଲବର୍ଟାର ଏପିପିକୁ ବିଶ୍ୱାସଘାତକ ଦଳ ବୋଲି ଆଖ୍ୟା ଦେଇଛନ୍ତି ଓ ଭିତରେ ଭିତରେ ଆମେରିକା ସେମାନଙ୍କୁ ଉସୁକାଉଛି ବୋଲି ସେମାନେ ଖୋଲାଖୋଲି ସମାଲୋଚନା କରୁଛନ୍ତି। ସେମାନେ ରାଷ୍ଟ୍ରଦ୍ରୋହୀ ବ୍ୟତୀତ ଆଉ କିଛି ନୁହନ୍ତି। ଆମେରିକା ସହିତ ମିଶିଯିବା ପାଇଁ ଆମେରିକାକୁ ସାହାଯ୍ୟ ମାଗିବା ଅତ୍ୟନ୍ତ ପରିତାପର ବିଷୟ। ଏଠାରେ ମଧ୍ୟ ଉଲ୍ଲେଖନୀୟ ଯେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ସେଇଠାରେ ଓ ବ୍ରିଟିଶ୍ କଲମ୍ବିଆ ପ୍ରଦେଶରେ ଅତ୍ୟନ୍ତ ସକ୍ରିୟ।

ତେଣେ ଟ୍ରମ୍ପଙ୍କ ସହକାରୀମାନେ, ଯେଉଁମାନେ ସମର୍ଥନ କରୁଥିଲେ କାନାଡ଼ା ତାଙ୍କ ଦେଶର ୫୧ତମ ରାଜ୍ୟ ବୋଲି, ସେମାନେ ଅତ୍ୟନ୍ତ ଆନନ୍ଦିତ ଯେ ତୈଳ ଭଣ୍ଡାରରେ ଭରପୂର ଏକ ଅଞ୍ଚଳ ଆମେରିକା ସହିତ ମିଶିବ ବୋଲି। ମାତ୍ର ଏଇ ଆଲବର୍ଟାର ବିଚ୍ଛିନ୍ନତାବାଦୀମାନେ କହୁଛନ୍ତି, ଆମେ ଆମେରିକା ସହିତ ମିଶ୍ରଣ ଚାହୁଁନା, ଆମେ ଚାହୁଁ ଆମେରିକା ସହାୟତାରେ ଆମେ ସ୍ୱାଧୀନ ରାଜ୍ୟ ହୋଇଯିବୁ। ଏହା ଲାଗୁଛି ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନା ମଚାଡୋଙ୍କ ସ୍ୱର ଭଳି। ଆଉ ଏବେ ଭେନେଜୁଏଲାର ରାଷ୍ଟ୍ରପତିଙ୍କୁ ଉଠାଇ ଆଣି ଟ୍ରମ୍ପ୍ ତୈଳ ଭଣ୍ଡାରଗୁଡ଼ିକୁ ଅକ୍ତିଆର କଲା ପରେ ସେ କ୍ୟୁବାକୁ ବାରଣ କରିଛନ୍ତି ଭେନେଜୁଏଲାରୁ ତୈଳ ନେବା ପାଇଁ। କ୍ୟୁବା ସଂପୂର୍ଣ୍ଣ ନିର୍ଭରଶୀଳ ଥିଲା ଭେନେଜୁଏଲାର ତୈଳ ଉପରେ। ଏବେ ସେଠାରେ ହାହାକାରର ପରିଣତି। କେବେ ପୁଣି ଉଠାଇ ଆଣି ପାରନ୍ତି କ୍ୟୁବାର ରାଷ୍ଟ୍ରପତିଙ୍କୁ। ତେବେ ଆଲବର୍ଟା ସବୁବେଳେ ଅସନ୍ତୁଷ୍ଟ ଥିଲା କାନାଡ଼ା ସରକାରଙ୍କ ନୀତି ଉପରେ। କାନାଡ଼ାର ଏନର୍ଜି ପଲିସି, ସବୁ ରାଜ୍ୟ ଭଳି ଆଲବର୍ଟାକୁ ସମାନ ଅର୍ଥ ବରାଦ୍- ସେଠାରୁ ତୈଳ ଉତ୍ତୋଳନ ସତ୍ତ୍ୱେ ଏବଂ ପରିବେଶଗତ ଆଇନ ଆଦିକୁ ନେଇ ଅସନ୍ତୋଷ ଥିଲା। ଏହା କିଛି ନୂଆ ସମସ୍ୟା ନୁହେଁ। ଏହା ଦଶନ୍ଧି ଦଶନ୍ଧି ଧରି ଲାଗି ରହିଥିଲା। କିନ୍ତୁ କାନାଡ଼ା-ଆମେରିକା ମଧ୍ୟରେ ଟ୍ରମ୍ପଙ୍କ ଟାରିଫ୍ ନୀତି ଯୋଗୁଁ ସଂପର୍କ ନ୍ୟୂନ ସ୍ତରକୁ ଚାଲିଯିବା ବେଳେ ଆଲବର୍ଟାର ବିଚ୍ଛିନ୍ନତାବାଦୀ ଦଳ ଗୋଳିଆ ପାଣିରୁ ଫାଇଦା ଉଠାଇବାକୁ ଚାହୁଁଛନ୍ତି। ଏହାର ପ୍ରତିଧ୍ୱନି ଏବେ ଶୁଭିବାକୁ ଆରମ୍ଭ କଲାଣି କ୍ୟୁବେକ୍ ରାଜ୍ୟରେ। ଏହା କାନାଡ଼ାର ସବୁଠୁ ବିଶାଳ ରାଜ୍ୟ। ସେଠାରେ ୧୯୯୫ ମସିହାରେ ହୋଇଥିବା ରେଫରେଣ୍ଡମ୍ ଯୋଗୁଁ ବିଚ୍ଛିନ୍ନ ହେବାକୁ ଚାହୁଁଥିବା ଲୋକେ ଅଳ୍ପକେ ହାରି ଯାଇଥିଲେ ଓ ସେଇ କ୍ଷତିରୁ ଏବେ ରକ୍ତ କ୍ଷରଣ ଆରମ୍ଭ ହୋଇ ଯାଇଛି। ଅର୍ଥାତ୍ ଅଲବର୍ଟାରେ ଯଦି ରେଫରେଣ୍ଡମ୍ ହୁଏ ଓ ବିଚ୍ଛିନ୍ନତାବାଦୀମାନେ ଜିତି ଯାଆନ୍ତି, ତା'ହେଲେ କ୍ୟୁବେକ୍‌ରେ ତାହା ଘଟିବାକୁ ବେଶୀ ସମୟ ଲାଗିବ ନାହିଁ। ଏବେ ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେ କିଭଳି ଏହି ସଙ୍କଟରୁ କାନାଡ଼ାକୁ ରକ୍ଷା କରି ପାରିବେ, ତାହାକୁ ଚାହିଁ ରହିଛି ସମଗ୍ର ବିଶ୍ୱ। ଆଉ ଆମେରିକା କୌଣସି ମୌକାକୁ ଛାଡ଼ିବାକୁ ପ୍ରସ୍ତୁତ ନୁହେଁ ଆଲ୍‌ବର୍ଟାକୁ ନିଜ ଦେଶରେ ମିଶାଇବା ପାଇଁ। କ୍ଷମତା ବିସ୍ତାରର ଅହଙ୍କାର ଘାରିଛି ରାଷ୍ଟ୍ରପତି ଟ୍ରମ୍ପଙ୍କୁ; କାନାଡ଼ା ନ ହେଲା ନାହିଁ, ଆଲବର୍ଟା ଆସୁ ତାଙ୍କ ରାଷ୍ଟ୍ରକୁ।




ଭିଆଇଏମ୍- ୭୪୧
ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ: ୯୪୩୭୩୦୭୪୮୬

# ମହାଯୋଗୀଙ୍କ ପ୍ରେମ



ଡାକ୍ତର ନକୁଳ ସାହୁ

ଦେଶରେ ପ୍ରେମ, ପ୍ରତାରଣା, ଗଣଦୁଷ୍କର୍ମ ଦେଶର ଆଇନ ସହ ବଢ଼ି ବଢ଼ି ଚାଲିଛି। ଦୋଷୀ ଲୋକମାନେ ଆଇନ ଶୃଙ୍ଖଳା ବିଭାଗ ଦ୍ୱାରା ଓ ବିଚାରାଳୟ ଦ୍ୱାରା ଦଣ୍ଡିତ ହେଉଛନ୍ତି। ଦୁର୍ଲଭ ମନୁଷ୍ୟ ଜୀବନ ଭଗବାନଙ୍କ ଦାନ। ତାହାର ବୁଦ୍ଧି ଅଛି। ଗବେଷଣାତ୍ମକ ବିଚାର ବିଜ୍ଞାନ, ଧର୍ମଶାସ୍ତ୍ର, ସୃଷ୍ଟିଚକ୍ର ଦର୍ଶନ ଶାସ୍ତ୍ର ଅନୁସାରେ ବିଚାର କଲେ ବିଷୟଟି ରହସ୍ୟପୂର୍ଣ୍ଣ ଜଣାଯାଏ। ଗୋଟିଏ ମନୁଷ୍ୟ ତା' ଜୀବନରେ ବା ବୟସର କିଛି କ୍ଷଣର ଭୁଲ୍ ପାଇଁ ତା' ଜୀବନ ବ୍ୟର୍ଥ ହୋଇଯାଏ। ବିଜ୍ଞାନ ଦୃଷ୍ଟିରୁ ବିଚାର କଲେ, ଆମ ଶରୀରରେ ଥିବା କେତେକ ଅନ୍ତଃସ୍ରାବୀ ରସ, ରାସାୟନିକ ସ୍ରାବ ଏମିତି ବିକୃତ ଚିନ୍ତାଧାରା ମନରେ ଜାତ କରାନ୍ତି। ଏହି ଅନ୍ତଃସ୍ରାବୀଗୁଡ଼ିକ ବାସ୍ତବିକ ମନୁଷ୍ୟ ଜୀବନ ଧାରଣ ପାଇଁ ଜାତ ହୁଏ। ବିକୃତ ଖାଦ୍ୟ, ସାମାଜିକ ପରିବେଶ ଦ୍ୱାରା ବିକୃତ ହୋଇ ବିକୃତ ମାନସିକତା ସୃଷ୍ଟ କରେ। ଅକ୍ସିଟୋସିନ, ଡୋପାମାଇନ, ନୋରପିନେଫ୍ରିନ, ସେରୋଟୋନିନ, ଟେଷ୍ଟୋଷ୍ଟେରୋନ, ଲୁଟେଇନିଜିଗ ଆଦି ଏହା କରାନ୍ତି। ବିକୃତ ଖାଦ୍ୟ ଓ ଦିନଚର୍ଯ୍ୟାର ସନ୍ତୁଳନ ରକ୍ଷା ପାଇଁ ଧର୍ମଶାସ୍ତ୍ର, ଯୋଗଶାସ୍ତ୍ର ଓ ଭାରତୀୟ ଦର୍ଶନରେ ବ୍ୟବସ୍ଥା ରହିଛି। ଧର୍ମଶାସ୍ତ୍ରରେ ଏହାର ବହୁ ଉଦାହରଣ ଅଛି। ଏହି ଭୁଲ୍ ପାଇଁ ଦେବ, ଗନ୍ଧର୍ବ, ଋଷି ସମାଜରେ କିପରି ସ୍ଥିତି ରକ୍ଷା କରିଛନ୍ତି, ଲେଖା ଅଛି। ଦେବାସୁରଙ୍କ ସମୁଦ୍ର ମନ୍ଥନରୁ ଭଗବାନ ଧନ୍ୱନ୍ତରୀ ଅମୃତ କଳସ ଧରି ଆବିର୍ଭୂତ ହେଲେ। ଅସୁରମାନେ ଅମୃତ କଳସ ଛଡ଼ାଇ ନେଇଗଲେ। ଅମୃତ ଅସୁରମାନେ ପାଇଯିବା ଭୟରେ ଭଗବାନ ମୋହିନୀ ରୂପ ଧାରଣ କରି ନିତମ୍ବ ଭାରି ଯୋଗୁଁ ଧୀରେ ଧୀରେ ଅମୃତ କଳସ ଧରି ସଭା ସ୍ଥଳକୁ ଆସିଲେ। ଚକ୍ଷୁ ମଦ ବିହ୍ୱଳିତ ଥିଲା। କଳସ ପରି ସ୍ତନ ଓ ହସ୍ତୀଶୁଣ୍ଢ ପରି ଜଂଘ, ଝୁଣୁ ଝୁଣୁ ହେଉଥିବା ନୂପୁର ପିନ୍ଧିଥିଲେ, କାନରେ କୁଣ୍ଡଳ, ଅତି ସୁନ୍ଦର ନାସିକା, କପାଳ, ମୁଖ କାମ ଉଦ୍ଦୀପକ ରୂପରେ ଦେବତାଙ୍କୁ ଅମୃତ ପିଆଇଲେ। ମୋହିନୀ ବେଶ ଧରି କାମଭାବ ଅସୁରମାନଙ୍କ ମନରେ ଉଦ୍ରେକ କରାଇ ଅମୃତ ବାଣ୍ଟିବା ଛଳରେ ଦେବତାଙ୍କୁ ବାଣ୍ଟିଦେଲେ।

ଶିବ ଏହି ବିଷୟ ଶୁଣି ଗୌରୀଙ୍କୁ ଓ ଭୂତଗଣଙ୍କୁ ସାଥୀରେ ଧରି ଭଗବାନଙ୍କ ପାଖକୁ ଗଲେ। ଭଗବାନଙ୍କୁ କହିଲେ, ଆପଣଙ୍କର ସେହି ମୋହିନୀ ରୂପ ଦେଖିବାକୁ ଚାହୁଁଛି। ଭଗବାନ କହିଲେ, ଅସୁରମାନେ ଅମୃତ କଳସ ନେଇଗଲେ ତାଙ୍କୁ କାମ ମୋହିତ କରିବା ପାଇଁ ସେହି ରୂପ ଧାରଣ କରିଥିଲି। ଏହି ରୂପ କାମୀ ପୁରୁଷଙ୍କ ପାଇଁ। ଆପଣ ତ ଦେବଶିରୋମଣି ମହାଯୋଗୀ। ଏହା କହି ଅନ୍ତର୍ଦ୍ଧାନ ହୋଇଗଲେ। ଶିବ ପାର୍ବତୀ ଚାହିଁ ବସିଥାନ୍ତି। ଚାରି ପଟକୁ ଦେଖି ଶିବ ଲକ୍ଷ୍ୟ କଲେ ଗୋଟିଏ ସୁନ୍ଦର ଫୁଲ ସମ୍ଭାର ବଗିଚା। ସେଥିରେ ଜଣେ ତରୁଣୀ କନ୍ଦୁକ ଫୋପାଡ଼ି ଖେଳୁଛି। ସୁନ୍ଦର ଶାଢ଼ି ପନ୍ଧିଛି, ରତ୍ନଖଚିତ ଅଣ୍ଟାଦଉଡ଼ି ବାନ୍ଧିଛି। କନ୍ଦୁକ ଫିଙ୍ଗିବା ବେଳେ ସ୍ତନ ହଲୁଛି ଓ ତା' ଉପରେ ପଡ଼ିଥିବା ହାର ଝୁଲୁଛି। ପଲ୍ଲବ ପରି କୋମଳ ପାଦ ନାଚି ନାଚି ଚାଲୁଛି। କନ୍ଦୁକ ଏପଟେ ସେପଟେ ଗଲେ ସେ କୋମଳ ପାଦରେ ଅଟକାଇ ଦେଉଛି। ଚଞ୍ଚଳ ଚକ୍ଷୁ କିଛି ଉଦ୍‌ବିଗ୍ନ ଜଣା ଯାଉଛି। କପୋଳରେ କଳା କଳା ଚୂର୍ଣ୍ଣ କୁନ୍ତଳ ଝୁଲୁଛି, ଯାହା ଦ୍ୱାରା ମୁଖ ଉଲ୍ଲସିତ ରହିଛି। ଶାଢ଼ି, କେଶ କୁନ୍ତଳ ଖୋଲି ଯାଉଛି। ତାକୁ ସମ୍ଭାଳି ନେଉଛି। କନ୍ଦୁକ ଖେଳି ଖେଳି ସାରା ଜଗତକୁ ମୋହିତ କରୁଛି। କନ୍ଦୁକ ଖେଳି ଖେଳି ସେହି ନାରୀ ସଲଜ୍ଜ ହସି ଶିବଙ୍କୁ ଚାହିଁଲା। ଏହା ଦେଖି ଶିବ ମନକୁ ଆୟତ୍ତ କରି ପାରିଲେ ନାହିଁ। ପାର୍ବତୀ ଓ ଭୂତଗଣଙ୍କୁ ଭୁଲି ଗଲେ। କିଛି ଦୂର କନ୍ଦୁକ ଚାଲିଗଲା। କନ୍ୟାଟି ସେହି ପଟକୁ ଦୌଡ଼ି ଚାଲିଗଲା। ତାଙ୍କ କଟିରୁ ଅଣ୍ଟା ଦଉଡ଼ି ଓ ପତଳା ଶାଢ଼ି ଉଡ଼ିଗଲା। ମୋହିନୀର ପ୍ରତ୍ୟେକ ଅଙ୍ଗ ମନୋହର ଥିଲା। ମନ ଓ ଆଖି ଲାଖି ରହିଲା। ଶିବ ମୋହିନୀ ପ୍ରତି ଓ ମୋହିନୀ ଶିବଙ୍କ ପ୍ରତି ଆକୃଷ୍ଟ ହୋଇଗଲେ। ପ୍ରଥମରୁ ମୋହିନୀ ବସ୍ତ୍ରହୀନ ହୋଇ ପଡ଼ିଥିଲେ। ଶିବ ତାଙ୍କ ନିକଟକୁ ଆସୁଥିବାର ଦେଖି ଲଜ୍ଜାରେ ଗୋଟିଏ ବୃକ୍ଷ ଆଢୁଆଳରୁ ଅନ୍ୟ ବୃକ୍ଷ ନିକଟରେ ଲୁଚିଲେ ଓ ହସିଲେ। କାମ ମୋହିତ ଶିବ ପାର୍ବତୀଙ୍କ ସମ୍ମୁଖରେ ଦ୍ରୁତ ଗତିରେ ଦୌଡ଼ି ମୋହିନୀଙ୍କ ବେଣୀକୁ ଧରିନେଲେ। ଇଚ୍ଛା ନଥିଲେ ମଧ୍ୟ ଦୁଇ ହାତରେ ଧରି ଛାତିରେ ଚାପି ଧରିଲେ ଓ ଆଲିଙ୍ଗନ କଲେ। ମୋହିନୀ ଶିବଙ୍କ ବାହୁ ବନ୍ଧନରୁ ନିଜକୁ ଅତି କଷ୍ଟରେ ମୁକ୍ତ କରି ଦୌଡ଼ିଲେ। କେଶପାଶ ଖୋଲିଗଲା। ଶିବଙ୍କ ବୀର୍ଯ୍ୟ ଅମୋଘ ହେଲେ ମଧ୍ୟ ମୋହିନୀ ମାୟାରେ ସ୍ଖଳନ ହୋଇଗଲା; ଯେଉଁଠାରେ ପଡ଼ିଲା, ତାହା ସୁନା ରୂପା ଖଣି ହୋଇଗଲା। ନଦୀ ସରୋବର, ପର୍ବତ, ବନ, ଉପବନ- ଯେଉଁଠାରେ ଋଷି ମୁନି ବାସ କରୁଛନ୍ତି, ସେଠାକୁ ଶିବ ଗଲେ। ବୀର୍ଯ୍ୟପାତ ପରେ ତାଙ୍କୁ ସ୍ମୃତି ହେଲା ଯେ ଭଗବାନଙ୍କ ମାୟାରୁ ଏହାସବୁ ଘଟିଲା। ଆତ୍ମସ୍ୱରୂପ ସର୍ବାତ୍ମା ଭଗବାନଙ୍କ ମାୟାରୁ କିଏ ବା ମୁକ୍ତି ପାଇ ପାରିବ? ସେ ଲଜ୍ଜା ବିଷାଦ ଛାଡ଼ି ଭଗବାନଙ୍କ ନିକଟରେ ପହଞ୍ଚିଲେ। ଭଗବାନ କହିଲେ, ମୋର ସ୍ତ୍ରୀ ରୂପ ଧାରିଣୀ ମାୟାରୁ କେହି ମୁକ୍ତି ପାଇ ପାରିବେ ନାହିଁ। ସୃଷ୍ଟି ଆଦିରେ ଶୋଭିତ ହୋଇଥିବା କାଳ ମଧ୍ୟ ମୁଁ ଅଟେ। ମୋ ଇଚ୍ଛା ବିପରୀତର କେହି ରଜ ଗୁଣ ଆଦି ସୃଷ୍ଟି କରି ପାରିବ ନାହିଁ। ଭଗବାନ ଶିବଙ୍କୁ ଯଥୋଚିତ ସତ୍କାର କଲେ। ଶିବ ଭୂତଗଣଙ୍କ ସହ ପାର୍ବତୀଙ୍କୁ ସଙ୍ଗରେ ଧରି କୈଳାସକୁ ଫେରିଗଲେ। ଶିବ ପାର୍ବତୀଙ୍କୁ କହିଲେ, ଦେଖିଲ ଭଗବାନଙ୍କ ମାୟା ଅନନ୍ୟ। ମୁଁ ହଜାରେ ବର୍ଷ ତପସ୍ୟା କରିଛି। ସମସ୍ତ କଳା କୌଶଳ ଆଦିର ସ୍ୱାମୀ ହୋଇ ମଧ୍ୟ ବିଷ୍ଣୁଙ୍କ ମାୟାରୁ ମୁକ୍ତି ପାଇ ପାରିଲି ନାହିଁ। ଅନ୍ୟ ଜୀବଙ୍କ ଅବସ୍ଥା କ'ଣ କହିବା (୮ ସ୍କନ୍ଦ, ୧୨ଅଧ୍ୟାୟ ଭାଗବତ)।

ସୃଷ୍ଟିଚକ୍ର ଅନୁସାରେ, ସୃଷ୍ଟି ସର୍ଜନା ଇଚ୍ଛା କରି ବ୍ରହ୍ମା ତପ, ବାଣୀ, ରତି, କାମ ଏବଂ କ୍ରୋଧ ସୃଷ୍ଟି କଲେ। ଭଲ



ମନ୍ଦ କର୍ମର ବିଚାର ପାଇଁ ଧର୍ମ ଅଧର୍ମ ସୃଷ୍ଟି କଲେ। ସୁଖ, ଦୁଃଖ, କାମ, କ୍ରୋଧାଦି ଦ୍ୱନ୍ଦ୍ୱ ଧର୍ମର ଅଧୀନ ପ୍ରାଣୀ ଜଗତ ସୃଷ୍ଟି କଲେ। ପଞ୍ଚ ମହାଭୂତର ସୂକ୍ଷ୍ମ ମାତ୍ରା ପଞ୍ଚତନ୍ମାତ୍ରା ସହ ସାରା ସୃଷ୍ଟି ସର୍ଜନା ହେଲା। ଆଦିକାଳରୁ ହିଁ ଯାହାର ଯାହା ସ୍ୱଭାବ, ସେହି ଗୁଣ ନେଇ ସେ ନିଜେ ଜନ୍ମ ନେଲା। ହିଂସା-ଅହିଂସା, ଦୟା-କଠୋରତା, ଧର୍ମ-ଅଧର୍ମ, ସତ୍ୟ-ମିଥ୍ୟା ସୃଷ୍ଟି ସର୍ଜନା ବେଳେ ପୂର୍ବ କଳ୍ପନାରେ ଯାହା ଥିଲା, ତାହା ସ୍ୱତଃ ସେହି ସେହି ଗୁଣ ସେହି ଜୀବର ଶରୀରରେ ପ୍ରବେଶ କଲା। ଯେପରି ବର୍ଷରେ ଛଅ ଋତୁ, ଋତୁ ଅନୁସାରେ ସ୍ୱାଭାବିକ ଭାବରେ କେଉଁ ଗଛ ଲତାରେ କେଉଁ ଫଳ ଫୁଲ ହେବ, ପ୍ରକୃତିର ନିୟମରେ ତାହା ହୋଇଯାଏ, ସେହିପରି ପୃଥିବୀରେ ମନୁଷ୍ୟ ନିଜ ପୂର୍ବ କର୍ମ ଅନୁସାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଜାତିରେ ଜନ୍ମ ନେଲେ ଓ ପୂର୍ବ ଜନ୍ମର କର୍ମ ନୁସାରେ ଅପକର୍ମ, ଅପମାନ, ସମ୍ମାନ ପାଇଲେ।

ସାଂଖ୍ୟ ଦର୍ଶନକୁ ବିଚାର କଲେ ସୃଷ୍ଟିର କାରଣ ପଚିଶ ତତ୍ତ୍ୱ। ଏହିଥିରୁ ପୁରୁଷ, ପ୍ରକୃତି ଦୁଇଟି ମିଶି ସାରା ସୃଷ୍ଟି ରଚନା କରିଛନ୍ତି। ପ୍ରକୃତି ଜଡ଼, ପୁରୁଷ ଜୀବ ସତ୍ତା। ଉଭୟଙ୍କ ମିଳନ ଦ୍ୱାରା ଏହି ବ୍ରହ୍ମାଣ୍ଡ ସୃଷ୍ଟି ହୋଇଛି। ଏହାର ମୁଖ୍ୟ ସହଯୋଗୀ ଅନ୍ୟ ତେଇଶ ଗୋଟି ତତ୍ତ୍ୱ, ଯେମିତି ବୁଦ୍ଧି, ଅହଙ୍କାର, ମାଟି, ପାଣି, ଅଗ୍ନି, ବାୟୁ, ଆକାଶ। ଏମାନଙ୍କ ଗୁଣ, ଗନ୍ଧ, ରସ, ତେଜ, ସ୍ପର୍ଶ ଓ ଶବ୍ଦ; ହାତ, ପାଦ, ମଳଦ୍ୱାର, ଲିଙ୍ଗ, ମୁଖ ଏବଂ ଚର୍ମ, ଜିଭ, ଚକ୍ଷୁ, କର୍ଣ୍ଣ, ନାସା ଓ ଉଭୟ ଇନ୍ଦ୍ରିୟ ମନ। ଏମିତି ପଚିଶଟିକୁ ନେଇ ଆମେ ଓ ସମସ୍ତ ଜୀବ ଜଗତ ଗଢ଼ା; ଗଛ ହେଉ କି ଜୀବ। ଆମେ ଯଦି ଏହି ତେଇଶଟିକୁ ପ୍ରାକୃତିକ ଅବସ୍ଥାରେ ରଖିବା ପାଇଁ ଯୋଗ, ଆସନ, ଆଧ୍ୟାତ୍ମ ଚିନ୍ତନ କରିବା, ଆମେ ସୁସ୍ଥ ମନ ଓ ଶରୀର ନେଇ ରହିବା। ବୁଦ୍ଧି, ଅହଙ୍କାର ଦୁଇଟି ମହଦାଦ୍ୟା। ଏହାର ମିଶ୍ରିତ ଗୁଣରୁ ସୃଷ୍ଟି ସତ୍ତ୍ୱ, ରଜ, ତମ। ଏହିସବୁ ପ୍ରକୃତିର ଗୁଣ। ଜୀବ ରଜ, ତମ ଗୁଣ ଆକ୍ରାନ୍ତ ହେଲେ ବିକୃତ ବା ବିନାଶ ବୁଦ୍ଧି ଜାତ ହୁଏ ଓ ଅଧଃପତନ ଘଟେ। ଏଥିରୁ ମନୁଷ୍ୟ ଦୁଷ୍କର୍ମ କରେ। ସବୁ ଭଗବାନଙ୍କର ସେହି ମୋହିନୀ ଲୀଳା। ନିରାକରଣ ପାଇଁ ଜେଲ୍ ଭିତରେ ଓ ବାହାରେ ଧର୍ମଶାସ୍ତ୍ର, ଯୋଗ ଜ୍ଞାନ ଦିଆଯାଉ। କୋଡ଼ିଏ ବର୍ଷ ବା ଯାବଜ୍ଜୀବନ ଜେଲରେ ରହିଲେ ସମାଜର କିଛି ଲାଭ ରହିବ ନା ଭଗବାନଙ୍କ ସୃଷ୍ଟି ସଫଳ ହେବ। ବିଜ୍ଞାନ ପଦ୍ଧତିରେ ଅସ୍ଥାୟୀ ବା ସ୍ଥାୟୀ ନପୁଂସକ କରି ଦିଆଯାଇ ପାରିବ। ଥରୁଟିଏ କ୍ଷମା ଦେଲେ ସମାଜର ମଙ୍ଗଳ ହେବ।

ମୋ: ୯୮୬୧୪୫୦୬୧୨

## ସମ୍ପାଦକଙ୍କୁ ପତ୍ର

### ସଠିକ୍ ଓଡ଼ିଆ ଶବ୍ଦର ବ୍ୟବହାର ଉପରେ ଗୁରୁତ୍ୱ

ପ୍ରତି ବର୍ଷ ଦୁଇଟି ପ୍ରମୁଖ ଦିବସରେ ଜାତୀୟ ପତାକା ଉତ୍ତୋଳନ ହେବାର ପରମ୍ପରା ରହି ଆସିଛି। ସ୍ୱାଧୀନତା ଦିବସ ପାଳନ ଅବସରରେ ଖୁଣ୍ଟିରେ ବନ୍ଧା ଯାଇଥିବା ଜାତୀୟ ପତାକାକୁ ତଳୁ ଉପରକୁ ଉଠାଯାଇ ଖୋଲା ଯାଉଥିବା ବେଳେ ଗଣତନ୍ତ୍ର ଦିବସରେ କିନ୍ତୁ ଖୁଣ୍ଟି ଉପରେ ବନ୍ଧା ହୋଇ ରହିଥିବା ଜାତୀୟ ପତାକାକୁ ଖୋଲା ଯାଇଥାଏ। ଏହାର ତାତ୍ତ୍ୱିକ ଅର୍ଥ ହେଉଛି, ସ୍ୱାଧୀନତା ଦିବସ ଅବସରରେ ଆମେ ପରାଧୀନତା ରୂପକ ଅମା ଅନ୍ଧାର ଏବଂ ତଳ ସ୍ଥାନରୁ ଆଲୋକିତ ଏବଂ ଉଚ୍ଚ ସ୍ଥାନକୁ ଉଠିବାର ପ୍ରୟାସରେ ସଫଳ ହେବା। ତେବେ ସାଧାରଣତନ୍ତ୍ର ଦିବସରେ ଆମେ ଆଲୋକିତ ଏବଂ ଉଚ୍ଚ ସ୍ଥାନରେ ରହିଥିଲେ ମଧ୍ୟ ଏହାକୁ ଅଧିକରୁ ଅଧିକ ସଫଳ ମଣ୍ଡିତ ଏବଂ ଗୌରବାନ୍ୱିତ କରିବା ପାଇଁ ନିଜକୁ ପ୍ରସ୍ତୁତ କରିବାର ଏହା ଏକ ପ୍ରୟାସ କିମ୍ବା ଅବକାଶ ବୋଲି କୁହାଯାଇ ପାରେ। ଇଂରାଜୀରେ ସ୍ୱାଧୀନତା ଦିବସରେ ଫ୍ଲାଗ୍ ହଏଷ୍ଟିଙ୍ଗ୍ କୁହା ଯାଉଥିବା ବେଳେ ସାଧାରଣତନ୍ତ୍ର ଦିବସରେ ଏହାକୁ ପତାକା ଉନ୍ମିଳନ ବା ଅନ୍‌ଫର୍ଲିଂ ଦ ଫ୍ଲାଗ୍ ବୋଲି କୁହା ଯାଇଥାଏ। ତେବେ ଏହି ଇଂରାଜୀ ଶବ୍ଦମାନଙ୍କର ଅର୍ଥ ଅଲଗା ହୋଇଥିଲା ବେଳେ ଆମେ କିନ୍ତୁ ଓଡ଼ିଆରେ ଉଭୟ ଶବ୍ଦର ଅର୍ଥକୁ ଉତ୍ତୋଳନ ବୋଲି ଅଭିହିତ କରିଥାଉ, ଯାହାର ଆକ୍ଷରିକ ଅର୍ଥ ତଳୁ ଉପରକୁ ଉଠାଇବା। ତେଣୁ ସ୍ୱାଧୀନତା ଦିବସରେ ଏହି ଶବ୍ଦର ଯଥାର୍ଥତା ଥିବା ବେଳେ ଗଣତନ୍ତ୍ର ଦିବସ ପାଳନ ସମୟରେ ଏହାକୁ ପତାକା ଉନ୍ମୀଳନ ବା ଉନ୍ମୀଳିତ ହେବା ବୋଲି କହିବା ବା ଲେଖିବା ଯଥାର୍ଥ ବୋଲି ମନେହୁଏ। ତେବେ ବୁଦ୍ଧିଜୀବୀ ମହଲରେ ଏ ସଂକ୍ରାନ୍ତୀୟ ଚର୍ଚ୍ଚା ହେବାର ଆବଶ୍ୟକତା ରହିଛି।

ଡକ୍ଟର ସୀତାକାନ୍ତ ତ୍ରିପାଠୀ
ତଳଗୋପ ବିନ୍ଧ, ଅର୍ଣ୍ଣପାଳ, ଭଦ୍ରକ

# ନୂଆ ଢାକା ସହ ସମ୍ପର୍କ

ବାଂଲାଦେଶରେ ଏକ ଯୁଗାନ୍ତକାରୀ ନିର୍ବାଚନ ଏକ ସର୍ବାଧିକ ନିର୍ଦ୍ଦିଷ୍ଟ ଫଳାଫଳ ପ୍ରଦାନ କରିଛି। ଆଶାନୁରୂପ ଭାବରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ଏବଂ ଏହାର ମିତ୍ର ଦଳମାନେ ୩୦୦ ଆସନବିଶିଷ୍ଟ ଏକ ଦୃଢ଼ ସଂସଦରେ ୨୯୯ ଆସନରୁ ୨୧୬ ଆସନରେ ବିଜୟ ଲାଭ କରି ସ୍ପଷ୍ଟ ଦୁଇ-ତୃତୀୟାଂଶ ବହୁମତ ହାସଲ କରି ପାରିଛନ୍ତି। ଏକ ବିଦ୍ୟାର୍ଥୀମାନଙ୍କ ନେତୃତ୍ୱାଧୀନ ହିଂସାତ୍ମକ ବିଦ୍ରୋହରେ ଶେଖ୍ ହସିନା ସରକାରଙ୍କ ପତନ ପରେ ଅନୁଷ୍ଠିତ ଏଇ ପ୍ରଥମ ନିର୍ବାଚନରେ ପ୍ରଥମ ଥର ପାଇଁ ବିଏନ୍‌ପି ବିଜୟୀ ହେବା ସହିତ ଏହାର ନେତା ତାରିକ୍ ରହମନ୍ ବେଶ୍ କେତେ ଦଶନ୍ଧି ଭିତରେ ବାଂଲାଦେଶର ପ୍ରଥମ ପୁରୁଷ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଇସ୍‌ଲାମୀୟ ଦଳ ଜମାତ୍-ଇ-ଇସ୍‌ଲାମୀ ନେତୃତ୍ୱାଧୀନ ମେଣ୍ଟ ଏହି ନିର୍ବାଚନରେ ନିହାତି କମ୍‌ରେ ୭୬ଟି ଆସନରେ ବିଜୟ ଲାଭ କରିଛି। ୨୦ ବର୍ଷ ପରେ ଏହି ବିପୁଳ ବିଜୟ ବିଏନ୍‌ପି ଏବଂ ଏହାର ନେତା ପରଲୋକଗତ ନେତ୍ରୀ ଖାଲେଦା ଜିଆ, ଯିଏକି ବାଂଲାଦେଶକୁ ଦୀର୍ଘ ୧୭ ବର୍ଷର ଆତ୍ମ-ନିର୍ବାସନ ପରେ ଫେରିଥିଲେ, ତାଙ୍କ ପୁତ୍ର ତାରିକ୍ ରହମନ୍‌ଙ୍କୁ କ୍ଷମତାକୁ ଫେରାଇ ଆଣିବା ଏହି ଦେଶରେ ସ୍ୱାଭାବିକତା ଫେରିବାର ଏକ ସକାରାତ୍ମକ ସଙ୍କେତ, କାରଣ ଏବେ ଜଣେ ସତ୍ତାବାଦୀ ପ୍ରଧାନମନ୍ତ୍ରୀଙ୍କ ଶାସନର ଅବସାନ ଘଟିଛି। ହସିନାଙ୍କ ଆୱାମୀ ଲିଗ୍, ଏକଦା ଯାହା କ୍ଷମତା ପାଇଁ ଆତୁର ଦୁଇ ଗୋଟି ସର୍ବାଧିକ ଲୋକପ୍ରିୟ ଦଳ ମଧ୍ୟରୁ ଗୋଟିଏ ଥିଲା, ତାକୁ ଏହି ନିର୍ବାଚନରେ ଆତଙ୍କବାଦ-ବିରୋଧୀ ଦଳ ଭାବରେ ଘୋଷଣା କରାଯାଇ ବାଦ୍ ଦିଆଯାଇଥିଲା। ନିର୍ବାଚନର ଫଳାଫଳ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ଏକ ଉତ୍କଣ୍ଠିତ ଭାରତ, ଯାହା ୨୦୦୯ରୁ ବହିଷ୍କୃତ ହେବା ପର୍ଯ୍ୟନ୍ତ ଶେଖ୍ ହସିନାଙ୍କୁ ତାଙ୍କର ଦୀର୍ଘ ୧୫ ବର୍ଷର ଶାସନ କାଳ ମଧ୍ୟରେ ସମର୍ଥନ କରି ଆସିଥିଲା ଏବଂ ଏହା ପରେ ବିବାଦାସ୍ପଦ ଭାବରେ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ୍‌ଙ୍କ ଅଧୀନରେ ପରିଚାଳିତ ଅନ୍ତରୀଣ ସରକାରଙ୍କ ସମୟରେ ଢାକା ସହିତ ଏହାର ସମ୍ପର୍କ ସର୍ବନିମ୍ନ ସ୍ତରକୁ ଚାଲି ଯାଇଥିବାକୁ ପରିଲକ୍ଷିତ କରିଛି, ତାହା ବାଂଲାଦେଶର ଏହି ସାମ୍ପ୍ରତିକ ନିର୍ବାଚନ ଫଳାଫଳ ପରେ ତାରିକ୍‌ଙ୍କୁ ଅଭିନନ୍ଦନ ଜଣାଇଛି- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାରିକ୍‌ଙ୍କ ସହିତ ସିଧାସଳଖ କଥା ହୋଇଛନ୍ତି ଏବଂ ତାରିକ୍ ମଧ୍ୟ ଭାରତକୁ ଧନ୍ୟବାଦ ଜଣାଇଛନ୍ତି।

ଏକ ନିର୍ଣ୍ଣାୟକ ଫଳାଫଳ ହେଉଛି ସବୁକିଛି, ଯାହା ସମସ୍ତେ ଚାହୁଁଥିଲେ, କାରଣ ଏହାଦ୍ୱାରା ବାଂଲାଦେଶରେ ଏକ ସ୍ଥିର ସରକାର ପ୍ରତିଷ୍ଠା ହୋଇ ପାରିବ, ଯାହା ତାଙ୍କ ଦେଶର ନିଚ୍ଛକ ଜାତୀୟ ଶୈଳୀର ଗଣତନ୍ତ୍ର, ଯେଉଁଥିରେ ଗୋଟିଏ ଦଳକୁ ବହିଷ୍କାର କରାଯାଇଥିବା ନଚେତ୍ ବିରୋଧୀ ଦଳ ନିର୍ବାଚନ ବର୍ଜନ କରିଥିବା ଏକ ନିରନ୍ତର କଥା ହୋଇ ଆସିଛି, ସେଥିରେ ବିଜୟ ଲାଭ କରିଥିବ। ଆଉ ଏହା ଦେଶର ଭାବମୂର୍ତ୍ତିକୁ ପୁନରୁଦ୍ଧାର କରିବା ସହିତ ଏହାର ଅର୍ଥନୀତିକୁ ପୁନଃନିର୍ମାଣ କରିବ ଏବଂ ଅବିଚାରିତ ହିଂସାକାଣ୍ଡକୁ ରୋକିବ, ଯେଉଁଥିରେ ସଂଖ୍ୟାଲଘୁ ହିନ୍ଦୁମାନେ ଥିଲେ ମୁଖ୍ୟ ଲକ୍ଷ୍ୟ। ନିର୍ବାଚନରେ ବିଏନ୍‌ପି ଯେଉଁସବୁ ପ୍ରତିଶ୍ରୁତି ପ୍ରଦାନ କରିଥିଲା, ସେଥି ମଧ୍ୟରୁ ଆଇନ୍ ଶୃଙ୍ଖଳା ଏବଂ ପ୍ରଶାସନିକ କଳକୁ ସଜାଡ଼ିବା ଥିଲା ମୁଖ୍ୟ। ଏହା ବାଦ୍ ଦଳ ଅର୍ଥନୀତିକୁ ସଜାଡ଼ିବା ପାଇଁ ମଧ୍ୟ ପ୍ରତିଶ୍ରୁତି ପ୍ରଦାନ କରିଛି, ଯାହା ଜୁଲାଇ ୨୦୨୪ ପରେ ହିଂସା, ହରତାଳ ଏବଂ ରାଜନୀତିକ ଅସ୍ଥିରତା ଯୋଗୁଁ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ୨୦୩୪ ସୁଦ୍ଧା ୧ ଟ୍ରିଲିଅନ୍ ଡଲାରର ଅର୍ଥନୀତିରେ ପରିଣତ କରିବା ନିମନ୍ତେ ଦେଶରେ ଆର୍ଥିକ ସଂସ୍କାର ଲାଗୁ କରିବାର ଏକ ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ଏବଂ ବିପ୍ଳବ ହେବାଠାରୁ ଯେଉଁସବୁ କୃଷକ ଏବଂ ଗରିବ ଲୋକମାନେ ଜୀବନଧାରଣ କରିବା ନିମନ୍ତେ ଦୁର୍ବଳ ମଜୁରୀ ବ୍ୟବସ୍ଥା ଯୋଗୁଁ ମୂଲ୍ୟବୃଦ୍ଧିର ସମ୍ମୁଖୀନ ହେଉଛନ୍ତି, ସେମାନଙ୍କ ସ୍ଥିତିରେ ଉନ୍ନତି ଘଟାଇବା ମଧ୍ୟ ତାଙ୍କ ପ୍ରତିଶ୍ରୁତି ମଧ୍ୟରେ ରହିଛି। ସଂସଦର ନିର୍ବାଚନ ସହିତ ଏକ 'ଜୁଲାଇ ଚାର୍ଟର' ଉପରେ ଅନୁଷ୍ଠିତ ହୋଇଥିବା ଗଣଭୋଟ୍ ମଧ୍ୟ ଏକ 'ହଁ' ବା ଆସ୍ତିବାଚକ ଭୋଟ୍ ଲାଭ କରିଛି, କିନ୍ତୁ ଏହା ନିଶ୍ଚିତ ନୁହେଁ ଯେ ତାରିକ୍, ଯିଏକି ବିଏନ୍‌ପିର ଯୁବ ନେତା ଏଥିରେ ରହିଥିବା ଅନେକ ସଂଖ୍ୟକ ଅବଧାରଣାକୁ ଦୃଢ଼ ଭାବରେ ଏବେ କାର୍ଯ୍ୟରେ ପରିଣତ କରିବାକୁ ଆତୁରତା ପ୍ରଦର୍ଶନ କରିବେ, କାରଣ ସେଗୁଡ଼ିକ ଏକ ଦ୍ୱି-ସଦନବିଶିଷ୍ଟ ବ୍ୟବସ୍ଥାପିକା, କାର୍ଯ୍ୟକାଳ ସୀମା ଏବଂ କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଓ ନ୍ୟାୟପାଳିକାର କ୍ଷମତାର ରୂପରେଖ ନିର୍ଦ୍ଧାରଣ କରି ତାଙ୍କ କ୍ଷମତାକୁ ସଂକୁଚିତ କରି ପାରନ୍ତି।

ଭାରତ ସହିତ ସମ୍ପର୍କକୁ ନୂତନ ରୂପରେଖ ଦେବା ହିଁ ତାରିକ୍‌ଙ୍କ ପାଇଁ ନିଜ ଦେଶର ଅର୍ଥନୀତିକୁ ଖୁବ୍ ଶୀଘ୍ର ପୁନଃନିର୍ମିତ କରିବାରେ ସହାୟକ ହୋଇପାରେ। ତାଙ୍କ ଦେଶର ଜନ୍ମ ଇତିହାସଠାରୁ ଆରମ୍ଭ କରି ଏକ ଆବଣ୍ଟିତ ସଂସ୍କୃତି ବ୍ୟତୀତ ଭୂଗୋଳ ହିଁ ସବୁକିଛିକୁ ନିର୍ଣ୍ଣୟ କରିଛି, ଯେଉଁଥିରେ ଏହାର ନିକଟତା ବ୍ୟବସାୟ ବାଣିଜ୍ୟଠାରୁ ଆରମ୍ଭ କରି ପରିବହନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତ ସହିତ ସମ୍ପର୍କ ରକ୍ଷା କରିବାକୁ ତାର୍କିକତା ପ୍ରଦାନ କରୁଛି। ଆଉ ଭାରତ ମଧ୍ୟ ଏହା ଭିତରେ ଅନୁଭବ କରି ସାରିବଣି ଯେ ରାଜନୀତି ଦୃଷ୍ଟିରୁ ତାଙ୍କ ସହିତ ପଡୁ ନଥିବା ଜଣେ ବ୍ୟକ୍ତିବିଶେଷ ନେତା/ନେତ୍ରୀଙ୍କୁ ଅକୁଣ୍ଠ ସମର୍ଥନ ପ୍ରଦାନ କରିବାର ପରିଣତି ସ୍ୱରୂପ ଏହା ଅନ୍ୟମାନଙ୍କଠାରୁ କିପରି ବିଚ୍ଛିନ୍ନ ହୋଇ ଯାଉଛି। ବିଏନ୍‌ପି ସହିତ ଏହାର ମେଣ୍ଟ କରିବା ଦିନଠାରୁ ଆରମ୍ଭ କରି ଅଦ୍ୟାବଧି ଭଲ ପ୍ରଦର୍ଶନ କରିଥିବା ଜମାତ୍ ଏହି ପ୍ରେକ୍ଷାପଟ୍ଟରେ ସକାରାତ୍ମକ କାର୍ଯ୍ୟକଳାପ ନିମନ୍ତେ ଶାସକ ଦଳ ସହିତ ଉତ୍ତମ ସମ୍ପର୍କ ରକ୍ଷା କରିବା ଆଶା କରାଯାଏ। ଏହା ହେଲେ ଅନ୍ତରୀଣ ସରକାର ସମୟରେ ବାଂଲାଦେଶରେ ଯେଉଁ ଚରମପନ୍ଥୀ ମନୋଭାବ ଦେଖା ଯାଇଥିଲା, ତା'ର ପରିସମାପ୍ତି ଘଟିବ। ବାଂଲାଦେଶରେ ପରିବର୍ତ୍ତିତ ରାଜନୀତିକ ଦୃଶ୍ୟପଟ ହେଉଛି ଏକ ବିକାଶ ଯାହାକୁ ଭାରତ ତା'ର ଅତି ନିକଟତର ପଡ଼ୋଶୀ ଭାବରେ ସାଦରେ ଗ୍ରହଣ କରିବା ସହିତ ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ, ଯାହା ଏକ ଆଦର୍ଶଗତ ସହଯୋଗିତାମୂଳକ ବ୍ୟବସାୟ ବାଣିଜ୍ୟ ଏବଂ ସମ୍ପର୍କର ଢାଞ୍ଚାକୁ ମଜଭୁତ କରିବ, ଯାହା ଏକଦା ଉଭୟ ବାଂଲାଦେଶ ଏବଂ ଭାରତ ପାଇଁ ସମାନ ସ୍ଥିତିରେ ରହିଥିଲା।

# ଜପ ନହେଲେ ମାପ

ମାଆ ସାରଦା ଦେବୀ ଉପଦେଶ ଛଳରେ କହିଥିଲେ ମାପ ନହେଲେ ଜପ। ଯାହାର ଅଛି, ସେ ମାପୁ। ଯାହାର ନାହିଁ, ସେ ଜପୁ। ଅର୍ଥାତ୍ ଯାହାର ଟଙ୍କା ସୁନା ଇତ୍ୟାଦି ପାର୍ଥିବ ସମ୍ପତ୍ତି ଅଛି, ସେ ମାପିବାରେ ଲାଗିଯାଉ। ଯାହାର ସେ ସମ୍ପତ୍ତି ନାହିଁ, ସେ ପାରମାର୍ଥିକ ସମ୍ପତ୍ତି ଯୋଗାଡ଼ରେ ମାତି ଯାଉ। ଅର୍ଥାତ୍ ସେ ଜପୁଥାଉ। କାରଣ ମନ ନିଶ୍ଚଳ ହୋଇ ରହିବାକୁ ଇଚ୍ଛା କରେନା। ସେ ତ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ଭାବିବାରେ ଲାଗେ। କୋଉଠି ନା କୋଉଠି ପହଞ୍ଚି ଯାଏ। ସବୁବେଳେ ଚଞ୍ଚଳ ହେଉଥାଏ। ମନ ଭରପୂର କାର୍ଯ୍ୟ ଚାହେଁ। ସେ ସୀମାବଦ୍ଧ ହୋଇ ରହିବାକୁ ଇଚ୍ଛା କରେନା।

ଆମେ ବେଳେବେଳେ ମୋଟା ବୁଦ୍ଧିଆ କାମ କରୁ। ଫଳରେ ମନ ବି ସେମିତି ମୋଟା ବୁଦ୍ଧିଆ ହୋଇଯାଏ। ଉଦାହରଣଟିଏ। ବୋକା ଲୋକଟିଏ ବଜାରକୁ ଛୁଞ୍ଚି କିଣିବାକୁ ଗଲା। ହାତରେ ବ୍ୟାଗ୍ ଅଛି। ଅତି ଛୋଟ ଛୁଞ୍ଚି। ସେମିତି ଆଣିଲେ କୋଉଠି ପଡ଼ିଯିବାର ଭୟ ଥାଏ, ବ୍ୟାଗ୍‌ରେ ରଖିଲେ ତାହା ବି ମିଳିବା ଅସମ୍ଭବ। ତେଣୁ ଦେଖି ହେଉଥିବା କାଗଜରେ ଗୁଡ଼େଇକି ଆଣିଲା। ଜଣେ କହିଲା, କାଗଜ ବି ଉଡ଼ିଯିବ। ଛୁଞ୍ଚି ଯିବ। ତୁ ଗୋଟାଏ ଗଛ ଡାଳରେ ସେ ଛୁଞ୍ଚିକୁ ପୋତି ଦେ। ଡାଳ ଆଉ ହଜିବାର କି ଉଡ଼ିବାର ନାହିଁ। ଲୋକଟି ସେଇଆ କଲା। ଡାଳରେ ଛୁଞ୍ଚିଟିଏ ଧରି ଆସିଲା। ମାଲିକ ଏହା ଦେଖି କହୁଥିଲା- 'ଛୁଞ୍ଚିଟିଏ ପାଇଁ ତୁ ଡାଳକୁ ବୋହି ବୋହି ଆଣିଛୁ!'

ଆମ ଜୀବନଧାରା ବି ଠିକ୍ ସେମିତି। ଗୋଟିଏ କଥାକୁ ମନେ ରଖିବାକୁ ଯାଇ ତା' ସହିତ ଆଉ ଗୋଟାଏ କିଛି ଯୋଡ଼ିଦେଉ। କେବେ ଆପଣ ଲକ୍ଷ୍ୟ କରିଥିବେ ନିଶ୍ଚୟ, ମନେକର ଗୋଟିଏ ଲୋକର ନାମ 'କମଳ ଲୋଚନ'। ତୁମ ସାଙ୍ଗର ପୁଅର ନାଁ ବି କମଳ ଲୋଚନ। ତେବେ ସେଇ କମଳ ଲୋଚନ ନାଁକୁ ମନେ ରଖିବା ପାଇଁ ତୁମେ ସାଙ୍ଗର ପୁଅକୁ ଯୋଡ଼ିଦିଅ। କେବେ ସାଙ୍ଗର ପୁଅ ଆସିଲେ ସେ ପିଲାକୁ ମନେ ପକାଅ। ପୁଣି କେବେ ସେ ପିଲାଟି ଆସିଲେ ସାଙ୍ଗର ପୁଅକୁ ବି ମନେ ପକାଅ। ଅର୍ଥାତ୍ ଆମର ମନ ଅଳ୍ପରେ ସନ୍ତୁଷ୍ଟ ହୁଏନା। ସେ ଅନେକ କିଛି ଧରି ରଖିବାକୁ ଚେଷ୍ଟା କରେ। ସେ ଧରି ରଖିବା ସମଧର୍ମୀ ହୋଇଥିବା ଦରକାର। ଟଙ୍କା, ସୁନା ସାଙ୍ଗରେ ପଦ, ପ୍ରତିଷ୍ଠା ହେଇଥିଲେ ମନ ତାକୁ ଧରି ରଖେ। ନହେଲେ ଜପ ତପ ଇତ୍ୟାଦି ଆଉ ଗୋଟିଏ ଦିଗ। ଥରେ ଭଜନ, କୀର୍ତ୍ତନରେ ମନ ଲାଗିଗଲେ ତହିଁରେ ମଜ୍ଜିଯାଏ। ଯୋଉ ଦିଗକୁ ମନ ଯାଏ, ସେଇ ଦିଗରେ ସେ ଉନ୍ନତି କରି ଚାଲେ। ଯାହାର ଟଙ୍କା, ସୁନା ଅଛି, ସେ ସହଜରେ ଜପ କରି ପାରିବନି। କାରଣ ତା' ମନରେ ସେଇ ଟଙ୍କା ସୁନା ହିଁ ବସିଥିବ। ଯାହାର ମନ ଜପରେ ମାତିଥିବ, ସେ ଟଙ୍କା ସୁନାକୁ ବି ଭଲରେ ଦୃଷ୍ଟି ଦେଇ ପାରିବ ନାହିଁ। ଟଙ୍କା, ସୁନା ଭିତରେ ସେ ଜପା ମାଳିକୁ ଦେଖିବ। ଆଉ ପ୍ରଭୁ ବି ବଡ଼ ବିଚିତ୍ର ଲୀଳା କରନ୍ତି। ଯିଏ ଜପ ଆରମ୍ଭ କରିବ, ତାକୁ ଜପରୁ ହଟେଇବାକୁ ଟଙ୍କା, ସୁନା ଦେଇଦେବେ। ଯିଏ ମାପ ଭିତରେ ଥିବ, ତା'ଠାରୁ ସବୁ ଛଡ଼େଇ ଆଣିବେ। ତାକୁ ଦରିଦ୍ର କରିଦେବେ। ବାଧହେଇ ସେ ଜପ ଆଡ଼କୁ ମନ ଦେବ। ତେବେ ଜପ କଲେ ଧନ ମିଳେ, ଏହା ସତ୍ୟ। ସେ ଧନକୁ ପରମାତ୍ମାଙ୍କ ଦାନ ଭାବି ତହିଁରେ ବୁଡ଼ି ନଯାଇ ଜପରେ ବୁଡ଼ିଲେ ସଂସାରରେ ଠିକ୍ ଚଳି ପାରିବ। କିନ୍ତୁ ଏହା ଅତି କଠୋର ସାଧନା।



ପବାରବିନ୍ଦ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



## ବିଧାୟକଙ୍କ ଦ୍ୱାରା ମାରାଥନ୍ ଶିଳାନ୍ୟାସ

# 'ସରକାରଙ୍କ ବିକାଶ ରଥ ସବୁ ପଞ୍ଚାୟତରେ ଗଡ଼ିବ'





**କେନ୍ଦ୍ରାପଡ଼ା,୧୫।୨/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ ଅଧିନରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଚନ୍ଦନପୁର ଓ ଚକ୍ରୋଡା ପଞ୍ଚାୟତରେ ନୂତନ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି । ଆଜି କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଚଉଦକୁଲାଟ ସ୍ଥିତ ଚନ୍ଦନପୁର ପଞ୍ଚାୟତର ଚନ୍ଦନପୁର ଗାନ୍ଧୀଛକଠାରୁ ବଳସାହି ଭାୟା ମୁସଲିମ ବସ୍ତି, ବେହେରା ସାହି, ସେଠୀ ସାହି, ନିଳିକାନ୍ତ ଦେବଳା ପାର୍ଯ୍ୟନ୍ତ ୪.୩୩କିମିର ରାସ୍ତାର ଶିଳାନ୍ୟାସ କରିଛନ୍ତି । ଏହି ରାସ୍ତାର ବ୍ୟୟ ଅଟକଳ ୩କୋଟି ୯୭ଲକ୍ଷ ରଖାଯାଇଛି । ଏହି ଅବସରରେ ଚଉଦକୁଲାଟ ବଜାର ଠାରେ ଏକ ଶିଳାନ୍ୟାସ ଉତ୍ସବ ଅନୁଷ୍ଠି ହୋଇଥିଲା । ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ବିଶିଷ୍ଟ ଅତିଥିଭାବେ ଜିଲ୍ଲାପରିଷଦର ସଭାପତି ଲିଳିତା ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ସ୍ଥାନୀୟ ସରପଞ୍ଚ ରମାକାନ୍ତ ମଲ୍ଲିକ, ବ୍ଲକ ଉପାଧକ୍ଷ ପ୍ରତାପ ଚନ୍ଦ୍ର ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି, କେନ୍ଦ୍ରାପଡା ବ୍ଲକ ବିଜେଡି ସଭାପତି ଆଲୋକ ସାହୁ ସାମାଜସେବୀ ଇଂ ଦେବାଶିଷ ମହାନ୍ତି, ପୂର୍ବତନ ସରପଞ୍ଚ ଟୁକୁ ବିଶ୍ୱାଳ, ପଞ୍ଚାୟତ ସଭାପତି ମହମ୍ମଦ ଇଶାକ, ପୂର୍ବତନ ସରପଞ୍ଚ ରମାକାନ୍ତ ବାରିକ ଯୋଗ ଦେଇଥିଲେ। ସେହିଭଳି ଅପରାହ୍ନରେ ଚକ୍ରୋଡା ପଞ୍ଚାୟତର ବସପୁର ଲକ ଠାରୁ ଓର୍ଷକା ଆରଡି ରାସ୍ତା ଭାୟା ଚକ୍ରୋଡା ଲକ ଓ ସହରପୁର ଗ୍ରାମ୍ୟ ରାସ୍ତାକୁ ବିଧାୟକ ଶ୍ରୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଏହି ରାସ୍ତା ୨.୮୦କି.ମି. ଯାହାର ବ୍ୟୟ ଅଟକଳ ୨କୋଟି ୧୦ଲକ୍ଷ୍ୟ ଟଙ୍କା ରଖାଯାଇଛି । ଏହି ଅବସରରେ ବ୍ଲକ ସଭାପତି ଆଲୋକ ସାହୁଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ସରପଞ୍ଚ ତନୁଜା ନାୟକ, ସମିତି ସଭ୍ୟା ଝୁନିପ୍ରଭା ରାଉତ, ପୂର୍ବତନ ସରପଞ୍ଚ ବସନ୍ତ ରାଉତ, ଉତ୍ତମ ମଲ୍ଲିକ, ବଂଶୀଧର ସାମଲ, ଯୁବ ନେତା ରତିକାନ୍ତ ସାମଲ, ନିରଞ୍ଜନ ନାୟକ, ପଞ୍ଚାନନ ବିଶ୍ୱାଳ ପ୍ରମୁଖ ଯୋଗ ଦେଥିଲେ। ଏହି ଦୁଇଟି କାର୍ଯ୍ୟକ୍ରମରେ ସଂପୃକ୍ତ ଅଞ୍ଚଳର ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ। ଶିଳାନ୍ୟାସ ଅବସରରେ ବିଧାୟକ ଶ୍ରୀ ବେହେରା କହିଲେ ରାଜ୍ୟ ସରକାରଙ୍କ ସହଯୋଗରେ ଏହି କାର୍ଯ୍ୟ କରାଯାଉଛି। ଜନସାଧାରଣ ଏହାର ଫାଇଦା ନେବେ। ବର୍ତ୍ତମାନ ସରକାର ଜନସାଧାରଣଙ୍କ ସପକ୍ଷରେ ଅଛନ୍ତି। ତେଣୁ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ଆଗକୁ ଏହି ବିକାଶ ରଥ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତରେ ଗଡ଼ିବ ବୋଲି ଶ୍ରୀ ବେହେରା କହିଥିଲେ।

## ଆହତ ବୃଷଭର ଚିକିତ୍ସା କରାଇଲେ ରାଧାକୁଞ୍ଜ ଯୁବକ ସଂଘ

**କାମାକ୍ଷାନଗର,୧୫।୨/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ସହର ନିକଟରେ ଥିବା ଜିରିଡ଼ାମାଳି ଗ୍ରାମର ରାଧାକୁଞ୍ଜ ଯୁବକ ସଂଘର ସଦସ୍ୟମାନଙ୍କ ମହାନତା। ନିଜସ୍ୱ ଉଦ୍ୟମରେ ଦୁର୍ଘଟଣାରେ ଆହତ ହୋଇଥିବା ବୃଷଭର ଚିକିତ୍ସା କରାଇଲେ ଯୁବକ ସଂଘର ସଦସ୍ୟ। ପ୍ରକାଶ, ଗତକିଛି ଦିନ ଧରି ବୃଷଭ ଆହତ ହୋଇ ଗୁରୁତର ଅବସ୍ଥାରେ ରାଧାକୁଞ୍ଜ ସାହିରେ ବୁଲୁଥିବା ବେଳେ ଏହାକୁ ଦେଖି ଚିକିତ୍ସା ପାଇଁ ମନ ବଳାଇଥିଲେ ରାଧାକୁଞ୍ଜ ଯୁବକ ସଙ୍ଘର ସଦସ୍ୟ। ସଂଘର ସମସ୍ତ ସଦସ୍ୟମାନେ ଏକତ୍ରିତ ହୋଇ ସ୍ଥାନୀୟ ଗୋ-ସେବକ ଅବିନାଶ ବରାଳଙ୍କୁ ଡକାଇ ଆହତ ବୃଷଭର ଚିକିତ୍ସା କରାଇଛନ୍ତି। ବୃଷଭର ଗୋଡ଼ରେ କ୍ଷତ ହୋଇ ଗଭୀର ଆଘାତ ହୋଇଥିବା ବେଳେ କ୍ଷତ ସ୍ଥାନଟି ପାଚି ଯାଇଥିଲା। କିନ୍ତୁ ଚିକିତ୍ସା ପରେ ବୃଷଭର ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିବା ବେଳେ ଯୁବକ ସଂଘର ଏତାଦୃଶ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।



## କେନ୍ଦ୍ରାପଡ଼ାରେ ବିଶାଳ ହିନ୍ଦୁ ସମ୍ମିଳନୀ




**କେନ୍ଦ୍ରାପଡ଼ା,୧୫।୨/ଏନ୍‌ଏନ୍‌ଏସ୍:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବାର୍ଷିକୀ ପାଳନ ଅବସରରେ ଶନିବାର ସକାଳ ୧୦ ଘଟିକା ସମୟରେ କେନ୍ଦ୍ରାପଡା ସହରରେ ଉପକଣ୍ଠ ମହିପାଳ ନିକଟସ୍ଥ ଟେଲିକମ୍ ପଡିଆରେ ଏକ ବିଶାଳ ହିନ୍ଦୁ ସମ୍ମିଳନୀର ଆୟୋଜକ କରାଯାଇଥିଲା। ଏହି ସମ୍ମିଳନୀରେ ସତାଧିକ ହିନ୍ଦୁଙ୍କର ସମାଗମ ହୋଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ଥାନୀୟ ମହିଳା ଓ ପୁରୁଷଙ୍କ ସମେତ ବହୁ ସାଧୁ ସନ୍ଥଙ୍କ ଉପସ୍ଥିତିରେ ବିଶ୍ୱ ଶାନ୍ତି ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ମା' ଭାରତୀଙ୍କ ସନ୍ତାନ ହିନ୍ଦୁମାନଙ୍କର ପୂର୍ବ ଐଶ୍ୱର୍ଯ୍ୟକୁ ସ୍ମରଣ କରାଯାଇ ଜାତିଭିତ୍ତିକ ବିଭାଜନକୁ ବିସ୍ମରଣ କରି ଆତ୍ମୀୟତା ଓ ସ୍ୱାଭିମାନ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ବୌଦ୍ଧିକ ପ୍ରଦତ୍ତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡିଶାର ସୁନାମଧନ୍ୟ ଭାବଗତ କଥା ପ୍ରବଚକ (କୁନି ପ୍ରବାଚକ) କେଶବ ଦାସ ଦ୍ୱିତୀୟ କୃଷ୍ଣ ମହାରାଜ, ପତଞ୍ଜଳୀ ଯୋଗ ସମୀତି(ଓଡିଶା)ର କୃଷି ପ୍ରଭାରୀ ସ୍ୱୟଂପ୍ରକାଶ ମହାପାତ ମହାରାଜ, ସନ୍ଥ ବିରଜା ପ୍ରସନ୍ନ ମହାରାଜ, ଧର୍ମ ଜାଗରଣ ସମନ୍ନୟର ବିଭାଗ ସଂଯୋଜକ ଗୋଲଖ ବେହେରା ମହୋଦୟଙ୍କ ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଶ୍ୱହିନ୍ଦୁ ହିନ୍ଦୁ ପରିଷଦ କେନ୍ଦ୍ରାପଡାର ଜିଲ୍ଲା ସହ ସଂପାଦକ ସନ୍ତୋଷ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମହିପାଳର ପ୍ରଭାତ କୁମାର ମହାନ୍ତି ମଞ୍ଚାସିନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏବଂ ବଣିଆମାଳର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଦୀପ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀଙ୍କୁ କିଶୋର ପଣ୍ଡା, ବିବେକାନନ୍ଦ ମହାରଣା, ବିଜୟ କୁମାର ସାହୁ, ସଞ୍ଜୟ ପୃଷ୍ଟି, ପ୍ରଦୀପ ନାୟକ, ଶିବପ୍ରସାଦ ମହାନ୍ତି, ରମେଶ ପଣ୍ଡା, ଶକ୍ତିକାନ୍ତ ପାତ୍ର, ନିଖିଲ ମହାନ୍ତି, ହିମାଂଶୁ ଭୂଷଣ ସାହୁ, ରଞ୍ଜନ ମହାନ୍ତି, କୈଳାଶ ମହାରଣା, ଅରୂପ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପ୍ରଭୁ ଚନ୍ଦନେଶ୍ୱର ପୀଠରେ ଜାଗର



**କୁଆଖିଆ,୧୫।୨/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ୍ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ଢ଼ିହକୁରାଂଶ ସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦନେଶ୍ୱର ପୀଠରେ ଆଜି ଆଧାତ୍ମିକ ଭାବ ଭଙ୍ଗୀରେ ଜାଗର ଯାତ୍ରା ଓ ବିଶ୍ୱଶାନ୍ତି ଯଜ୍ଞଯାତ୍ରା ପାଳିତ ହୋଇଯାଇଛି। ଚନ୍ଦନେଶ୍ୱର ମନ୍ଦିର ପରିଚାଳନା କମିଟି ଓ ବ୍ରାହ୍ମଣ ପୁରୋହିତଙ୍କ ଦ୍ୱାରା ସକାଳୁ ରାତି ତମାମ ଯଜ୍ଞ ବିଧି ପରିଚାଳନା ହୋଇଥିଲା। ପଣ୍ଡିତ ସୁଦର୍ଶନ ଦାଶ,ପରମାନନ୍ଦ ପଣ୍ଡା, ମାନସ ପଣ୍ଡା ଓ ସମସ୍ତ ପୂଜକ ମିଶିକି ଯଜ୍ଞ ବିଧି ସଞ୍ଚାଳନ କରିଥିଲେ। ଆଜି ପ୍ରଭୁଙ୍କ ଷୋଡଶ ଉପଚାର ପୂଜା ବିଧି ପରେ ଅବକାଶ ନୀତି ପ୍ରଭୁଙ୍କ ବିଭିନ୍ନ ବେଶ ବଡ଼ ଶୃଙ୍ଗାର ବେଶ, ସୁନାବେଶ, ରୁପାବେଶ, ରୁଦ୍ର ରୁଦ୍ରାଣୀ ବେଶ ଆଦି ଦେଖିବାକୁ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରଭୁଙ୍କ ଯଜ୍ଞକୁ ମନ୍ଦିରର ପୂଜକ ମିଶିକି ଯଜ୍ଞ ବିଧି ସଞ୍ଚାଳନ କରିଥିଲେ। କମିଟି ସଭାପତି କୈଳାଶ ଚନ୍ଦ୍ର ରାଉତ, ଉପଦେଷ୍ଟା ବାଗ୍ମୀ ପ୍ରହଲ୍ଲାଦ ପଣ୍ଡା, ଉପସଭାପତି ଭଗବାନ ଦାଶ, ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଅଜୟ ମଲ୍ଲିକ, ଦୈତାରୀ ଜେନା, ପ୍ରଭାକର ସାହୁ, ଆନନ୍ଦ ମଲ୍ଲିକ ଓ ସମସ୍ତ ସଭ୍ୟ ସକାଳୁ ରାତି ଯାଏ ଜାଗର ଯାତ୍ରାରେ ରହି ଶୃଙ୍ଖଳା ରକ୍ଷା କରିଥିଲେ।

## ଛୁଟିରେ ଯାଇ ଯୁବକ ନିଖୋଜ



**ପାରାଦୀପ,୧୫।୨/ଏନ୍‌ଏନ୍‌ଏସ୍:** ଦୀର୍ଘଦିନ ହେବ ପାରାଦୀପ ପୋର୍ଟରେ ଚେନ୍ନାଇ ରାଧା କମ୍ପାନୀରେ କାମ କରୁଥିବା ଆସ୍କା ଗଞ୍ଜାମ ଜିଲ୍ଲାର ମନୋଜ ମହାରଣା (୩୫) ପିତା ତ୍ରିନାଥ ମହାରଣାଙ୍କ ପୁଅ ଫେବୃଆରୀ ୨ରେ ଛୁଟିରେ ଯାଇ ନିଖୋଜ ହୋଇଛନ୍ତି। ତାଙ୍କ ପରିବାର ଲୋକ ଖୋଜା ଖୋଜି କରି ନିରାଶ ହୋଇ ଆଇନ୍‌ର ଆଶ୍ରୟ ନେଇଛନ୍ତି। ବାପା ତ୍ରିନାଥ ଆସ୍କା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଆସ୍କା ଥାନା ପାରାଦୀପରେ ଅଭିଯୋଗ କରବାକୁ କହିଥିଲେ। ବାପା ତ୍ରିନାଥ ତାଙ୍କ ପରିବାର ନିରାଶ ହୋଇ ପାରାଦୀପ ଆସି ଆଦର୍ଶ ଥାନାରେ ଅଭିଯୋଗ କରି ଥିଲେ ବି ଥାନା ଅଧିକାରୀ ଏହାକୁ ଗୁରୁତ୍ୱ ନଦେଇ ତାଙ୍କୁ ପୁଣି ଆସ୍କା ଥାନାକୁ ରେଫର୍ କରି ବାପା ତ୍ରିନାଥଙ୍କୁ ଆସ୍କା ଥାନାକୁ ଯିବା ପାଇଁ କହିଥିଲେ। ଏଠି ପ୍ରଶ୍ନ ଉଠେ ଯେ ପାରାଦୀପରେ କାର୍ଯ୍ୟରତ ମନୋଜ ଗତ ଦୁଇ ତାରିଖ ନିଖୋଜ ହୋଇଥିଲେ। ଆଦର୍ଶ ଥାନା ଅଧିକାରୀ ଚାହିଁଥିଲେ ତାଙ୍କ ଫୋନ୍‌କୁ ଟ୍ରାକିଂ କରିପାରି ଥାନ୍ତେ। ତାହା ନକରି ବା ଅଭିଯୋଗକୁ ଗୁରୁତ୍ୱ ନଦେଇ ଆସ୍କା ପଠେଇ ଦେଲେ। ଏହାଦ୍ୱାରା ସାଧାରଣ ଲୋକ ପୁଲିସ୍ ଉପରୁ ଭାରସା ଉଠି ଯାଉଛି ବୋଲି ବାପା ତ୍ରିନାଥ ଗଣମାଧ୍ୟମ ଜରିଆରେ ନିଜର ଉଦବେଗ ପ୍ରକାଶ କରିଛନ୍ତି। ସେମିତି ଏହା ପୂର୍ବରୁ ପାରାଦୀପ ନୂଆବଜାରର ଆଲୋକ ରଞ୍ଜନ ଜେନାଙ୍କୁ ସ୍କୁଟି ଚୋରି ହୋଇଥିଲା। କିନ୍ତୁ ଆଦର୍ଶ ଥାନା ପୁଲିସ ହାତ ବାନ୍ଧି ବସିଥିଲା ।

## ରଇପୁର ସାଧନକେନ୍ଦ୍ର ପକ୍ଷରୁ ପୁରସ୍କାର ବିତରଣ



**ମୁଷାଟିକିରି,୧୫।୨/ଏନ୍‌ଏନ୍‌ଏସ୍:** ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ରଇପୁର ସାଧନକେନ୍ଦ୍ର ପକ୍ଷରୁ ସାହିତ୍ୟ ସୃଜନୀ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଧୁଚରଣ ବିଦ୍ୟାଭବନ, ପଣସୁଆପାଳରେ ସାଧନ କେନ୍ଦ୍ର ସଂଯୋଜକ ହିମାଂଶୁ ଭୂଷଣ ଜେନାଙ୍କ ସଂଯୋଜନା ଓ ପରିଚାଳନାରେ ଅନୁଷ୍ଠିତ ହୋଇଛି। ଏହାକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ବିଶିଷ୍ଟ ଶିକ୍ଷାବିତ୍ ବିରୂପା ମହାବିଦ୍ୟାଳୟ, ଇନ୍ଦୁପୁରର ପଦାର୍ଥ ବିଜ୍ଞାନର ମୁଖ୍ୟ ଡଃ ଅଟଳ ବିହାରୀ ପଣ୍ଡା। ପ୍ରଧାନଶିକ୍ଷକ ସରୋଜ କୁମାର ଭୂୟାଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଡଃ ଅଟଳ ବିହାରୀ ପଣ୍ଡା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତାର ଅଭିବୃଦ୍ଧି ଓ ବିସ୍ତାର ନିମନ୍ତେ ମୁକ୍ତ ଓ ସ୍ୱାଧୀନ ଚିନ୍ତନର ଆବଶ୍ୟକତାକୁ ବହୁ ଉପାଦେୟ ଗଳ୍ପ ଓ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସାଧୁଚରଣ ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ ଗୟାଧର ଘଡାଇ, ଅନ୍ୟତମ ଅତିଥି ଭାବେ ପିତାମ୍ବର ମଲ୍ଲିକ ଓ ବିଶିଷ୍ଟ ଅତିଥି ଭାବେ ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ଦଳାଇ ଓ ବୌଦ୍ଧବିହାର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଝୁମ ମହାନ୍ତି ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ସୃଜନୀର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁବୋଧ କୁମାର ମହାନ୍ତି ଛାତ୍ର ଛାତ୍ରୀଙ୍କ ସାମଗ୍ରିକ ବିକାଶ ନିମନ୍ତେ ସୃଜନୀର ଭୂମିକା ବୁଝାଇ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ପାଠ୍ୟ ଉପକରଣ ଅତିଥିମାନେ ପ୍ରଦାନ କରିଥିଲେ। ଅତିଥି ପରିଚୟ ପଣ୍ଡିତ ରଞ୍ଜନ କୁମାର ନନ୍ଦ ଓ ଧନ୍ୟବାଦ ଅର୍ପଣ ଶିକ୍ଷୟିତ୍ରୀ ସସ୍ମିତା ନନ୍ଦ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଦୀପ କୁମାର ଦାସ, ଶରତ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ଶିକ୍ଷକ ମାୟାଧର ସାହୁ, ସେକ୍ ନଜ୍‌ରୁଲ୍ଲା ମହମ୍ମଦ, ଅଫିସ କର୍ମଚାରୀ ନବଘନ ଦାସ, ପର୍ଶୁରାମ ମହାନ୍ତି, ଅଲେଖ ଚନ୍ଦ୍ର ମଲିକ ସମେତ ସମସ୍ତ କର୍ମଚାରୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ସହଯୋଗ କରିଥିଲେ।

## ଗଣପତି ଜ୍ଞାନ ମନ୍ଦିରର ୨୦ତମ ବାର୍ଷିକ ଉତ୍ସବ




**ବଡ଼ଚଣା,ଚଣ୍ଡିଖୋଲ,୧୫।୨/ଏନ୍‌ଏନ୍‌ଏସ୍:** ଚଣ୍ଡିଖୋଲ ନିକଟସ୍ଥ ଚାରିବାଟିଆ ସୁଭଦ୍ରା ପୁର ଠାରେ ଅବସ୍ଥା ପିତ ଗଣପତି ଜ୍ଞାନମନ୍ଦିରର ୨୦ତମ ବାର୍ଷିକ ଉତ୍ସବ ଓ ବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସୁଧୀର ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅଥିତି ଭାବେ ଅବସରପ୍ରାପ୍ତ ଅଧକ୍ଷ ଅଜୟ କୁମାର ଲେଙ୍କା ଯୋଗଦେଇ ପିଲାମାନଙ୍କୁ ଓ ପରିବାର ବର୍ଗଙ୍କୁ ବହୁ ମୂଲ୍ୟବାନ ତଥ୍ୟମାନ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଡ. ରମେଶ ଚନ୍ଦ୍ର ଦାସ, ସମ୍ମାନିତ ଅଥିତି ବିଦ୍ୟାଳୟର ଉପଦେଷ୍ଟା ଡ. ପ୍ରଶାନ୍ତ କୁମାର ପରିଡା, ସମାଜସେବୀ ଅଭିମନ୍ୟୁ ଧଳ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉନ୍ନତି ସମ୍ପର୍କରେ ମତ ଦେଇଥିଲେ। ପ୍ରଧାନଶିକ୍ଷକ ଚନ୍ଦ୍ରମଣି ସାମଲ ବିବରଣୀ ପାଠ କରିଥିଲେ। ପ୍ରତାପ ଦାସ ଅଥିତି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିସରରେ ଅଥିତିମାନଙ୍କ ଦ୍ୱାରା ପ୍ରତିଷ୍ଠାତା ପ୍ରଦୀପ୍ତ କୁମାର ପରିଡା ଓ ରଙ୍ଗଲତା ପରିଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଅର୍ଣ୍ଣପୂର୍ଣ୍ଣା ରାଉତ, ସ୍ୱାଗତମା ଗୋଛାୟତ, ମିତୁ ମିସ, ପୂଜାମିସ, ସିଲୁ ମିସ, ପୁଷ୍ପାଂଶୁ ଜେନା, ପ୍ରତାପ ଗୋଛାୟତ, ରାଜଶ୍ରୀ ପୃଷ୍ଟି ଓ ପ୍ରଶନ ଗୋଛାୟତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଅନିମା ବଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମାର୍ଶାଘାଇରେ ହିନ୍ଦୁ ସମ୍ମିଳନୀ

**ମାର୍ଶାଘାଇ,୧୫।୨/ଏନ୍‌ଏନ୍‌ଏସ୍:** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକୀ ଅବସରରେ ବିଭିନ୍ନ ବ୍ଲକ, ପଞ୍ଚାୟତରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହି ଅବସରରେ ମାର୍ଶାଘାଇ ମଣ୍ଡଳ ପକ୍ଷରୁ ସରସ୍ୱତୀ ଶିଶୁ ମନ୍ଦିରଠାରେ ଆଜି ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ହିନ୍ଦୁସ୍ଥାନ ଏରୋନେଟିକ୍ ଲିମିଟେଡ଼ର ଅବସରପ୍ରାପ୍ତ କର୍ମଚାରୀ କିର୍ତ୍ତନ ପରିଡା, ମୁଖ୍ୟବକ୍ତା ଭାବେ ଧର୍ମ ଜାଗରଣ ସମନ୍ୱୟ ସମିତି କଟକ ବିଭାଗ ସଂଯୋଜକ ଗୋଲେଖ ଚନ୍ଦ୍ର ବେହେରା, ଅନ୍ୟତମ ମୁଖ୍ୟବକ୍ତା ସଦଭାବନା ଟୋଲିର ସଦସ୍ୟ ହିମାଂଶୁ ଦାସ ଯୋଗଦେଇ ପଞ୍ଚ ପରିବର୍ତ୍ତନ ଉପରେ ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନ ସମାଜରେ ପରିବାରରେ ବିଘଟନ ଘଟୁଥିବା ବେଳେ ପରିବାରର ସଦସ୍ୟମାନେ ଏକତ୍ରିତ ହୋଇ ରହିବା, ଏକତ୍ର ଭୋଜନ କରିବା, ଏକତ୍ରିତ ହୋଇ ଧର୍ମକାର୍ଯ୍ୟ କରିବା, ଏକତ୍ର ଭ୍ରମଣ କରିବାକୁ ଏହି ସମ୍ମିଳନୀ ମାଧ୍ୟମରେ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ପ୍ଲାଷ୍ଟିକ ବର୍ଜନକୁ ଗୁରୁତ୍ୱ ଦେବାପାଇଁ କୁହାଯାଉଛି। ସେହିପରି ଜାତିପ୍ରଥା ଭଳି କୁସଂସ୍କାର ସମାଜରୁ ଉଠାଇ ସ୍ୱଦେଶୀ ଜିନିଷପତ୍ରର ବ୍ୟବହାର ଉପରେ ଗୁରୁତ୍ୱ ଦେଇ ଦେଶକୁ ସମୃଦ୍ଧ କରିବାକୁ ଆହ୍ୱାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ହିନ୍ଦୁ ସମ୍ମିଳନୀର ଖଣ୍ଡ ସଂଯୋଜକ ହିମାଂଶୁ ଶେଖର ନାୟକ ମଞ୍ଚପରିଚାଳନ କରିଥିବା ବେଳେ ରଞ୍ଜନ ବେହେରା, ଅଶୋକ ବେହେରା , ତନୁଜ ଜେନା, ମନ୍ମଥନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ସମ୍ମିଳନୀରେ ସଂଘର କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ ଓ ସାଧାରଣ ଲୋକମାନେ ସାମିଲ ହୋଇଥିଲେ।

## ୨୦୦୫ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



**ଯାଜପୁର,୧୫।୨/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ବେରୁଡା ଗ୍ରାମ ପଞ୍ଚାୟତ ସ୍ଥିତ ବରଦାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦୫ ମସିହା ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ୧୫ ଜଣ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ଅତିଥିମାନେ ୨୦୦୫ ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ତାଙ୍କର ଶୁଭକାମନା କରିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଏକ ନିଆରା ଢଙ୍ଗରେ ପାଳନ କରାଯାଇଥିଲା। ସମସ୍ତ ଅତିଥି ଓ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନେ ଉପସ୍ଥିତ ରହି ଏହି ବ୍ୟାଚ୍‌ର ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଏକତ୍ରିତ ହୋଇଥିବାର ଦେଖି ଭୂୟସୀ ପ୍ରଶଂସା କରିଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ପ୍ରତିବର୍ଷ ଏକାଠି ହୋଇ ଚାଲୁରଖିବା ପାଇଁ ମତବ୍ୟକ୍ତ କରିଥିଲେ। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ଅବସର ନେଇଥିବା ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରି ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଦୀର୍ଘବର୍ଷ ପରେ ନିଜର କର୍ମ ଭୂମିକୁ ଦେଖି ଶିକ୍ଷକ, ଶିକ୍ଷୟିତ୍ରୀ ଖୁସିରେ ଆତ୍ମହରା ହୋଇ ଯାଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ପ୍ରତିଭା ବିଷୟରେ ଶୁଣି ଖୁସି ବ୍ୟକ୍ତ କରିଥିଲେ। ଏବଂ ଛାତ୍ରଛାତ୍ରୀମାନଙ୍କୁ ସମାଜରେ ଜଣେ ଜଣେ ଭଲ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟ କ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ରାମ, ଅନୁପମା ବେହେରା, ବିନୋଦ କୁମାର ଦଳାଇ, ଶୁଭଶ୍ରୀ ମହାପାତ୍ର, ରମାକାନ୍ତ ପାଣି, ସଂଗ୍ରାମ ପହି, ରାଜଶ୍ରୀ ପଣ୍ଡା, ତମସା ସାହୁ, ତମିଶ୍ରା ନାୟକ,ସିଦ୍ଧାର୍ଥ ବେହେରା, ଘାସିରାମ ମୁଣ୍ଡା, ସ୍ମୃତି ରଞ୍ଜନ ନାୟକ, ମନୋରମା ପ୍ରଧାନ, ବିନୟ ରଞ୍ଜନ ବେହେରା ଏହି ଉତ୍ସବରେ ଉପସ୍ଥିତ ରହି ଥିଲେ।

## ଇଫ୍‌କୋ ପକ୍ଷରୁ ମା'ଶାରଳା ଗୋ-ସେବା ଆଶ୍ରମକୁ ସହାୟତା




**ପାରାଦୀପ,୧୫।୨/ଏନ୍‌ଏନ୍‌ଏସ୍:** ପବିତ୍ର ମହାଶିବରାତ୍ରି ଅବସରରେ ପାରାଦୀପ ଇଫ୍‌କୋ କାରଖାନା ପକ୍ଷରୁ କୋ-ପରେଟିଭ ରୁରାଲ ଡେଭଲପମେଣ୍ଟ ଟ୍ରଷ୍ଟ ସହାୟତାରେ ଗୋ-ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ତାରେଣୀଗଡା ସ୍ଥିତ ମା' ଶାରଳା ଗୋ-ସେବା ଆଶ୍ରମ ପରିସରରେ ଥିବା ୨୧୪ ଟି ଗୋ-ମାତା ଓ ଷଣ୍ଢଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ସେମାନଙ୍କୁ ଔଷଧ ଓ ଟିକା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଇଫ୍‌କୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, କୋ-ପରେଟିଭ ରୁରାଲ ଡେଭଲପମେଣ୍ଟ ଟ୍ରଷ୍ଟର ଅଧକ୍ଷ କୁଳମଣି ମାଝୀ, ମାଇକ୍ରୋ ବାୟୋଲୋଜିଷ୍ଟ ଅଫିସର ଅଭ୍ରୋ ଦେ, ମା ଶାରଳା ଗୋ-ସେବା ଆଶ୍ରମର ସମ୍ପାଦକ ମହନ୍ତ ମହାରାଜ ରମେଶ ଦାସ, ପାରାଦୀପ ପଶୁ ସମ୍ପଦ ଅଧିକାରୀ ଡାକ୍ତର ନିରଞ୍ଜନ ବେହେରା, ବାବା ପ୍ରଶାନ୍ତ ଦାସ, ଗୋଶାଳା ଆଶ୍ରମର ସଦସ୍ୟ ଅରୁଣ କୁମାର ଓଝା ପ୍ରମୁଖ ଯୋଗଦେଇ ଗୋ-ସେବାର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପଶୁ ସମ୍ପଦ ଅଧିକାରୀ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଆଶ୍ରମ ପରିସରରେ ରହୁଥିବା ୨୧୪ ଟି ଗୋ-ମାତା ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ଔଷଧ ଦେଇ ଚିକିତ୍ସା କରିଥିଲେ। ଏଠାରେ ସୂଚନାଯୋଗ୍ୟ, ପାରାଦୀପ ସ୍ଥିତ ମା'ଶାରଳା ଗୋ-ସେବା ଆଶ୍ରମ ଗତ ୧୦ ବର୍ଷ ହେଲା ପାରାଦୀପ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଅଞ୍ଚଳରେ ଦୁର୍ଘଟଣାର ଶିକାର ହେଉଥିବା ଗୋ-ମାତା ଓ ଷଣ୍ଢମାନଙ୍କୁ ଆଣି ଚିକିତ୍ସା କରିବା ସହିତ ସେମାନଙ୍କୁ ଆଶ୍ରମ ପରିସରରେ ରଖି ସେବା କରାଯାଉଛି। ଗତ ଜାନୁଆରୀ ମାସରେ ମହାନଦୀର ଏକ ଟାପୁରୁ ଭୋକ ଉପାସରେ ଥିବା ୬୯ଟି ଗୋ-ମାତା ଓ ଷଣ୍ଢଙ୍କୁ ଉଦ୍ଧାର କରି ଆଶ୍ରମ ପରିସରରେ ରଖି ସେମାନଙ୍କୁ ଚିକିତ୍ସା କରିବା ସହିତ ଖାଦ୍ୟ ଦେଇ ରଖାଯାଇଛି। ଗୋ-ଶାଳାର ସଦସ୍ୟମାନଙ୍କ ଦ୍ୱାରା କରାଯାଉଥିବା ଏହି କାର୍ଯ୍ୟକୁ ଇଫ୍‌କୋ ମାନବସମ୍ବଳ ଅଧିକାରୀ ପ୍ରସନ୍ନ କୁମାର ବେଉରା ପ୍ରଶଂସା କରିବା ସହିତ କଥା କହି ପାରୁନଥିବା ଗୋ-ମାତାଙ୍କ ସେବା ହିଁ ପ୍ରକୃତ ସେବା। ଶାସ୍ତ୍ରୀୟ ମତରେ ଗୋ-ମାତାଙ୍କ ଦେହରେ ସମସ୍ତ ଦେବା ଦେବୀ ବାସ କରନ୍ତି, ତେଣୁ ସେମାନଙ୍କ ସେବା ହେଉଛି ପ୍ରକୃତ ସେବା ବୋଲି ଶ୍ରୀ ବେଉରା ପ୍ରକାଶ କରିଥିଲେ। ସେହିପରି ଗୋ-ଶାଳା ପ୍ରତି ଇଫ୍‌କୋର ପ୍ରବନ୍ଧ ନିର୍ଦ୍ଦେଶକ ଶ୍ରୀ କେ. ଜେ. ପଟେଲ ଓ ଇଫ୍‌କୋ ୟୁନିଟ୍ ମୁଖ୍ୟ ପି କେ ମହାପାତ୍ରଙ୍କ ସହଯୋଗ କୁ ଗୋଶାଳା ସମ୍ପାଦକ ମହନ୍ତ ମହାରାଜ ରମେଶ ଦାସ ଓ ସଦସ୍ୟ ଅରୁଣ କୁମାର ଓଝା ପ୍ରଶଂସା କରିବା ସହିତ ଇଫ୍‌କୋ କାରଖାନା ପ୍ରତ୍ୟେକ ଅସୁବିଧା ସମୟରେ ସହଯୋଗର ହାତ ବଢ଼ାଇ ଥିବାରୁ କୃତଜ୍ଞତା ଜଣାଇଥିଲେ।

## ପ୍ରଥମ ପୃଷ୍ଠାରୁ

### ପାକିସ୍ତାନ ଚିତ୍‌ପଟାଙ୍ଗ ...

ଓଭର୍‌ର ଦ୍ୱିତୀୟ ବଲ୍‌ରେ ଜସ୍‌ପ୍ରୀତ୍ ବୁମ୍‌ରା ଅନ୍ୟତମ ଓପ୍ନର୍ ସୈମ୍ ଅୟୁବ୍ (୬)ଙ୍କୁ ବିଦା କରିଥିଲେ। ବୁମ୍‌ରା ସେହି ଓଭର୍‌ର ଶେଷ ବଲ୍‌ରେ କ୍ୟାପ୍‌ଟେନ୍ ସଲ୍‌ମାନ୍ ଅଲୀ ଆଗା (୪)ଙ୍କ ୱିକେଟ୍ ନେଇ ପାକ୍ ଟିମ୍‌କୁ ତୃତୀୟ ଝଟ୍‌କା ଦେଇଥିଲେ। ପଞ୍ଚମ ଓଭର୍‌ରେ ବାବର୍ ଆଜମ୍ (୫)ଙ୍କୁ ବୋଲ୍ଡ କରି ଅକ୍ଷର ପଟେଲ୍ ପାକିସ୍ତାନ ସ୍କୋର୍ ୩୪/୪ କରିଥିଲେ। ଏହାପରେ ଉସ୍‌ମାନ୍ ଖାନ୍ ଓ ଶାଦାବ୍ ଖାନ୍ ଇନିଂସ୍ ସମ୍ଭାଳି ୩୯ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ଉସ୍‌ମାନ୍ ଖାନ୍‌ଙ୍କୁ ଆଉଟ୍ କରି ଅକ୍ଷର ପଟେଲ୍ ଏହି ଯୋଡ଼ି ଭାଙ୍ଗିଥିଲେ। ଉସ୍‌ମାନ୍ ୩୪ ବଲ୍‌ରେ ସର୍ବାଧିକ ୪୪ ରନ୍ କରିଥିଲେ। ମହମ୍ମଦ ନୱାଜ୍ ୪ ରନ୍ କରି କୁଲଦୀପ୍ ଯାଦବଙ୍କ ଶିକାର ହୋଇଥିଲେ। ତିଳକ ବର୍ମା ୧୩ଶ ଓଭର୍‌ର ପ୍ରଥମ ବଲ୍‌ରେ ଶାଦାବ ଖାନ୍‌ଙ୍କ ଶିକାର କରିଥିଲେ। ଶାଦାବ୍ ୧୪ ରନ୍ କରିଥିଲେ। ୧୬ଶ ଓଭର୍‌ରେ ବରୁଣ ଚକ୍ରବର୍ତ୍ତୀ ଲଗାତାର ବଲ୍‌ରେ ଫହିମ୍ ଅଶରଫ୍ (୧୦) ଏବଂ ଅବରାର୍ ଅହମଦ (୦)ଙ୍କୁ ଆଉଟ୍ କରିବା ପରେ ହାର୍ଦ୍ଦିକ ପାକିସ୍ତାନର ଅନ୍ତିମ ୱିକେଟ୍ ହାତେଇ ଥିଲେ। ଭାରତ ପକ୍ଷରୁ ବୁମ୍‌ରା, ହାର୍ଦ୍ଦିକ, ଅକ୍ଷର ଓ ବରୁଣ ଚକ୍ରବର୍ତ୍ତୀ ଦୁଇଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ କୁଲଦୀପ୍ ଯାଦବ ଓ ତିଳକ ବର୍ମାଙ୍କୁ ୧-୧ ସଫଳତା ମିଳିଥିଲା। ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଓଭର୍‌ରେ ହିଁ ଅଭିଷେକ ଶର୍ମାଙ୍କ ୱିକେଟ୍ ହରାଇଥିଲା। ଖାତା ଖୋଲିବା ପୂର୍ବରୁ ପାକ୍ କ୍ୟାପ୍‌ଟେନ୍ ସଲ୍‌ମାନ୍ ଆଗା ତାଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ଈଶାନ୍ କିଶନ୍ ଓ ତିଳକ ବର୍ମା ମୋର୍ଚ୍ଚା ସମ୍ଭାଳିଥିଲେ। ଦୁହେଁ ଦ୍ୱିତୀୟ ୱିକେଟ୍ ପାଇଁ ୪୬ ବଲ୍‌ରେ ୮୭ ରନ୍‌ର ପାର୍ଟନରଶିପ୍ କରିଥିଲେ। ଈଶାନ୍ ଇଶନ୍‌ଙ୍କୁ ଆଉଟ୍ କରି ସୈମ୍ ଅୟୁବ୍ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଈଶାନ୍ ୨୦ ବଲ୍‌ରେ ୭୭ ରନ୍ କରି ଫେରିଥିଲେ। ତାଙ୍କ ଇନିଂସ୍‌ରେ ୧୦ ଚୌକା ଓ ୩ ଛକା ସାମିଲ ଥିଲା। ଏହାପରେ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ ଓ ତିଳକ ବର୍ମାଙ୍କ ମଧ୍ୟରେ ଭଲ ପାର୍ଟନରଶିପ୍ ହୋଇଥିଲା। ତେବେ ୧୫ଶ ଓଭର୍‌ରେ ତିଳକ ଦୁଇଟି ଚୌକା ଓ ଗୋଟିଏ ଛକା ବଳରେ ୨୫ ରନ୍ କରିଥିବା ବେଳେ ସୈମ୍ ଆୟୁବ୍‌ଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ପରବର୍ତ୍ତୀ ବଲ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ୧୯ତମ ଓଭର୍‌ରେ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବଙ୍କୁ ଆଉଟ୍ କରି ଉସ୍‌ମାନ୍ ତାରିକ୍ ଭାରତକୁ ପଞ୍ଚମ ଝଟ୍‌କା ଦେଇଥିଲେ। ସୂର୍ଯ୍ୟା ୨୯ ବଲ୍‌ରେ ୩ ଚୌକା ବଳରେ ୩୨ ରନ୍ କରିଥିଲେ। ଶିଭମ୍ ଦୁବେ ୧୭ ବଲ୍‌ରୁ ୩ ଚୌକା ଓ ଗୋଟିଏ ଛକା ବଳରେ ଅନ୍ତିମ ଓଭର୍‌ରେ ରନ୍‌ଆଉଟ୍ ହୋଇଥିଲେ। କିନ୍ତୁ ରିଙ୍କୁ ସିଂହ ୪ ବଲ୍‌ରେ ଗୋଟିଏ ଲେଖାଏଁ ଛକା ଓ ଚୌକା ଦମ୍‌ରେ ଅପରାଜିତ ୧୧ ରନ୍ କରିଥିଲେ। ଏହା ଦମ୍‌ରେ ଭାରତ ୭ ୱିକେଟ୍ ହରାଇ ୧୭୫ ରନ୍ କରିଥିଲା।

### ଏଥର ସଅଳ ଉଠିଲା ...

ମହାଦୀପ ସ୍ଥାପନ କରିଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ ମହାଦୀପ ଉଠିଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହଭାବ ଦେଖିବାକୁ ମିଳିଥିଲାବେଳେ ହୁଳହୁଳି, ହରିବୋଲ ଓ ଓଁ ନମଃ ଶିବାୟ ଧ୍ୱନିରେ କମ୍ପିଥିଲା ମନ୍ଦିର ପରିସର। ପାରମ୍ପରିକ ବେଢ଼ା ପରିକ୍ରମା ପରେ ଉଠିଥିଲା ମହାଦୀପ। ନିର୍ଦ୍ଧାରିତ ସମୟର ପ୍ରାୟ ଦେଢ଼ ଘଣ୍ଟା ପୂର୍ବରୁ ୮ଟା ୪୦ ମିନିଟ୍‌ରେ ବିଧିମତେ ସମର୍ଥା ସେବାୟତ ମହାଦୀପ ଧରି ମନ୍ଦିର ପରିକ୍ରମା କରବା ପରେ ମହାଦୀପକୁ ମନ୍ଦିର ଚୂଡ଼ାକୁ ଉଠିଥିଲା। ଯୋଗେନ୍ଦ୍ର ସମର୍ଥା ୮ଟା ୪୧ରେ ମହାଦୀପ ସ୍ଥାପନ କରିଥିଲେ। ମହାଦୀପ ଉଠିଲା ପରେ ଭକ୍ତମାନେ ବ୍ରତ ଭାଙ୍ଗିଥିଲେ। ଶନିବାର ରାତିରୁ ଭକ୍ତମାନେ ଲିଙ୍ଗରାଜ ଦର୍ଶନ ପାଇଁ ଧାଡ଼ି ବାନ୍ଧି ଅପେକ୍ଷା କରିଥିଲେ। ଆଜି ଦିନତମାମ ମହାଦେବଙ୍କ ଦର୍ଶନ ଲାଗି ରହିଥିଲା ଏବଂ ସନ୍ଧ୍ୟାରୁ ଭଜନ ସମାରୋହ ସାଙ୍ଗକୁ ରାତିରେ ମହାଦୀପ ଦର୍ଶନ ପାଇଁ ଭିଡ଼ ହୋଇଥିଲା। ଏଥିପାଇଁ ମନ୍ଦିର ପ୍ରଶାସନରୁ ଆରମ୍ଭ କରି ବିଏମ୍‌ସି ଓ କମିସନରେଟ୍ ପୁଲିସ ପକ୍ଷରୁ ସବୁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଥିଲା। ଜାଗର ପାଇଁ ସମଗ୍ର ଏକାମ୍ର କ୍ଷେତ୍ର ସମେତ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଲିଙ୍ଗରାଜ ମନ୍ଦିର ମୁଖ୍ୟ ଫାଟକ ଠାରୁ ଆରମ୍ଭ ହୋଇ ବଡେଇବାଙ୍କ ଛକ ପର୍ଯ୍ୟନ୍ତ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ଭୋର ସାଢ଼େ ୩ଟାରେ ପ୍ରଭୁ ଲିଙ୍ଗରାଜଙ୍କ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ପ୍ରଭୁ ଲିଙ୍ଗରାଜଙ୍କ ମଙ୍ଗଳ ଆଳତି ଓ ଅବକାଶ ନୀତି କରାଯାଇଥିଲା।ଅପରପକ୍ଷେ ମହାଦୀପ ଉଠିବା ପରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଅନ୍ୟ ନୀତି ଗୁଡିକ ପୂର୍ବ ଧାର୍ଯ୍ୟ ସମୟ ପୂର୍ବରୁ ମଧ୍ୟ ଶେଷ ହେବ। ସେହି ନୀତି ମଧ୍ୟରେ ରହିଛି, ସାହାଣ ମେଳା ଦର୍ଶନ, ଚାରିପ୍ରହର ପୂଜା, ହରିହର ଭେଟ, ବଡସିଂହାର ଓ ପହୁଡ ନିତି କରାଯିବ।

### ପରଲୋକରେ ଗୀତା ...

ହେମଲତା ପଟ୍ଟନାୟକ। ଗୀତାଙ୍କ ବାପାଙ୍କର ମଧ୍ୟ ଗୀତ ପ୍ରତି ସଉକ ଥିଲା। ତେଣୁ ଗୀତ ପ୍ରତି ତାଙ୍କର ପିଲାଦିନୁ ଆଗ୍ରହ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ଅବସ୍ଥାରେ ସେ ଓଡ଼ିଶାର ପ୍ରଖ୍ୟାତ କଣ୍ଠଶିଳ୍ପୀର ଆଖ୍ୟା ପାଇଥିଲେ। ଗୀତା ପ୍ରଥମେ ରେଡିଓରୁ ଲତାମଙ୍ଗେସକରଙ୍କ ଗୀତ ଶୁଣି ନିଜେ ନିଜେ ଗାଇବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ତାଙ୍କର ଜଣେ ସମ୍ପର୍କୀୟ ଭଉଣୀ ଗୀତ ଶିଖୁଥିଲେ। ତାଙ୍କ ଠାରୁ ପ୍ରେରଣା ପାଇ ଗୀତା ସଙ୍ଗୀତ ପ୍ରତି ଆଗ୍ରହୀ ହୋଇଥିଲେ। ଆଉ ତା'ପରେ ସେ ଅଟକି ନଥିଲେ। ସେ ୧୯୬୫ କଟକ କଳା ବିକାଶ କେନ୍ଦ୍ରରେ ନାମ ଲେଖାଇଥିଲେ। କଳା ବିକାଶ କେନ୍ଦ୍ରରେ ସେ ୬ ବର୍ଷ ଧରି ଗୀତ ଶିଖିଥିଲେ। ତା'ପରେ ଶିଶୁ ସଂସାର ଓ କିଶୋର ଚକ୍ରରେ ନିୟମିତ ଗୀତ ଗାଇବା ଆରମ୍ଭ କରିଥିଲେ। ସେ ୧୯୭୧ ମସିହାରେ ଆକାଶବାଣୀର ଜଣେ ସ୍ୱିକୃତୀ ପ୍ରାପ୍ତ କଣ୍ଠଶିଳ୍ପୀ ହୋଇଥିଲେ।ଆକାଶବାଣୀରେ ତାଙ୍କର ପ୍ରଥମ ଗୀତ ଥିଲା ଜଗବନ୍ଧୁ ପରି ଜଣେ ସାମନ୍ତ। ତା'ପରେ ଅକ୍ଷୟ ମହାନ୍ତିଙ୍କ ପ୍ରଥମ ଗୀତ ଗାଇଥିଲେ। ସେ ଅକ୍ଷୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଅନେକ ହିଟ ଗୀତ ଗାଇଛନ୍ତି। ସେ ମାତ୍ର ପନ୍ଦର ବର୍ଷ ବୟସରେ 'ଅଦିନ ମେଘ' ଚଳଚ୍ଚିତ୍ରରେ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ଗୀତ ଗାଇଥିଲେ। ସେ କେବଳ ଓଡ଼ିଆ ଭାଷା ନୁହେଁ ବଙ୍ଗ ହିନ୍ଦୀ ,ଗୁଜରାଟୀ, ରାଜସ୍ଥାନୀ ଓ ମରାଠୀ ଭାଷାରେ ମଧ୍ୟ ଗୀତ ଗାଇଛନ୍ତି। ସେ ଭଜନ, ଜଣାଣ, ପଲ୍ଲୀଗୀତ, ଛାନ୍ଦ, ଚମ୍ପୁ, ଆଧୁନିକ ଗୀତ ଓ ବିଭନ୍ନ ଚଳଚ୍ଚିତ୍ରରେ କଣ୍ଠଦାନ କରି କେବଳ ଓଡ଼ିଶା ନୁହେଁ, ବଙ୍ଗ ଭାରତ ବାହାରେ ମଧ୍ୟ ସଫଳତା ଅର୍ଜନ କରିଛନ୍ତି। ଗୀତା ପଟ୍ଟନାୟକ ଓଡ଼ିଆ ଚଳଚ୍ଚିତ୍ର ଦୁନିଆରେ ଅନେକ ସୁପରହିଟ୍ ଗୀତ ଗାଇଛନ୍ତି। 'ଯାଯାବ'ର ଚଳଚ୍ଚିତ୍ରର ହିଟ ଗୀତ ଫୁର୍ କିନା ଉଡ଼ିଗଲା ବଣି ବହୁତ ଲୋକ ପ୍ରିୟତା ହାସଲ କରିଥିଲା। ସେହିପରି ଦନେଇ ଦାସ କହରେ ଭାଇ (ଯାଯାବର), ଏମିତି ପୁଅକୁ ମୁଁ ବାହା ହୁଅନ୍ତି (ଆହା ମୋର ସୁନା ଗୋରୀ), କେତେବେଳେ କଣ୍ଢା ତୁମେ (ଅକ୍ଷୟ ତୃତୀୟା), ଆରେ ବାବୁ ଶ୍ୟାମଘନ ଇତ୍ୟାଦି ସୁପରହିଟ୍ ଗୀତରେ କଣ୍ଠଦାନ କରିଛନ୍ତିଗ ଗୀତା।ଗୀତଙ୍କୁ ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ଅକ୍ଷୟ ସାହିତ୍ୟ ସମ୍ମାନ ଓ ଅକ୍ଷୟ ସଙ୍ଗୀତ ସମ୍ମାନରେ ମଧ୍ୟ ସେ ପୁରସ୍କୃତ ହୋଇଛନ୍ତି। ତାଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଶୋକ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଲ୍ଲେଖ କରିଛନ୍ତି ଯେ ବିଶିଷ୍ଟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ଦେହାନ୍ତ ବିଷୟରେ ଜାଣି ଅତ୍ୟନ୍ତ ଦୁଃଖିତ। ତାଙ୍କର ବିୟୋଗ ଓଡ଼ିଶାର ସଙ୍ଗୀତ ଓ ସଂସ୍କୃତି ପାଇଁ ଏକ ଅପୂରଣୀୟ କ୍ଷତି। ଏହି ଦୁଃଖଦ ସମୟରେ ମୁଁ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ସଦଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

### ମର୍ଣ୍ଣିଂୱାକ୍ ବେଳେ ଟଳିପଡ଼ିଲେ ...

ହୋଇପାରିନି। ଅନ୍ୟପକ୍ଷରେ ମିହିର ପ୍ରଧାନ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

### ମୋଦୀଙ୍କ ବଦଳରେ ...

ପକ୍ଷରୁ କୁହାଯାଇଛି ଯେ "ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ବାଚସ୍ପତିଙ୍କ ଯୋଗଦାନ ଭାରତ ଓ ବାଂଲାଦେଶର ଲୋକଙ୍କ ମଧ୍ୟରେ ଥିବା ଗଭୀର ଓ ଅତୁଟ ମିତ୍ରତାର ସଙ୍କେତ। ଏହା ବ୍ୟତୀତ ଆମର ଦୁଇ ଦେଶକୁ ଯୋଡ଼ିଥିବା ଗଣତାନ୍ତ୍ରିକ ମୂଲ୍ୟ ପ୍ରତି ଭାରତର ଦୃଢ଼ ପ୍ରତିବଦ୍ଧତାକୁ ମଧ୍ୟ ଏହା ଦର୍ଶାଉଛି।" ଆସନ୍ତା ୧୭ ତାରିଖରେ ତାରିକ ରହମନଙ୍କୁ ବାଂଲାଦେଶର ମୁଖ୍ୟ ନିର୍ବାଚନ କମିଶନର ଏଏମଏମ ନସିର ଉଦ୍ଦିନ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ।ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟର ଅନ୍ୟ ସଦସ୍ୟମାନେ ସାଧାରଣତଃ ବାଂଲାଦେଶର ରାଷ୍ଟ୍ରପତି ଭବନ ବଙ୍ଗଭବନର ଦରବାର ହଲରେ ଶପଥ ଗ୍ରହଣ କରନ୍ତି। କିନ୍ତୁ ଏଥର ଶପଥ ପାଠ ଉତ୍ସବ ଜାତୀୟ ସଂସଦ ଭବନର ସାଉଥ ପ୍ଲାଜାରେ ହେବ।

### ୨ ନକଲି ମାଓବାଦୀ ...

ଖେଳାଇବା ଅଭିଯୋଗରେ ସମସ୍ତ ଦିଗକୁ ତଦନ୍ତ କରି ଏହି ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗତ ଦୁଇ ଦିନ ତଳେ ଜିଲ୍ଲାର ଶେଷଖାଲ ଥାନା ଅନ୍ତର୍ଗତ ରାୟଗଡ଼ା ସହର ଠାରୁ ମାତ୍ର ଦୁଇ କିମି ଦୂରରେ ଥିବା ରାୟଗଡା - ବାଇଶିଙ୍ଗ ମୁଖ୍ୟ ରାସ୍ତାର ଧୂମାଗୁଡା ଗାଁରେ ମାଓ ବ୍ୟାନର ଲଗାଇଥିବା ବେଳେ ଉକ୍ତ ଦିନ ହିଁ ଚାନ୍ଦିଲି ଥାନା ଅନ୍ତର୍ଗତ ପାଇକପଡ଼ା ଓ କଲ୍ୟାଣସିଙ୍ଗପୁର ବ୍ଲକ କୁମ୍ଭାରଗୁଡା ଗାଁ ନିକଟ ଭଳି ଉକ୍ତ ଦୁଇଟି ସ୍ଥାନରେ ନକଲି ମାଓ ପୋଷ୍ଟର ଲଗାଯାଇଥିଲା। ଗିରଫ ଉଭୟଙ୍କୁ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରି ମାଇନା କରାଯାଇଛି। ଏ ନେଇ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମୂଲ୍ୟ କୁମାର ଧରଙ୍କ ପ୍ରତିକ୍ରିୟା ନେବାରୁ ଏ ସଂକ୍ରାନ୍ତରେ ଜିଲ୍ଲା ଏସପି ସୋମବାର ଦିନ ସାମ୍ବାଦିକ ସମ୍ମିଳନୀରେ ଅଧିକ ସୂଚନା ଦେବେ ବୋଲି କହିଛନ୍ତି।

## ନବଗଠିତ ଆସିକା ପୌରପାଳିକାରେ ୨୩ ୱାର୍ଡ

# ପ୍ରକାଶ ପାଇଲା ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ତାଲିକା

**ଆସିକା,୧୫।୨/ଏନ୍‌ଏନ୍‌ଏସ୍:** ନବଗଠିତ ଆସିକା ପୌରପାଳିକା ୱାର୍ଡ ସୀମା ନିର୍ଦ୍ଧାରଣ ଆସନ ସଂରକ୍ଷଣ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଧିସୂଚନା ଜାରିହୋଇସାରିଛି। ପୂର୍ବରୁ ଆସିକା ଏନ୍‌ଏସିର ୱାର୍ଡ ସଂଖ୍ୟା ୧୮ରେ ସୀମିତ ଥିଲା ବେଳେ ବର୍ତ୍ତମାନ ପୌରପାଳିକାର ମାନ୍ୟତା ମିଳିବା ପରେ ୱାର୍ଡ ସଂଖ୍ୟା ୨୩କୁ ବୃଦ୍ଧି ପାଇଛି। କାଳଷଣ୍ଡପୁର ଗ୍ରାମ ପଞ୍ଚାୟତର ମୁକୁନ୍ଦପୁର ଓ ନରସିଂହପଲ୍ଲୀ ଏବଂ ନୁଆଗାଁକୁ ଆସିକା ପୌରପାଳିକାରେ ସାମିଲ୍ କରାଯାଇଛି ଏବଂ ପ୍ରତ୍ୟେକ ୱାର୍ଡର ସୀମାରେଖା ସ୍ୱଷ୍ଟ କରାଯାଇସାରିଛି। ନବଗଠିତ ଆସିକା ପୌରପାଳିକାର ୨୩ଟି ୱାର୍ଡ ମଧ୍ୟରୁ ୯ଟି ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା ବେଳେ ୯ଟି ୱାର୍ଡ ଅଣସଂରକ୍ଷିତ, ୨ଟି ୱାର୍ଡ ଅନୁସୂଚିତ ଜାତି, ୨ଟି ୱାର୍ଡ ଅନୁସୂଚିତ ଜାତି ମହିଳା, ଗୋଟିଏ ୱାର୍ଡ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ଜଣାପଡିଛି। ଯଦିଓ ଆବଶ୍ୟକ ପଡିଲେ ଏହି ତାଲିକାରେ ମଧ୍ୟ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଚୂଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶିତ ହେବ ବୋଲି ଜଣାପଡିଛି। ଆସିକା ପୌରପାଳିକାରେ ନୂତନ ଭାବେ ପଞ୍ଚାୟତ ମିଶ୍ରଣ ହୋଇଥିବାରୁ ଆଗାମୀ ନିର୍ବାଚନରେ ଗ୍ରାମାଞ୍ଚଳର ଭୋଟରମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତକ ହେଉଛି। ୨୦୧୧ ଜନଗଣନା ଅନୁଯାୟୀ ଆସିକା ପୌରପାଳିକାର ଜନସଂଖ୍ୟା ୩୦୪୧୬ ଥିବା ଜଣାପଡିଛି। ଆସିକା ପୌରପାଳିକାର ୱାର୍ଡସଂଖ୍ୟା ନିର୍ଦ୍ଧାରଣ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ନିର୍ବାଚନ ପାଇଁ ବିଗୁଲ୍ ବାଜିଲା ବୋଲି ଚର୍ଚ୍ଚା ବି ହେଉଛି। ଆଗାମୀ ଦିନରେ ୱାର୍ଡ ସଂରକ୍ଷଣ ପାଇଁ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରକାଶିତ ହେଲା ପରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଆଗାମୀ କିଛି ଦିନ ପରେ ନବଗଠିତ ଆସିକା ପୌରପାଳିକା ପାଇଁ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନ ସକାଶେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗତ ୨୦୨୨ ମସିହାରେ ଅନୁଷ୍ଠିତ ହୋଇଥିବା ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନରେ ସହରର ସମୁଦାୟ ୧୮ଟି ୱାର୍ଡ ମଧ୍ୟରୁ ବିଜୁ ଜନତା ଦଳର ୱାର୍ଡମେମ୍ବର ୧୪ଟି ୱାର୍ଡରେ, ଭାରତୀୟ ଜନତା ପାର୍ଟିର ୱାର୍ଡ ମେମ୍ବର ମାତ୍ର ୨ଟି ୱାର୍ଡରେ ଓ ସ୍ୱାଧୀନ ଭାବେ ଦୁଇ ଜଣ ୱାର୍ଡମେମ୍ବର ବିଜୟୀ ହୋଇଥିଲେ। ରୋଚକ କଥା ହେଲା ଗତ ୨୦୨୪ ସାଧାରଣ ନିର୍ବାଚନ ପରେ ବିଜେଡି ସମର୍ଥନରେ ବିଜୟଲାଭ କରିଥିବା ଆସିକା ବ୍ଲକ ଅଧୀନସ୍ଥ ଅଞ୍ଚଳର କେତେକ ହାତଗଣତି ପଞ୍ଚାୟତ ପ୍ରତିନିଧି ବିଜେପିରେ ଯୋଗ ଦେଇସାରିଥିଲା ବେଳେ ଆସିକା ଏନ୍‌ଏସି ଅଞ୍ଚଳର ବିଭିନ୍ନ ୱାର୍ଡରୁ ଗତ ୨୦୨୨ ମସିହା ପୌର ନିର୍ବାଚନରେ ବିଜେଡି ଟିକଟରେ ବିଜୟଲାଭ କରି କାଉନସିଲର ହୋଇଥିବା ଜଣେ ବି ୱାର୍ଡମେମ୍ବର ଅଦ୍ୟାବଧି ବିଜେପିରେ ଯୋଗଦେଇନଥିବା ଯୋଗୁଁ ଏବେ ବି ଆସିକା ଏନ୍‌ଏସି ଅଞ୍ଚଳରେ ବିଜେଡିର ଦବ୍‌ଦବା ଅତୁଟ ରହିଛି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମହଲରେ ଆଲୋଚିତ ହେଉଥିବା ଲକ୍ଷ୍ୟ କରାଯାଇଛି।

## ଦିବାରାତ୍ରି ସଟ୍ ବାଉଣ୍ଡ୍ରି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍




**ବ୍ରହ୍ମପୁର,୧୫।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଗୋସାଇଁନୂଆଗାଁ କେସି ହାଇସ୍କୁଲ ଖେଳ ପଡିଆଠାରେ ମହାଶିବ ରାତ୍ରି ଉପଲକ୍ଷେ ଦିବାରାତ୍ରି ସଟ୍ ବାଉଣ୍ଡ୍ରି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପୂର୍ବତନ ସାଂସଦ ଚନ୍ଦ୍ର ଶେଖର ସାହୁ, ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ପୂର୍ବତନ କାଜୁନିଗମ ଅଧ୍ୟକ୍ଷ ସୁବାସ ମହାରଣା, କର୍ପୋରେଟର ଧୀରେସ ସାବତ, ସନ୍ତୋଷ ସେଠି, ଦୁର୍ଗା ପ୍ରସାଦ ପଣ୍ଡା, ଅଶ୍ୱିନୀ ପଟ୍ଟନାୟକ, ଦୁର୍ଗା ଲାୟକ, ଜାମୁଲା ଶ୍ରୀନୁ, ସୋନାଲି ଗନ୍ତାୟତ, ସମୀର ମିଶ୍ର, ସୂର୍ଯ୍ୟ ସୁବୁଦ୍ଧି, ଶ୍ୱେତାରେଖା ତ୍ରିପାଠୀ, ବିଜେଡି ନେତୃବୃନ୍ଦ ଦଣ୍ଡ ପାଣି ନାୟକ, ମନୋଜ ସାହୁ, ମିଟୁ ତନ୍ତୀ, ଗାଗୁନି ପାତ୍ର, ବିଜେଡି ନେତା ଅଜୟ ମହାରଣାଙ୍କ ସମେତ ସମାଜସେବୀ ଆଶୁତୋଷ ପାତ୍ର ପ୍ରମୁଖ ଉପସ୍ଥିତ ରହି ଖେଳ ଉଦ୍‌ଘାଟନ କରିଥିଲେ। ଖେଳ ଏକ ଭାଇ ଚାରାର ଖେଳ ବୋଲି ମେୟର ଓ ପୂର୍ବତନ ସାଂସଦ ଖେଳାଳିମାନଙ୍କୁ ଉପଦେଶ ଦେଇଥିଲେ। ଏହି ଶିବରାତ୍ରିରେ ସମସ୍ତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ବନବିଭାଗ ଦ୍ୱାରା କୁଟ୍ରା ଶାବକ ଉଦ୍ଧାର



**ଫୁଲବାଣୀ,୧୫।୨/ଏନ୍‌ଏନ୍‌ଏସ୍:** ଫୁଲବାଣୀ ବନବିଭାଗ ଦ୍ୱାରା ଗୁମାଗଡ ଅଞ୍ଚଳରୁ ଏକ ଜଙ୍ଗଲୀ କୁଟ୍ରା ଶାବକ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଆଜି ଏକ ଜଙ୍ଗଲୀ କୁଟ୍ରା ଶାବକ କୌଣସି ପ୍ରକାରେ ଗୁମାଗଡ ଅଞ୍ଚଳକୁ ପଶି ଆସିଥିଲା। କୁଟ୍ରା ଶାବକକୁ ବୁଲା କୁକୁରମାନେ ଆକ୍ରମଣ କରୁଥିବା ବେଳେ ସ୍ଥାନୀୟ ଲୋକେ ଦେଖିପାରି ବନବିଭାଗକୁ ଖବର ଦେଇଥିଲେ। ଫରେଷ୍ଟର ସରୋଜ କୁମାର ମିଶ୍ରଙ୍କ ସହିତ ପରବାସୀ ବେହେରା ଓ ଅନୁପ ସାହାଣୀ ପହଞ୍ଚି କୁଟ୍ରା ଛୁଆଟିକୁ ଉଦ୍ଧାର କରି ଫୁଲବାଣୀ ପ୍ରାଣୀ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। କୁଟ୍ରାଟିର ବୟସ ପ୍ରାୟ ଏକ ମାସ ହେବ। ତାର ଗୋଡ ଭାଙ୍ଗି ଯାଇଥିବା ବେଳେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ଏକମାସ ସମୟ ଲାଗିବ ବୋଲି କହିଛନ୍ତି ଫରେଷ୍ଟର ଶ୍ରୀ ମିଶ୍ର। ସୁସ୍ଥ ହେବା ପରେ ତାକୁ ଜଙ୍ଗଲରେ ଛାଡି ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଆସିକା ବିଜ୍ଞାନ ମହାବିଦ୍ୟାଳୟ ହବ୍‌ରେ ପହଞ୍ଚିଲା ଯୁକ୍ତଦୁଇ ପ୍ରଶ୍ନପତ୍ର

**ଆସିକା,୧୫।୨/ଏନ୍‌ଏନ୍‌ଏସ୍:** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମର ଥିଓରୀ ପରୀକ୍ଷା ଆସନ୍ତା ୧୮ ତାରିଖ ଠାରୁ ଆରମ୍ଭ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ଆସିକା ବିଜ୍ଞାନ ମହାବିଦ୍ୟାଳୟ ହବରେ ରବିବାର ପହଞ୍ଚିଛି। ଆସିକା ବିଜ୍ଞାନ ମହାବିଦ୍ୟାଳୟ ହବ୍ ଅଧୀନରେ ଆସିକା ବିଜ୍ଞାନ ହାୟର ସେକେଣ୍ଡାରୀ ସ୍କୁଲ, ସରକାରୀ ନିରଞ୍ଜନ ମହିଳା ହାୟର ସେକେଣ୍ଡାରୀ ସ୍କୁଲ, ପିତ୍ତଳ ବିଜ୍ଞାନ ହାୟର ସେକେଣ୍ଡାରୀ ସ୍କୁଲ, ଶେରଗଡ ସ୍ଥିତ ଉଦୟ ପ୍ରତାପ ବିଜ୍ଞାନ ହାୟର ସେକେଣ୍ଡାରୀ ସ୍କୁଲ, କୁରୁଳା ହାୟର୍ ସେକେଣ୍ଡାରୀ ସ୍କୁଲର ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ସ୍ଥିରୀକୃତ ହୋଇଥିବା ଜଣାପଡିଛି। ଏହି ଯୁକ୍ତଦୁଇ ପରୀକ୍ଷାକୁ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ବହୁବିଧ ପଦକ୍ଷେପ ମାନ ଗ୍ରହଣ କରାଯାଇଛି। ଆସିକା ବିଜ୍ଞାନ ମହାବିଦ୍ୟାଳୟ ହବ୍‌ରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ସିସି ଟିଭି କ୍ୟାମେରା ଓ କୃତ୍ରିମ ବୁଦ୍ଧିମତା (ଏଆଇ) କ୍ୟାମେରା ସଂଯୋଗ କରାଯାଇଛି। ପରୀକ୍ଷା ସୁପରିଚାଳନା ଲାଗି ଆସିକା ବିଜ୍ଞାନ ମହାବିଦ୍ୟାଳୟ ହବ୍‌ର ସୁପରଭାଇଜର୍ ଅଧ୍ୟାପକ ବିଭୁତି ଭୂଷଣ ବେବର୍ତ୍ତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଡେପୁଟି ହବ୍ ଅଧିକ୍ଷକ ଅଧ୍ୟାପକ ଭାନୁଚନ୍ଦ୍ର ରାଓ ଏବଂ ହବ୍ ସହାୟକ ରୂପେ ଅଧ୍ୟାପକ ସନାତନ ପାଢୀ ନିୟୋଜିତ ଥିବା ଜଣାପଡିଛି।

## ୭ମ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ରାଜ୍ୟ ଓପନ୍ ଚେସ୍

## ପୁରୀର ମହେଶ ପ୍ରସାଦ ସେଠୀ ଚାମ୍ପିଅନ୍

**ଭୁବନେଶ୍ୱର,୧୫।୨/ଏଜେନ୍ସି:** ଭୁବନେଶ୍ୱର ଚେସ୍ ସଂଘ ପକ୍ଷରୁ ରବିବାର ସ୍ଥାନୀୟ ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ୍‌ରେ ୭ମ ମୃତ୍ୟୁଞ୍ଜୟ ପାତ୍ର ସ୍ମାରକୀ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ୍ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ୍‌ରେ ପୁରୀର ମହେଶ ପ୍ରସାଦ ସେଠୀ ଚାମ୍ପିଅନ୍ ହୋଇଥିବା ବେଳେ ଯାଜପୁର ସଞ୍ଜୀବନ ନାୟକ ରନର୍ସଅପ୍ ହୋଇଛନ୍ତି। ଭୁବନେଶ୍ୱରର ସ୍ୱପ୍ନିଲ ଆଦିତ୍ୟ ଖାଡ଼ଙ୍ଗା ତୃତୀୟ ସ୍ଥାନରେ ରହିଥିଲେ। ବ୍ରହ୍ମପୁରର ରଶ୍ମିତା ପାତ୍ର ଶ୍ରେଷ୍ଠ ମହିଳା



ଖେଳାଳି ହୋଇଥିବା ବେଳେ ସ୍ୱସ୍ତିକ୍ ତ୍ରିପାଠୀ, ସ୍ୱସ୍ତିକ ବେହେରା ଏବଂ ଅତିଶ ନନ୍ଦ ଗୋସ୍ୱାମୀ ସ୍ୱତନ୍ତ୍ର ପୁରସ୍କାର ଜିତିଛନ୍ତି। ବାଳିକା ବିଭାଗରେ ସାନ୍‌ଭି ପ୍ରେୟଂଶୀ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିପରି ବୟସ ବର୍ଗରେ ଆରିଶ ନନ୍ଦ ଗୋସ୍ୱାମୀ, ଆଶୁତୋଷ ଅରୁଣ ଦାସ, ବିରାଜ ବର୍ମା ଏବଂ ସଞ୍ଜିତ ଶ୍ରୀଚନ୍ଦନ ପ୍ରଥମ ପୁରସ୍କାର ଜିତିଛନ୍ତି।

ଚାମ୍ପିଅନ୍‌ଶିପ୍‌କୁ ଭୁବନେଶ୍ୱର ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ୍ ମ୍ୟାନେଜିଂ ଡାଇରେକ୍ଟର ଲକ୍ଷ୍ମୀଧର ବେହେରା ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଭାରତୀୟ ପାୱାର୍ ଗ୍ରୀଡ୍ କର୍ପୋରେସନ୍‌ର ଅବସରପ୍ରାପ୍ତ ଜେନେରାଲ୍ ମ୍ୟାନେଜର ରବି ଶଙ୍କର ପାତ୍ର, ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ମନୋରଞ୍ଜନ ବିଶ୍ୱାଳ, ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଭୁବନେଶ୍ୱର ଚେସ୍ ସଂଘ ନିର୍ଦ୍ଦେଶ ଦୀପକ କୁମାର ପଲାଇ ଏବଂ ଯୁବ ଉଦ୍ୟୋଗୀ ନିଶିକାନ୍ତ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ।

## ଡେପୁଟେସନରେ ପଢ଼ାଇବାକୁ ଯାଇଥିଲେ ଶିକ୍ଷକ

## ବିଦ୍ୟାଳୟକୁ ପଶିବାକୁ ଦେଲେନି ଗ୍ରାମବାସୀ ଓ ଅଭିଭାବକ

**କନ୍ଧମାଳ,୧୫।୨/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ପକାରୀ ପଞ୍ଚାୟତର ଗଞ୍ଜୁ ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶିକ୍ଷା ବିଭାଗ ନିର୍ଦ୍ଦେଶରେ ଏହି ବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଧାନ ଶିକ୍ଷକ ପଦବୀରେ ଯୋଗ ଦେବା ପାଇଁ ଅନ୍ୟ ଏକ ବିଦ୍ୟାଳୟରୁ ଡେପୁଟେସନରେ ଯୋଗ ଦେବାପାଇଁ ଯାଇଥିବା ଜଣେ ଶିକ୍ଷକଙ୍କୁ ଗ୍ରାମବାସୀ ଓ ଅଭିଭାବକ ବାରଣ କରିବା ସହ ବିଦ୍ୟାଳୟ ପରିସରକୁ ପଶିବାକୁ ଦେଇନଥିଲେ ଯାହା ଫଳରେ ଶିକ୍ଷକ ଜଣକ ବହୁ ହଟହଟା ହେବା ସହ କାର୍ଯ୍ୟରେ ଯୋଗ ନଦେଇ ଫେରି ଆସିଥିଲେ। ସୂଚନା ଅନୁସାରେ ଶିକ୍ଷକଙ୍କ ଟିଟୁ ଦିଗାଳ ଓ ସେ ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତ ଅଧୀନରେ ଥିବା ଟଣାସୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ। ବିଦ୍ୟାଳୟରେ ଦୀର୍ଘ ଦିନ ଧରି ବିଶୃଙ୍ଖଳା ଚଳାଇ ଆସୁଥିବା ନେଇ ସ୍ଥାନୀୟ ସଲାଗୁଡା ସରପଞ୍ଚଙ୍କ ସହ ଗ୍ରାମବାସୀ ଅଭିଭାବକ ବାରମ୍ବାର ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ, ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇବା ସହ ବହୁବାର ଆନ୍ଦୋଳନ ମଧ୍ୟ କରିଥିଲେ। ଏହି ଘଟଣାକୁ ନେଇ ଫିରିଙ୍ଗିଆ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ସହ ଏକ ସ୍ୱତନ୍ତ୍ର ଟିମ ବିଦ୍ୟାଳୟରେ ପହଂଚି ତଦନ୍ତ ମଧ୍ୟ



କରିଥିଲେ। ତଦନ୍ତରୁ ଶିକ୍ଷକ ଜଣଙ୍କ ବଶୃଙ୍ଖଳା କରୁଥିବା ପ୍ରମାଣିତ ହୋଇଥିଲା। ତେବେ ଗତ ୧୨ ତାରିଖ ଦିନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷକ ଟିଟୁ ଦିଗାଳଙ୍କୁ ଟଣାସୁ ବିଦ୍ୟାଳୟ ରୁ ଡେପୁଟେସନ ରେ ଗଞ୍ଜୁ ବିଦ୍ୟାଳୟ କୁ ଯାଇ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଶନିବାର ଶିକ୍ଷକ ଜଣକ ଗଞ୍ଜୁ ବିଦ୍ୟାଳୟରେ ଯୋଗଦେବା ପାଇଁ ଯିବା ସମୟରେ ଗ୍ରାମବାସୀ ଓ ଅଭିଭାବକ ସମ୍ପୃକ୍ତ ଶିକ୍ଷକଙ୍କୁ ଘେରି ଯିବାସହ ବିଦ୍ୟାଳୟକୁ ପ୍ରବେଶ କରିବା ପାଇଁ ଦେଇନଥିଲେ। ଅନ୍ୟପଟେ ଆଗରୁ ବହୁ ବିବାଦ ଘେରରେ ଥିବା ଓ ଅନେକ ଥର କାର୍ଯ୍ୟରେ ଅବହେଳା ପାଇଁ ଚାକିରିରୁ ନିଲମ୍ବିତ ହେଉଥିବା ଶିକ୍ଷକଙ୍କୁ ବିଦ୍ୟାଳୟରେ କାର୍ଯ୍ୟ କରିବା ପାଇଁ ଦେଇପାରିବୁ ନାହିଁ ବୋଲି ଗ୍ରାମବାସୀ ଓ ଅଭିଭାବକ ମାନେ ମତ ପ୍ରକାଶ କରିବା ସହ ଶିକ୍ଷା ବିଭାଗ ଯଦି ଏହି ଶିକ୍ଷକଙ୍କୁ ଏହି ଗଞ୍ଜୁ ବିଦ୍ୟାଳୟରୁ ଡେପୁଟେସନ ନିର୍ଦ୍ଦେଶ ପ୍ରତ୍ୟାହୃତ ନକରନ୍ତି ତାହେଲେ ବିଦ୍ୟାଳୟରେ ତାଲା ପକେଇ ଗ୍ରାମବାସୀ ଓ ଅଭିଭାବକ ମାନେ ଆନ୍ଦୋଳନ କରିବୁ ବୋଲି କହିଛନ୍ତି ଅଂଚଳର ଯୁବ ସମାଜସେବୀ ବାବୁଲା କହଁର। ଘଟଣା ବିଷୟରେ ଫିରିଙ୍ଗିଆ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ଗତ କିଛିଦିନ ତଳେ ଏହି ଗଞ୍ଜୁ ବିଦ୍ୟାଳୟ ରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ସାହୁଙ୍କ ହୃଦଘାତରେ ମୃତ୍ୟୁ ହୋଉଯାଇଥିଲା। ତାଙ୍କର ମୃତ୍ୟୁ ପରେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଥିଲା। ଏହି ବିଦ୍ୟାଳୟରେ କେବଳ ଜଣେ ମହିଳା ଶିକ୍ଷୟିତ୍ରୀ ଥିଲେ। ଯେହେତୁ ଟିଟୁ ଦିଗାଳଙ୍କ ନାମରେ ସଲାଗୁଡା ବିଦ୍ୟାଳୟ ପରିଚାଳନା କମିଟି ଅଭିଭାବକ ଓ ଖୋଦ ସ୍ଥାନୀୟ ସରପଞ୍ଚ ରୋହିତ କହଁର ବାରମ୍ବାର ଅଭିଯୋଗ କରି ଆସୁଥିଲେ ସେଥିପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଡେପୁଟେସନରେ ଗଞ୍ଜୁ ବିଦ୍ୟାଳୟ କୁ ପଠା ଯାଇଥିଲା। ଶନିବାର ହୋଇଥିବା ଘଟଣା କୁ ନେଇ ମୋ ପାଖରେ କୌଣସି ଅଭିଯୋଗ ନାହିଁ ଯଦି ଆସିବ ତାହେଲେ ଅନ୍ୟ କୌଣସି ବ୍ୟବସ୍ଥା କରିବା ସହ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ବିପଦଜ୍ଜନକ ଅବସ୍ଥାରେ ହୋର୍ଡ଼ିଂ ବୋର୍ଡ ଫ୍ରେମ୍

**ବୁଗୁଡା,୧୫।୨/ଏନ୍‌ଏନ୍‌ଏସ୍:** ବୁଗୁଡା ଏନ୍‌ଏସି ଅନ୍ତର୍ଗତ ସୂର୍ଯ୍ୟନଗର ରାସ୍ତା କଡସ୍ଥ ଏକ ହୋର୍ଡ଼ିଂ ବୋର୍ଡର ଲୁହା ଫ୍ରେମଟି ରାସ୍ତା ଉପରକୁ ଢଳି ରହିଛି। ଫଳରେ କେତେବେଳେ କାହା ଉପରେ ପଡିଯିବାର ଭୟ ଘାରୁଛି। ଅନ୍ୟପକ୍ଷରେ ମୁଖ୍ୟ ସଡକ ସହ ସଂଯୁକ୍ତ ରାସ୍ତା କଡରେ ଥିବା ଏହି ଲୁହା ଫ୍ରେମଟି ରାସ୍ତା ଉପରକୁ ଢଳି ରହିଥିବାରୁ ସେହି ପଟରେ କୌଣସି ବଡ ଗାଡି ସହଜରେ ଯାତାୟତ କରିପାରୁନାହିଁ। ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆଢୁଆଳରେ ଏହି ସମସ୍ୟାଟି ରହିଥିବାରୁ ତାହାର କୌଣସି



ପ୍ରତିକାର ବ୍ୟବସ୍ଥା ହୋଇପାରୁନଥିବା ଯୋଗୁଁ ହଟହଟାର ସମ୍ମୁଖୀନ ହେଉଛନ୍ତି। ଏଣୁ, ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

### 'ହ୍ୟାଲୋ' ଶୁଣିବାକୁ ...

ଚାଲିଯାଉଛି। ଏତେ କଷ୍ଟ ସତ୍ତ୍ୱେ ଓଡ଼ିଶା ନୁହେଁ, ଆନ୍ଧ୍ରପ୍ରଦେଶର ଦୁର୍ବଳ ସିଗ୍‌ନାଲ୍ ଉପରେ ଲୋକେ ନିର୍ଭର କରୁଛନ୍ତି। ଗୁଣପୁର ବ୍ଲକ୍‌ର ମରମା ପଞ୍ଚାୟତର ୨୨ଟି ଗାଁ ମଧ୍ୟରୁ ୪ଟି ରାଜସ୍ୱ ଗ୍ରାମ ଓ ୧୮ଟି ଛୋଟ ଗାଁ ରହିଛି। ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ମିଳିନାହିଁ। ଡିଜିଟାଲ୍ ଯୁଗରେ ଏହି ଅଞ୍ଚଳର ଲୋକଙ୍କ ପାଇଁ ଅନଲାଇନ୍ ସେବା ଯେପରି ପରିହାସ ପାଲଟିଛି। ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀ, ଚାଷୀଙ୍କ ଡିବିଟି ଯୋଜନା, ସୁଭଦ୍ରା ଯୋଜନାରେ ମହିଳାଙ୍କ ଆବେଦନ ଅଥବା ସ୍ୱୟଂସହାୟକ ଗୋଷ୍ଠୀର ଅନଲାଇନ୍ କାମ ସବୁଠି ନେଟୱର୍କ ଅଭାବ ବଡ଼ ବାଧା ହୋଇଛି। ଅଞ୍ଚଳବାସୀଙ୍କ କହିବାନୁସାରେ, ଦୁଇ ବର୍ଷ ପୂର୍ବେ ବିଏସ୍‌ଏନ୍‌ଏଲ୍ ପକ୍ଷରୁ ୨ଟି ମୋବାଇଲ୍ ଟାୱାର୍ ନିର୍ମାଣ ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ ଓ କେବଳ ଖୁଣ୍ଟ ଭଳି ଠିଆ ହୋଇଛି। ଏନେଇ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ସଂସଦରେ ପ୍ରଶ୍ନ ଉଠାଇଥିଲେ। ସଂସଦରେ ଦିଆଯାଇଥିବା ଉତ୍ତର ଅନୁଯାୟୀ ରାୟଗଡ଼ା ଜିଲ୍ଲାରେ ୭୦୦ଟି ମୋବାଇଲ୍ ଟାୱାର୍‌କୁ ସ୍ୱୀକୃତି ମିଳିଥିଲେ ମଧ୍ୟ ମାତ୍ର ୫୪୦ଟି ତିଆରି ହୋଇଛି। ବାକି ଟାୱାର୍ ଗୁଡ଼ିକ ବିଭିନ୍ନ ଆଳ ଦେଖାଇ ଅଟକାଇ ରଖାଯାଇଥିବା ଉଲ୍ଲେଖ ରହିଛି। ତଥ୍ୟ ଅନୁଯାୟୀ ରାୟଗଡ଼ା ଜିଲ୍ଲାର ୧୪୯ଟି ଗାଁରେ ଏପର୍ଯ୍ୟନ୍ତ ମୋବାଇଲ୍ ନେଟୱର୍କ ନାହିଁ। ଫଳରେ ଏହି ଗ୍ରାମ ଗୁଡ଼ିକ କାର୍ଯ୍ୟକ୍ଷମ ୪ଜି ଡାଟା ସେବା ସହିତ ମୌଳିକ ଟେଲିଯୋଗାଯୋଗ ସୁବିଧାରୁ ବଞ୍ଚିତ ଅଛନ୍ତି। ସରକାରଙ୍କ ଦ୍ୱାରା ରେକର୍ଡରେ ରଖାଯାଇଥିବା ଆଧିକାରିକ ତଥ୍ୟ ଅନୁଯାୟୀ, କୋରାପୁଟ ଜିଲ୍ଲାର ସମୁଦାୟ ୨,୦୪୭ଟି ଗ୍ରାମ ମଧ୍ୟରୁ ୮୯ଟି ଗ୍ରାମ ଏପର୍ଯ୍ୟନ୍ତ ମୋବାଇଲ୍ ନେଟୱର୍କ ସଂଯୋଗରୁ ବଞ୍ଚିତ ରହିଛି। ସେହିପରି ରାୟଗଡ଼ା ଜିଲ୍ଲାର ୨,୬୭୧ଟି ଗ୍ରାମ ମଧ୍ୟରୁ ୧୪୯ଟି ଗ୍ରାମରେ ମଧ୍ୟ ମୋବାଇଲ୍ ସଂଯୋଗ ଉପଲବ୍ଧ ନାହିଁ। କୋରାପୁଟ ଜିଲ୍ଲାର ବନ୍ଧୁଗାଁ, ଦଶମନ୍ତପୁର, ଲମତାପୁଟ, ନାରାୟଣପାଟଣା, ପୋଟାଙ୍ଗୀ ଓ ନନ୍ଦପୁର ବ୍ଲକ୍ ପ୍ରମୁଖ ମୋବାଇଲ୍ ସେବାରୁ ବଞ୍ଚିତ ରହିଛି। ସେହିପରି ରାୟଗଡ଼ା ଜିଲ୍ଲାର ବିଷମକଟକ, କାଶୀପୁର, କଲ୍ୟାଣସିଂପୁର, ମୁନିଗୁଡ଼ା, ଗୁଣୁପୁର, ରାୟଗଡ଼ା ଓ ଚନ୍ଦ୍ରପୁର ବ୍ଲକ୍‌ରେ ମଧ୍ୟ ଏହି ସମସ୍ୟା ମାତ୍ରାଧିକ। ଡିବିଏନ୍ ଯୋଜନା ଅଧୀନରେ ଶହ ଶହ ମୋବାଇଲ୍ ଟାୱାର୍ ସ୍ଥାପନା ପାଇଁ ପରିକଳ୍ପନା କରାଯାଇଥିଲା। ତଥାପି ଗମନାଗମନର ଅଭାବ, ଜମି ଆବଣ୍ଟନରେ ବିଳମ୍ବ, ଜଙ୍ଗଲ ଓ ବନ୍ୟପ୍ରାଣୀ ସମ୍ପର୍କିତ ମଞ୍ଜୁରି ଓ ରାସ୍ତାର ଅଧିକାର ସମ୍ବନ୍ଧୀୟ ଅନୁମତି ବିଳମ୍ବିତ ହେବା ଯୋଗୁ ଏହି ଯୋଜନା ବିଳମ୍ବିତ ହୋଇ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ଯୋଗାଯୋଗକୁ ସୁଦୃଢ଼ କରିବା ପରିବର୍ତ୍ତେ ଅନେକ ଗ୍ରାମକୁ ଡିଜିଟାଲ୍ ସେବାରୁ ବଞ୍ଚିତ ରଖାଯାଇ ଆଦିବାସୀ ଅଧ୍ୟୁଷିତ ଓ ଦୂରଦୂରାନ୍ତ ଅଞ୍ଚଳ ଗୁଡ଼ିକ ପରବର୍ତ୍ତୀ ପିଢ଼ି ଡିଜିଟାଲ୍ ଭିତ୍ତିଭୂମିରୁ ସ୍ଥାୟୀ ଭାବେ ବାଦ୍ ପଡ଼ିବାର ଗମ୍ଭୀର ଆଶଙ୍କା ରହିଥିବା ଶ୍ରୀ ଉଲ୍ଲାକା ପ୍ରକାଶ କରିଛନ୍ତି। ଏହି ନେଟୱାର୍କ ଅଭାବ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ସେବା ଉପରେ ଗଭୀର ପ୍ରଭାବ ପକାଉଛି। ଇଟିଭି ଭାରତର ଟିମ ପହଞ୍ଚିଥିଲା ଏପରି ନେଟୱାର୍କର ଅପହଞ୍ଚ ଇଲାକାରେ। ବାମରା ବ୍ଲକର ରଙ୍ଗିଆଟିକରା ଅଞ୍ଚଳରେ ଆମେ ପହଞ୍ଚି ନେଟୱାର୍କ ସମସ୍ୟା ବିଷୟରେ ସ୍ଥାନୀୟ ଲୋକଙ୍କ ଠାରୁ ଶୁଣିଥିଲୁ।

# ସମ୍ପର୍କ ପରିବାର ପକ୍ଷରୁ ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି



**ବାରିପଦା,୧୪।୨/ଏନ୍‌ଏନ୍‌ଏସ୍:** ୨୦୧୯ ମସିହା ଫେବୃଆରୀ ୧୪ରେ ପୁଲୱାମାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪୦ ଜଣ ଯବାନ ଶହୀଦ ହୋଇଥିଲେ। ବୀର ଯବାନଙ୍କ ସ୍ମୃତିରେ ବାରିପଦା ସମ୍ପର୍କ ଛକରେ ସମ୍ପର୍କ ପରିବାର ପକ୍ଷରୁ ପୁଲବାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସମ୍ପର୍କ ପରିବାରର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସଙ୍କ ଆହ୍ୱାନକ୍ରମେ ସଭାପତି ସଞ୍ଜୀବ ରାଉତଙ୍କ ସଭାପତିତ୍ୱରେ ଏହି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସମ୍ପର୍କ ପରିବାରର ସଦସ୍ୟ ସାମ୍ବାଦିକ ଦୀପକ କୁମାର ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ସଦସ୍ୟ ଆର୍ଯ୍ୟଭଟ୍ଟ ମହାନ୍ତି, ଜୟ ବୋଷ, ହରେକୃଷ୍ଣ ଦାସ, ରାମକୃଷ୍ଣ ଦାସ, ଦିଲ୍ଲୀପ ପାତ୍ର, ସ୍ୱରୂପ କୁମାର ଦିୱେଦୀ, ସାଗର ପାତ୍ର ଓ ଶିବ ଶଙ୍କର ମାନ୍ନା ପ୍ରମୁଖଙ୍କ ସହିତ କୁନି କୁନି ପିଲା ଯୋଗଦେଇ ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୀରବ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଏକ ମହମବତୀ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା।

# ଏଫ୍‌ଏମ୍ ଜୁନିଅର୍ କଲେଜ ଛାତ୍ରୀ ସୌମ୍ୟାଙ୍କ ବିଶ୍ୱସ୍ତରୀୟ ସଫଳତା



**ବାଲେଶ୍ୱର,୧୪।୨/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଫକୀରମୋହନ ଜୁନିଅର୍ କଲେଜର +୨ ପ୍ରଥମ ବର୍ଷ କଳା ବିଭାଗ ଛାତ୍ରୀ ସୌମ୍ୟା ମହାନ୍ତି ପ୍ରତିଯୋଗିତାମୂଳକ ବାଗ୍ମିତା ଏବଂ ବିତର୍କ କ୍ଷେତ୍ରରେ ଅନ୍ତର୍ଜାତୀୟ ମାନ୍ୟତା ହାସଲ କରିଛନ୍ତି। ସୌମ୍ୟା ନିକଟରେ ପ୍ରତିଷ୍ଠିତ ହାଭାର୍ଡ ଡିବେଟ୍ ଅନ୍ତର୍ଜାତୀୟ କ୍ୱାଲିଫାୟର୍ ୟୁକେଟିଓସି ଆଇଏସ୍‌ଡିଆଇ ଅନ୍‌ଲାଇନ୍ ଟୁର୍ଣ୍ଣାମେଣ୍ଟରେ ଜଣେ ବିଚାରକ ଭାବେ କାର୍ଯ୍ୟ କରିଛନ୍ତି। ଚଳିତ ଜାନୁଆରୀ ୨୩ ଓ ୨୪ ତାରିଖରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟ କେଣ୍ଟକି ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଜେଡବ୍ଲ୍ୟୁ ପ୍ୟାଟରସନ୍ ଟୁର୍ଣ୍ଣାମେଣ୍ଟ ଅଫ୍ ଚାମ୍ପିଅନସ୍ ପାଇଁ ଏକ ପ୍ରମୁଖ ଯୋଗ୍ୟତା ପର୍ଯ୍ୟାୟ କାର୍ଯ୍ୟକ୍ରମ। ହାର୍ଭାର୍ଡ ଡିବେଟ୍ କାଉନସିଲ୍ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଶ୍ୱର ସର୍ବୋତ୍ତମ ବିତର୍କକ ଏବଂ ବକ୍ତାମାନେ ଅଂଶଗ୍ରହଣ କରିଥାନ୍ତି। ବାଲେଶ୍ୱରକୁ ଏକ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ପ୍ରତିନିଧିତ୍ୱ କରି ସୌମ୍ୟା ଏହି ପ୍ରତିଯୋଗିତାର ପ୍ରାଥମିକ ଏବଂ କ୍ୱାର୍ଟର ଫାଇନାଲ୍ ରାଉଣ୍ଡ ଗୁଡ଼ିକରେ ବିଚାରକ ଦାୟିତ୍ୱ ତୁଲାଇଛନ୍ତି। ଏହି ଭୂମିକା ପାଇଁ ଉଚ୍ଚକୋଟୀର ସମାଲୋଚନାତ୍ମକ ଚିନ୍ତାଧାରା, ବିତର୍କର କୌଶଳ ଓ ଅନ୍ତର୍ଜାତୀୟ ନୀତି ଓ ସାମାଜିକ ପ୍ରସଙ୍ଗ ଉପରେ ଜଟିଳ ଯୁକ୍ତିକୁ ବିଶ୍ଳେଷଣ କରିବାର ଦକ୍ଷତା ଆବଶ୍ୟକ। ହାର୍ଭାର୍ଡ ଡିବେଟ୍ ଆନ୍ତର୍ଜାତୀୟ କ୍ୱାଲିଫାୟର୍ ଅନଲାଇନ୍ ଟୁର୍ଣ୍ଣାମେଣ୍ଟରେ ବିଚାରକ ଭାବେ ସେମାନଙ୍କ ଭୂମିକା ପାଇଁ ସୌମ୍ୟା ମହାନ୍ତିଙ୍କୁ ଏହି ସମ୍ମାନଜନକ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ସାରା ବିଶ୍ୱର ଛାତ୍ରଛାତ୍ରୀଙ୍କ ପାଇଁ 'ଟୁର୍ଣ୍ଣାମେଣ୍ଟ ଅଫ୍ ଚାମ୍ପିଅନ୍ସ'ରେ ପହଞ୍ଚିବା ପାଇଁ ଏକ ପ୍ରବେଶ ପଥ ଯାହାକୁ ହାଇସ୍କୁଲ୍ ବିତର୍କର ଶୀର୍ଷସ୍ତର ବୋଲି ବିବେଚନା କରାଯାଏ। ଏହି ସଫଳତା ଏଫ୍‌ଏମ୍ ଜୁନିଅର୍ କଲେଜର ଶିକ୍ଷାଦାନର ମାନକୁ ଦର୍ଶାଉଛି ଏବଂ ଅନ୍ତର୍ଜାତୀୟ ଶିକ୍ଷା ମଞ୍ଚରେ ସଫଳତା ପାଇଁ ଲକ୍ଷ୍ୟ ରଖିଥିବା ଓଡ଼ିଶାର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରେରଣା। ଅଧ୍ୟକ୍ଷା ଡ. ସୋନାଲିସା ମହାନ୍ତି, ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ, କଲେଜର ଅନ୍ୟାନ୍ୟ ଶିକ୍ଷାବିତ୍, କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ସୌମ୍ୟାଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ତାଙ୍କୁ ବିଶ୍ୱସ୍ତରୀୟ ଶ୍ରେଷ୍ଠତା ଆଡ଼କୁ ଆଗେଇ ଯିବାକୁ ଉତ୍ସାହିତ କରିଛନ୍ତି।

# ଦୀପରୁ ପୋଡ଼ିହୋଇ ମହିଳା ଗୁରୁତର

**ସୋର,୧୪।୨/ଏନ୍‌ଏନ୍‌ଏସ୍:** ଖଇରା ଥାନା ଗଣ୍ଡିବେଡ଼ ଗ୍ରାମରେ ଶିବରାତ୍ରୀରେ ପୂଜା କରୁଥିବାବେଳେ ଦୀପ ନିଆଁରୁ ପୋଡ଼ିହୋଇ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଗଣ୍ଡିବେଡ଼ ବେହେରା ସାହି ଗ୍ରାମର ଭଗବାନ ବେହେରାଙ୍କ ସ୍ତ୍ରୀ ରଞ୍ଜୁସ୍ମିତା ବେହେରା (୨୮) ପୂଜା କରିବା ପାଇଁ ଗଣ୍ଡିବେଡ଼ସ୍ଥିତ ବାବା ଲଙ୍କେଶ୍ୱର ମନ୍ଦିରକୁ ଯାଇଥିଲେ। ସେଠାରେ ଦୀପ ଲଗାଉଥିବାବେଳେ ଅସାବଧାନତାବଶତଃ ସେ ପିନ୍ଧିଥିବା ଶାଢ଼ୀରେ ଦୀପରୁ ଅଗ୍ନି ସଂଯୋଗ ହୋଇଯିବା ଫଳରେ ପୋଡ଼ିହୋଇ ଗୁରୁତର ଆହତ ହୋଇଥିଲେ। ଫଳରେ ସେଠାରେ ଉପସ୍ଥିତ ଥିବା ଅନ୍ୟ ଶ୍ରଦ୍ଧାଳୁ ଏବଂ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି।

# ବାବା ଆଖଣ୍ଡଳମଣିଙ୍କ ଜାଗର ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

## ନିର୍ଦ୍ଧାରିତ ସମୟରେ ସୁନାବେଶ ଓ ମନ୍ଦିର ଚୂଡ଼ାରେ ମହାଦୀପ ସ୍ଥାପନ

**ଭଦ୍ରକ,ଧାମନଗର,୧୪।୨/ଏନ୍‌ଏନ୍‌ଏସ୍:** ରାଜ୍ୟ ତଥା ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ଜାଗର ଉତ୍ସବରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏଥିପାଇଁ ଆରଡ଼ି ପୀଠ ଉତ୍ସବମୁଖର ହୋଇଉଠିଥିଲା। ଜାଗର ଯାତ୍ରା ନିମନ୍ତେ ସ୍ୱତନ୍ତ୍ର ନୀତିକାନ୍ତି ହୋଇ ମହାଦୀପ ମନ୍ଦିର ଚୂଡ଼ାରେ ସ୍ଥାପନ ଆଦି କାର୍ଯ୍ୟକ୍ରମ ସଠିକ୍ ସମୟରେ ଅନୁଷ୍ଠିତ ହୋଇଥିଲା। ରବିବାର ପ୍ରାତଃ ୪ଟାରେ ମନ୍ଦିର ପାହାଡ଼ ଖୋଲାଯାଇ ମଙ୍ଗଳ ଆଳତି ପରେ କନିକା ରାଜାଙ୍କ ପକ୍ଷରୁ ପହିଲି ଘର୍ଷଣ ଭୋଗ, ପାଳିଆ ସେବାୟତଙ୍କ ଦ୍ୱାରା ଖେଚୁଡ଼ି ଭୋଗ ଅନୁଷ୍ଠିତ ହୋଇ ପ୍ରଥମରୁ ଚତୁର୍ଥ ପ୍ରହର ଉପଚାର ପୂଜା, ଅଭିଷେକ ଓ ମହାସ୍ନାନ ଅନୁଷ୍ଠିତ ହୋଇଛି। ପରେ ମଧ୍ୟରାତ୍ରରେ ବାବାମଣୀଙ୍କ ସୁନା ବେଶ ଓ ମହାଦୀପ ପୂଜା ଅନୁଷ୍ଠିତ ହୋଇ ଭୋର୍‌ରେ ସଙ୍କୀର୍ତ୍ତନ ଏବଂ ବିଭିନ୍ନ ସାଂସ୍କୃତିକ ବାଦ୍ୟଯନ୍ତ୍ର ସହିତ ବେଢ଼ା ପରିକ୍ରମା କରି ମନ୍ଦିର ଚୂଡ଼ାରେ ମହାଦୀପ ସ୍ଥାପିତ ହୋଇଥିଲା। ଜିଲ୍ଲା ଜାଗର ମହୋତ୍ସବ ସମନ୍ୱୟ କମିଟି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ଓ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ତଥା ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ। ଆଇନ ଶୃଙ୍ଖଳା ପାଇଁ ଭଦ୍ରକ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଉତ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦିବେଦୀଙ୍କ ସହିତ ୩ ଜଣ ଅତିରିକ୍ତ ଏସ୍‌ପି, ୯ ଜଣ ମାଜିଷ୍ଟ୍ରେଟ୍, ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ଦଳାଇଙ୍କ ସମେତ ୩ ଜଣ ଡିଏସ୍‌ପି, ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ଓ ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ରହି ପରିସ୍ଥିତି ତଦାରଖ କରିଛନ୍ତି । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବାବାମଣିଙ୍କ ଦର୍ଶନ କରିଥିଲେ। ସେହିପରି ରାଜ୍ୟ ବିଜେପି ସଭାପତି ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜିବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଯୁଗଳ ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ ଓ ଆରଡ଼ି ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ପ୍ରିନ୍ସ ରାକେଶ ନାୟକଙ୍କ ସମେତ ବହୁ ନେତା ମଣିବାବାଙ୍କ ଦର୍ଶନ କରିଥିଲେ।



ସବୁ ବର୍ଷ ପରି ଚଳତ ବର୍ଷ ଭଦ୍ରକ ସତ୍ୟସାଇ ସେବା ସଂଗଠନ, ବାବାମଣି ଡିଗ୍ରୀ ମହାବିଦ୍ୟାଳୟ, ଆଖଣ୍ଡଳମଣି ଉଚ୍ଚବିଦ୍ୟାଳୟ, ଆଇଜିଏମ୍ ଉଚ୍ଚବିଦ୍ୟାଳୟ, ଧୂଷୁରି ମୁରଲୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଭକ୍ତଙ୍କୁ ସେବା ଯୋଗାଇ ଦିଆଯାଇଥିଲା। ଆରଡ଼ିଠାରୁ ଲଞ୍ଚଘାଟ ଓ ବସ୍‌ଷ୍ଟାଣ୍ଡ ଯାଏ ଆଲୋକ ବ୍ୟବସ୍ଥା କରାଯାଇ ପୁଲିସ୍ ପେଟ୍ରୋଲିଂ ହୋଇଥିବାରୁ ଭକ୍ତମାନେ ସୁରୁଖୁରୁରେ ଯିବାଆସିବା କରିଥିଲେ। ଶାନ୍ତିଶୃଙ୍ଖଳା ସହିତ ବାବା ଆଖଣ୍ଡଳମଣିଙ୍କ ଜାଗର ଯାତ୍ରା ଅନୁଷ୍ଠିତ ହୋଇଥିବାରୁ ଜିଲ୍ଲାପାଳ ଶ୍ରୀ ରାଉରାୟ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଉତ ଓ ଉପଜିଲ୍ଲାପାଳ ସେବାୟତ, ମନ୍ଦିର କର୍ମଚାରୀ, ପୁଲିସ୍ ଅଧିକାରୀ, ସାମ୍ବାଦିକ, ସ୍ଥାନୀୟ ଲୋକଙ୍କ ସହିତ ସମସ୍ତ ଭକ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେହିପରି ମହାଶିବରାତ୍ରି ଅବସରରେ ଧାମନଗର ବ୍ଲକ୍‌ର କରଦାସ୍ଥିତ କିଲାଟେଶ୍ୱର, ପାଳସାହିସ୍ଥିତ ଲିଙ୍ଗେଶ୍ୱର, ଧୂଷୁରୀ ପାଣିସାହିସ୍ଥିତ ଗଙ୍ଗେଶ୍ୱର, ଧୂଷୁରୀ ବଜାରସ୍ଥିତ ମହାଦେବ ମନ୍ଦିର, ଆମ୍ବିଳିଗାଁସ୍ଥିତ ଆମ୍ବିଳେଶ୍ୱର, ପାଧାନିସ୍ଥିତ ମୁକ୍ତେଶ୍ୱର ଓ ଆନନ୍ଦପୁରସ୍ଥିତ ଜଗତେଶ୍ୱର ପ୍ରମୁଖ ସ୍ଥାନରେ ଭକ୍ତଙ୍କ ଭିଡ଼ ଲାଗିରହିଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ବାବା ଆଖଣ୍ଡଳମଣିଙ୍କ ମୁଖ୍ୟରାସ୍ତା ଭଦ୍ରକ-ଆଖଣ୍ଡଳମଣି ରାସ୍ତାର ଗଡ଼ଗଡ଼ଠାରୁ ଓଲଗ ଛକ ଯାଏ ପ୍ରାୟ ୫ କିମି ରାସ୍ତା ଅତି ଦୟନୀୟ ହୋଇଥିବାରୁ ଭକ୍ତଙ୍କ ଯିବାଆସିବାରେ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଥିଲା।

# ପାତାଳେଶ୍ୱର ପୀଠରେ ମହାଶିବରାତ୍ରି



**ବାରିପଦା,୧୪।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ତକତପୁରସ୍ଥିତ ବାବା ପାତାଳେଶ୍ୱର ମନ୍ଦିରରେ ୩୯ତମ ମହାଶିବରାତ୍ରି ପାଳିତ ହୋଇଯାଇଛି। ଏହି ଅବସରରେ ନିକଟସ୍ଥ ଜଳାଶୟରେ ପୂଜାବିଦ୍ଧି ପରେ ୨୫ ଜଣ ମାଆ-ଭଉଣୀ କଳସ ଯାତ୍ରାରେ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏଥିରେ ମନ୍ଦିର ପରିଚାଳନା କମିଟିର ସଭାପତି ସୋମନାଥ ସିଂହ, ଉପସଭାପତି ଡଃ ନିରୋଜ କୁମାର ପୋଥାଳ ଓ ସୁଜିତ କୁମାର ସାହୁ, କାର୍ଯ୍ୟାଳୟ ସମ୍ପାଦକ ଗଦାଧର ଭଦ୍ର, କୋଷାଧ୍ୟକ୍ଷ ସୁମିତା ପ୍ରସାଦ, ସହ କୋଷାଧ୍ୟକ୍ଷ ଅମ୍ବିକା ମହାନ୍ତ, ମହିଳା ସମ୍ପାଦକ ଛବିରାଣୀ ଧଳ, ସଦସ୍ୟ ଡଃ ଅସୀମ ଚକ୍ରବର୍ତ୍ତୀ, ଚିତ୍ତରଞ୍ଜନ ସ୍ୱାଇଁ ଓ ହିମାଂଶୁ ପ୍ରହରାଜଙ୍କ ସମେତ ବାରିପଦା ମହାବିଦ୍ୟାଳୟର ରେଡକ୍ରସ୍ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ମନ୍ଦିର ପରିସରରେ ଜିଲ୍ଲା ତଥା ରାଜ୍ୟ ବାହାରୁ ଶତାଧିକ ମହିଳା ଭକ୍ତ ପରିବାର ପାଇଁ ଶୁଭ ମନାସି ଜାଗର ଦୀପ ଜାଳିଛନ୍ତି ବୋଲି ପୂଜକ ଶ୍ରୀନିବାସ ପ୍ରସାଦ ଜଣାଇଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଗଣିତ ଦୌଡ଼, ଝୋଟି, ମ୍ୟୁଜିକ୍ ଚେୟାର୍, ନୃତ୍ୟ ଓ ମା ମାଉସୀଙ୍କ ଶଙ୍ଖଫୁଙ୍କା ଆଦି ପ୍ରତିଯୋଗିତା କରାଯାଇ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ବଳରାମ ନାଥ ଜଣାଇଛନ୍ତି।

# ମାଣତ୍ରୀ କଖାରୁଆ ବୈଦ୍ୟନାଥ ଶୈବପୀଠରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ



**ବୈଶିଙ୍ଗା,୧୪।୨/ଏନ୍‌ଏନ୍‌ଏସ୍:** ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ତଥା ପୁରାତନ ଶୈବପୀଠ ମାଣତ୍ରୀର ଆରାଧ୍ୟ ଦେବତା ବାବା ଶ୍ରୀ କଖାରୁଆ ବୈଦ୍ୟନାଥଙ୍କ ମନ୍ଦିରରେ ମହାଶିବରାତ୍ରୀ ପାଳିତ ହୋଇଯାଇଛି। ଚଳିତ ବର୍ଷ ୪ ଲକ୍ଷରୁ ଉର୍ଦ୍ଧ୍ୱ ବ୍ରତୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥିବାବେଳେ ଶୃଙ୍ଖଳିତ ଭାବେ ଦିଅଁ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ପରିଚ୍ଛା ପ୍ରଦୀପ ପଣ୍ଡାଙ୍କ ସୂଚନାନୁଯାୟୀ ଶନିବାର ଭୋର ୪ଟାରେ ଦିଅଁଙ୍କ ପହଡ଼ ଭଙ୍ଗା ହୋଇଥିବାବେଳେ ୪ଟା ୩୦ ମିନିଟ୍‌ରେ ପାଲିଙ୍କି ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଶ୍ରଦ୍ଧାଳୁଗଣ ନିଜ ନିଜ ଘର ସମ୍ମୁଖରେ ଧୂପ, ଦ୍ୱୀପ, ଶଙ୍ଖ ଓ ହୁଳହୁଳି ସହିତ ସ୍ୱାଗତ ଜଣାଇଥିଲେ। ପରେ ବାଲ୍ୟ ଭୋଗଲାଗି ଓ ସାଧାରଣ ଦର୍ଶନ, ସାଧାରଣ ପୂଜାଲାଗି ୫ଟାରୁ ଆରମ୍ଭ ହୋଇଥିଲା। ଅପରାହ୍ଣ ୨ଟାରେ ପର୍ବାଣୀର ବିଶେଷ ଭୋଗଲାଗି ସାଙ୍ଗକୁ ସନ୍ଧ୍ୟାରେ ଆଳତୀ ଓ ରାତି ୧୦.୩୦ଟାରେ ସାଧାରଣ ଦର୍ଶନ ବନ୍ଦ ହୋଇଥିଲା। ପରେ ସରକାରୀ ଖଟଣୀ ଓ ବିଶେଷ ପୂଜା ଆରମ୍ଭ ହୋଇ ରାତି ୧୨ଟାରୁ ୨ଟା ପର୍ଯ୍ୟନ୍ତ ସହସ୍ର କୁମ୍ଭାଭିଷେକ, ୨ଟାରେ ଶତଫଳ ଅର୍ପଣ, ୩ଟାରେ ଶୃଙ୍ଗାରବେଶ ସଜାଣୀ, ପାଲିଙ୍କି ଶୋଭାଯାତ୍ରା, ୩ଟାରୁ ୪ଟାରେ ନଗର କୀର୍ତ୍ତନ ସାଙ୍ଗକୁ ଭୋର ୪ଟା ୧୫ରେ ମହାଦୀପ ଉଠିବ। ସୋମବାର ଭୋର୍ ୫ଟାରୁ ପୂର୍ବାହ୍ଣ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ମହାଦେବଙ୍କ ସୁନାବେଶ ଦର୍ଶନ ଜାରି ରହିବ। ବ୍ରତୀମାନେ ନିଶୁଳ୍କ ଦୀପ ଜାଳିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଧର୍ମ ଜାଗରଣ ସମିତି ପକ୍ଷରୁ ୨୪ ଘଣ୍ଟା ନିରବଚ୍ଛିନ୍ନ 'ଓଁ ନମଃ ଶିବାୟ' ଜପ ୨୭ ବର୍ଷ ଧରି ଆୟୋଜିତ ହୋଇଛି। ସଂଧ୍ୟାରେ ବାରିପଦା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ା ଉପସ୍ଥିତ ରହି ନୀଜେ ଭଜନ ପରିବେଷଣ କରିଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ବଡ଼ସାହି ବିଧାୟକ ସନାତନ ବିଜୁଳି ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ସଦଳବଳେ ମନ୍ଦିର ପ୍ରାଙ୍ଗଣରେ ୨୪ ଘଣ୍ଟିଆ ଜଳସେବା ଜାରି ରଖିଥିଲେ। ପୁଲିସ୍ ପକ୍ଷରୁ ଶାନ୍ତିଶୃଙ୍ଖଳା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଚଳିତ ମେଳାରେ ସ୍ଥାନ ଆବଣ୍ଟନର ସୁବ୍ୟବସ୍ଥା ପାଇଁ ରେକର୍ଡସଂଖ୍ୟକ ସର୍ବାଧିକ ୯୬୧ଟି ଦୋକାନୀ ସେମାନଙ୍କ ପସରା ମେଲାଇଛନ୍ତି ବୋଲି ମେଳା ପଟ୍ଟାଦାରା ସଞ୍ଜୟ ପଣ୍ଡା ସୂଚନା ଦେଇଛନ୍ତି।

# ହାତୀ ଆକ୍ରମଣରେ ଜଣେ ମୃତ

**ଯୋଡ଼ା,୧୪।୨/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ କାଳୀମାଟି ସେକ୍ସନ୍ ନୟାଗଡ଼ ପଞ୍ଚାୟତ ସରଦାପଙ୍କ ଗ୍ରାମରେ ଏକ ଦନ୍ତା ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ନୟାଗଡ଼ର ସରଦାପଙ୍କ ଗ୍ରାମର ସନ୍ତୋଷ ମାଝୀ (୩୫)। ସନ୍ତୋଷ ଶନିବାର ସନ୍ଧ୍ୟାରେ ଶୌଚ ହେବାକୁ ନୟାଗଡ଼ ପଞ୍ଚାୟତ ନେକେଡ଼ାପାଲି ହାଟ ପଡ଼ିଆ ପଟେ ଯାଇଥିବାବେଳେ ହାତୀର ସାମ୍ନା ହୋଇଥିଲା। ତେବେ ସେଠାରୁ ପ୍ରାଣ ବଞ୍ଚେଇବା ଭୟରେ ଦୌଡ଼ିବାକୁ ଉଦ୍ୟମ କରୁଥିବାବେଳେ ହାତୀ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ବନ ବିଭାଗ ଏବଂ ବାଡ଼ୋରୀ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଠାବ କରି ଶବ ବ୍ୟବଚ୍ଛେଦ ପାଇଁ ପଠେଇଥିବା ଜଣାପଡ଼ିଛି।

# 'ନୀହାରକନ୍ୟା ପ୍ରତିଭା ସମ୍ମାନ' ଘୋଷିତ



**ସୋର,୧୪।୨/ଏନ୍‌ଏନ୍‌ଏସ୍:** ଚଳିତ ବର୍ଷ ନୀହାରକନ୍ୟା ସାହିତ୍ୟ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ ହେବାକୁ ଯାଉଥିବା ପ୍ରତିଭାଙ୍କ ନାମ ଘୋଷିତ ହୋଇଛି। ଆଗାମୀ ମାର୍ଚ୍ଚ ୧ ତାରିଖରେ ସଂସଦର ୨୯ତମ ବାର୍ଷିକ ଉତ୍ସବରେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯିବ। ଚଳିତ ବର୍ଷ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ଲକ୍ଷ୍ମୀକାନ୍ତ ତ୍ରିପାଠୀ 'ନୀହାରକନ୍ୟା ସାରସ୍ୱତ ସମ୍ମାନ'ରେ ସମ୍ମାନିତ ହେବେ। ସେହିପରି ବିଶିଷ୍ଟ କବି ବିଜୟ ମହାପାତ୍ରଙ୍କୁ ନୀହାରକନ୍ୟା କବିତା ସମ୍ମାନ, ଗାଳ୍ପିକ ଆଦିତେଶ୍ୱର ମିଶ୍ରଙ୍କୁ ଗଳ୍ପ ସମ୍ମାନ, ବିଶିଷ୍ଟ ଶିଶୁ ସାହିତ୍ୟିକ ଦେବେନ୍ଦ୍ର ଚୌଧୁରୀଙ୍କୁ ନୀହାରକନ୍ୟା ଶିଶୁ ସାହିତ୍ୟ ସମ୍ମାନ, ପଞ୍ଚବଟୀ ସମ୍ପାଦକ କବି ସୁଶାନ୍ତ କୁମାର ନାୟକଙ୍କୁ ବିତନୁ ନାୟକ ସାରସ୍ୱତ ସମ୍ମାନ, କବି ଉମାକାନ୍ତ ରାଉତଙ୍କୁ ରମାମଣି ପାତ୍ର କବିତା ସମ୍ମାନ, ବିଶିଷ୍ଟ ନାଟ୍ୟକାର ଡ.ରମେଶ ଚନ୍ଦ୍ର ମିଶ୍ରଙ୍କୁ ନୀହାରକନ୍ୟା ନାଟ୍ୟ ସମ୍ମାନ, କବୟିତ୍ରୀ ରିତାଞ୍ଜଳି ମହାରଣାଙ୍କୁ ଗଦାଧର ପତି ସ୍ମୃତି ସମ୍ମାନ, କବି ବିପ୍ଳବ ରଞ୍ଜନ ପତିଙ୍କୁ ଦିବ୍ୟସିଂହ ଦାସଅଧିକାରୀ କବିତା ସମ୍ମାନ, କବୟିତ୍ରୀ ପ୍ରତିଭା ଖିଲାରଙ୍କୁ ବିଦ୍ୟୁତ୍‌ପ୍ରଭା ପାଣି ସ୍ମୃତି ସମ୍ମାନ, ଗାଳ୍ପିକ ସଞ୍ଜୟ ପଣ୍ଡାଙ୍କୁ ରଜନୀ ମିଶ୍ର ସ୍ମୃତି ସମ୍ମାନ, ଗାଳ୍ପିକା ସ୍ନେହଲତା ଦାସଲେଙ୍କାଙ୍କୁ କଳ୍ପନା ପତି ସ୍ମୃତି ସମ୍ମାନ, କବୟିତ୍ରୀ ରଞ୍ଜିତା ପଣ୍ଡାଙ୍କୁ ନୀହାରକନ୍ୟା ସମ୍ମାନ ଓ କବି ବଳବନ୍ତ ସାହୁଙ୍କୁ ନୀହାରକନ୍ୟା ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ସଂସଦର ଅନୁଷ୍ଠିତ ଚୟନ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସମ୍ପର୍କରେ ସମ୍ପାଦକ ସୁରଞ୍ଜନ ପାତ୍ର ସୂଚନା ଦେଇଛନ୍ତି।

## ଅନନ୍ତପୁର-କୁପାରୀ ରାସ୍ତାକାମରେ ଅନିୟମିତତା

# କାମ ବନ୍ଦ କଲେ ଗ୍ରାମବାସୀ, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

**ସୋର,୧୪।୨/ଏନ୍‌ଏନ୍‌ଏସ୍:** ପୁଣି ବିବାଦରେ ଅନନ୍ତପୁର-କୁପାରୀ ରାସ୍ତାକାମ। ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଗ୍ରାମବାସୀ କାମ ବନ୍ଦ କରିଛନ୍ତି। ସୋର-କୁପାରୀ ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଏବେ ଏହି ରାସ୍ତା କାମ ଚାଲିଛି। ୪୦ କିମି ବିଶିଷ୍ଟ ଏହି ରାସ୍ତା କାମ ବାବଦକୁ ପ୍ରଥମେ ୧୪ କୋଟି ୧୫ ଲକ୍ଷ ଟଙ୍କାର ଚୁକ୍ତି ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଏଥିରେ ଅଧିକ ୫ କୋଟି ଟଙ୍କା ଯୋଡ଼ିବାକୁ ପ୍ରସ୍ତାବ ଦିଆଯାଇଛି। ଉକ୍ତ କାମରେ ସୋର ପୂର୍ତ୍ତ ବିଭାଗ ଅଧୀନରେ ୨୨ କିମି ରାସ୍ତା ହେଉଥିବାବେଳେ ଗଣ୍ଡିବେଡ଼ ଅଧୀନରେ ୧୦ ଓ ଆଗରପଡ଼ା ଅଧୀନରେ ୮ କିମି ରାସ୍ତାକାମ କରାଯାଉଛି। ଅନନ୍ତପୁରରୁ ରାସ୍ତାକାମଟି ପ୍ରଥମେ ଆରମ୍ଭ ହେବାକୁ ଥିବାବେଳେ ପ୍ରଥମେ କୁପାରୀରୁ କାମ ହେଉଛି। ମାତ୍ର କାମ କରାଯାଉଥିବା ସ୍ଥାନରେ କୌଣସି ବିଭାଗୀୟ ଅଧିକାରୀ ନ ରହିବା ଓ କୌଣସି ସୂଚନାଫଳକ ଲାଗିନଥିବାରୁ ଗତ ଜାନୁଆରୀ ୨୪ ତାରିଖରେ ତୁଡ଼ିଗଡ଼ିଆ ବରପଦା ନିକଟରେ ସ୍ଥାନୀୟ ଲୋକେ କାମ ନିମ୍ନମାନରେ ହେଉଥିବା ଅଭିଯୋଗ କରିଥିଲେ। ସୂଚନାଫଳକ ନରହିବା ଓ ଅଧିକାରୀଙ୍କ ବିନା ଉପସ୍ଥିତିରେ କାମ ହେବାସହ ରାସ୍ତାରେ ପଡୁଥିବା ପିଚୁ ୩ ଇଞ୍ଚ ବଦଳରେ ୨ ଇଞ୍ଚରେ ପଡୁଥିବା ଜାଣିପାରି କାମକୁ ବନ୍ଦ କରିଥିଲେ। ପରେ ନିମ୍ନମାନର କାମ କାରଣରୁ ପିତାକାଳିଆ ନିକଟରେ ଗତ କିଛି ଦିନ ତଳେ କାମକୁ ବନ୍ଦ କରାଯାଇଥିଲା। ତେବେ ରବିବାର ସୋର ବ୍ଲକ୍ ଅଇଁରୀ ଛକ ନିକଟରେ ଛୁଟି ଦିନରେ କାମ କରାଯାଉଥିବାବେଳେ ପାଖର ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରିଲୋଚନ ପାଣିଗ୍ରାହୀଙ୍କ ସମେତ ଆନେକ ଗ୍ରାମବାସୀ କାମ ନିମ୍ନମାନର ହେବାସହ ସୂଚନାଫଳକ ନରହିବା ଓ ଅଧିକାରଙ୍କ ବିନା ଉପସ୍ଥିତିରେ ପିଚୁ କାମକୁ ବିରୋଧ କରିଥିଲେ। ବିଶେଷ କରି ରାସ୍ତାରେ ଘାସ ଥିବାବେଳେ କଣ୍ଟ୍ରାକ୍ଟର୍ ଘାସ ଉପରେ ପ୍ରାଇମର୍ ପକେଇ ପିଚୁ ପକାଉଥିବାବେଳେ ବିଭାଗୀୟ ଅଧିକାରୀମାନେ ସେଠାରେ ଉପସ୍ଥିତ ନଥିଲେ। ଆଶ୍ଚର୍ଯ୍ୟର ବିଷୟ ଏହି ରାସ୍ତା କାମ ଚାଲୁ ରହିଥିବାବେଳେ ବିଭାଗ ପକ୍ଷରୁ ସୋର ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଦାୟିତ୍ୱ ନ ଦିଆଯିବା ରାସ୍ତା କାମରେ ହେଉଥିବା ଅନିୟମିତତା ସ୍ପଷ୍ଟ ବାରି ହୋଇପଡୁଛି। ଫଳରେ ରାସ୍ତାକାମ ବନ୍ଦ କରିବାରୁ ପିଚୁ ଗାଡ଼ି ଗୁଡ଼ିକ ଫେରିଯାଇଥିଲା। ଏହି ରାସ୍ତାକାମରେ ହେଉଥିବା ବ୍ୟାପକ ଅନିୟମିତତାକୁ ନେଇ ଅନନ୍ତପୁର ଓ ପାଖର ପଞ୍ଚାୟତର ଅଧିବାସୀମାନେ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।



# ମାଗଣା ସ୍ୱାସ୍ଥ୍ୟସେବା ଶିବିର

**ତେଲକୋଇ,୧୪।୨/ଏନ୍‌ଏନ୍‌ଏସ୍:** ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ କେନ୍ଦୁପତ୍ର ସଂସ୍ଥା ତଥା ଏସ୍‌ବିଆଇ ଫାଉଣ୍ଡେସନ୍ ଏବଂ କିଓ୍ୱର ବେଞ୍ଚର ମିଳିତ ପ୍ରୟାସରେ ଏକ ମେଗା ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଆକୁଳ କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ଡିଲେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡର ଏସିଏଫ୍ ସ୍ୱାଗତିକା ସାହୁ ଓ ସମ୍ମାନିତ ଅତିଥିଭାବେ ରାଇସୁଆଁ ସରପଞ୍ଚ ବାଗୁନ ଚମ୍ପିଆ, ସମିତିସଭ୍ୟ ଅଶୋକ କୁମାର ନାଏକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍‌ର ଡାକ୍ତର ଦେବବ୍ରତ ଉପାଧ୍ୟାୟ ଓ ଡ଼ାକ୍ତର ମନମୋହନ ବେହେରା ରାଣୀବେଢ଼ା, ନୂଆସାହି, ଝଟକିପଶି, କୁଲଙ୍ଗ, ରାଇସୁଆଁ ଓ କୁଡ଼ବିଲ ଆଦି ଗ୍ରାମର ୨୩୦ଜଣ ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ।

# ସୁପର୍-୮ରେ ୱେଷ୍ଟଇଣ୍ଡିଜ୍

## ନେପାଳକୁ ୯ ୱିକେଟ୍‌ରେ ହରାଇଲା



**ମୁମ୍ବାଇ,୧୫।୨/ଏଜେନ୍ସି:** ପୂର୍ବତନ ଚାମ୍ପିଅନ୍ ୱେଷ୍ଟଇଣ୍ଡିଜ୍ ପ୍ରଥମ ଟିମ୍ ଭାବେ ଚଳିତ ଟି-୨୦ ବିଶ୍ୱକପ୍‌ର ସୁପର୍-୮ରେ ପ୍ରବେଶ କରିଛି। ରବିବାର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ସି'ର ମ୍ୟାଚ୍‌ରେ କ୍ୟାରିବିୟାନ୍ ଟିମ୍ ୯ ୱିକେଟ୍ ନେପାଳକୁ ଶୋଚନୀୟ ଭାବେ ହରାଇ ଦେଇଛି। ୱେଷ୍ଟଇଣ୍ଡିଜ୍ ଆଗରେ ନେପାଳ ୧୩୪ ରନ୍‌ର ଲକ୍ଷ୍ୟ ରଖିଥିବା ବେଳେ ଟିମ୍ ୧୫.୨ ଓଭର୍‌ରେ ଗୋଟିଏ ୱିକେଟ୍ ହରାଇ ଏହା ହାସଲ କରିନେଇଛି। ଏହି ପରାଜୟ ସହ ନେପାଳ ସୁପର୍-୮ ଦୌଡ଼ରୁ ବାହାର ହୋଇଯାଇଛି।

ଲକ୍ଷ୍ୟର ପିଛା କରୁଥିବା ୱେଷ୍ଟଇଣ୍ଡିଜ୍ ପକ୍ଷରୁ କ୍ୟାପ୍ଟେନ୍ ଶାଇ ହୋପ୍ ଓ ଶିମରନ୍ ହେଟ୍‌ମାୟର୍ ଜବରଦସ୍ତ ବ୍ୟାଟିଂ କରି ଦ୍ୱିତୀୟ ୱିକେଟ୍ ପାଇଁ ୯୧ ରନ୍ ଯୋଡ଼ିଥିଲେ। ହୋପ୍ ୪୪ ବଲ୍‌ରେ ୫ ଚୌକା ଓ ୩ ଛକା ସହାୟତାରେ ଅପରାଜିତ ୬୧ ରନ୍ ଏବଂ ହେଟ୍‌ମାୟର୍ ୩୨ ବଲ୍‌ରେ ଅପରାଜିତ ୪୪ ରନ୍ କରିଥିଲେ। ହେଟ୍‌ମାୟର୍‌ଙ୍କ ଇନିଂସ୍‌ରେ ୪ ଚୌକା ଓ ୨ ଛକା ସାମିଲ ଥିଲା। ବ୍ରେଣ୍ଡନ୍ କିଙ୍ଗ୍ ୨୨ ରନ୍ କରି ଆଉଟ୍ ହୋଇଥିଲେ।

ଏହା ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଥିବା ନେପାଳ ୮ ୱିକେଟ୍‌ରେ ୧୩୩ ରନ୍ କରିଥିଲା। ଟିମ୍ ୭୩ ରନ୍‌ରେ ୬ ୱିକେଟ୍ ହରାଇଥିଲା। ଏହାପରେ ଦୀପେନ୍ଦ୍ର ସିଂହ ଐରୀ ଏବଂ ସୋମପାଲ କାମୀ ୫୪ ରନ୍ ଯୋଡ଼ି ଟିମ୍‌କୁ ସମ୍ମାନଜନକ ସ୍କୋର୍‌ରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଦୀପେନ୍ଦ୍ର ୩ ଚୌକା ଓ ୩ ଛକା ସହାୟତାରେ ୪୭ ବଲ୍‌ରେ ୫୮ ରନ୍ ଏବଂ କାମୀ ୪ ଚୌକା ସହାୟତାରେ ୧୫ ବଲ୍‌ରେ ଅପରାଜିତ ୨୬ ରନ୍ ଯୋଡ଼ିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜେସନ୍ ହୋଲ୍ଡର ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ମାଥ୍ୟୁ ଫୋର୍ଡେ, ଅକୀଲ ହୁସେନ୍ ଏବଂ ଶମର ଜୋସେଫ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

### ଟି-୨୦ ବିଶ୍ୱକପ୍: ସଞ୍ଜୟ କୃଷ୍ଣମୂର୍ତ୍ତିଙ୍କ ଅର୍ଦ୍ଧଶତକ

# ଆମେରିକାର ଲଗାତାର ଦ୍ୱିତୀୟ ବିଜୟ



**ଚେନ୍ନାଇ,୧୫।୨/ଏଜେନ୍ସି:** ଆମେରିକା ଚଳିତ ଟି-୨୦ ବିଶ୍ୱକପ୍‌ରେ ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ସ୍ଥାନୀ ଚେପକ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟିମ୍ ନାମ୍ବିୟାକୁ ୩୧ ରନ୍‌ରେ ହରାଇ ଦେଇଛି। ଆମେରିକାର ୧୯୯ ରନ୍ ଜବାବରେ ନାମ୍ବିୟା ୬ ୱିକେଟ୍ ବିନିମୟରେ ୧୬୮ ରନ୍ କରିବାକୁ ସମର୍ଥ ହୋଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଆମେରିକା ଜୋରଦାର ଆରମ୍ଭ କରିଥିଲା। ୬୮ ରନ୍‌ରେ ଟିମ୍ ଶାୟନ୍ ଜାହାଙ୍ଗୀର (୨୨ ରନ୍)ଙ୍କ ୱିକେଟ୍ ହରାଇଥିଲା। ଏହାପରେ କ୍ୟାପ୍ଟେନ୍ ମୋନାଙ୍କ ପଟେଲ୍‌୫୨ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ବିଦାୟ ନେଇଥିଲେ। ତାଙ୍କ ୩୦ ବଲ୍‌ର ଇନିଂସ୍‌ରେ ୩ ଚୌକା ୩ ଛକା ସାମିଲ ଥିଲା। ମୋନାଙ୍କ ପରେ ସାଇତେଚା ମୁକ୍କମଲ୍ଲା ମାତ୍ର ୧୭ ରନ୍‌ରେ ପ୍ୟାଭିଲିୟନ୍ ଫେରିଥିଲେ। ୧୦୩ ରନ୍‌ରେ ୩ ୱିକେଟ୍‌ର ପତନ ପରେ ସଞ୍ଜୟ କୃଷ୍ଣମୂର୍ତ୍ତି ଓ ମିଲିନ୍ଦ କୁମାର ଚତୁର୍ଥ ୱିକେଟ୍ ପାଇଁ ୪୬ ବଲ୍‌ରେ ଦ୍ରୁତ ୮୭ ରନ୍‌ର ପାର୍ଟନରଶିପ୍ କରି ସ୍କୋର୍ ୧୦୦ ରନ୍ ପାର୍ କରିଥିଲେ। ମିଲିନ୍ଦ କୁମାର ୨୦ ବଲ୍‌ରେ ଗୋଟିଏ ଲେଖାଏଁ ଚୌକା ଓ ଛକା ବଳରେ ୨୮ ରନ୍ କରି ଆଉଟ୍ ହୋଇଥିଲେ। ସଞ୍ଜୟ କୃଷ୍ଣମୂର୍ତ୍ତି ୩୩ ବଲ୍‌ରେ ୪ ଚୌକା ୬ ଛକା ସହାୟତାରେ ୬୮ ରନ୍ ଏବଂ ଶୁଭମ ରଞ୍ଜନେ ୫ ରନ୍ କରି ଅପରାଜିତ ରହିଥିଲେ। ନାମ୍ବିୟା ପକ୍ଷରୁ ୱିଲେମ୍ ମାଇବର୍ଗ ଓ କ୍ୟାପ୍ଟେନ୍ ଗେରହାର୍ଡ ଇରାସ୍‌ମସ୍ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ।

୨୦୦ ରନ୍‌ର ପିଛା କରୁଥିବା ନାମ୍ବିୟା ୧୬୮ ରନ୍‌ରେ ହିଁ ଅଟକି ଯାଇଥିଲା। ଓପ୍ନର ଲୌରେନ୍ ଷ୍ଟିନ୍‌କାମ୍ପ୍ ସର୍ବାଧିକ ୫୮

### ନାମ୍ବିୟାକୁ ୩୧ ରନ୍‌ରେ ହରାଇଲା

ରନ୍‌ର ଇନିଂସ୍ ଖେଳିଥିଲେ। ଏହା ବ୍ୟତୀତ ଜେଜେ ସ୍ମିଟ୍ ୩୧ ରନ୍, ଜାନ୍ ଫ୍ରାଇଲିଙ୍କ୍ ୧୯, ଜାନ୍ ଗ୍ରୀନ୍ ୧୮ ରନ୍‌ର ଯୋଗଦାନ ଦେଇଥିଲେ। କ୍ୟାପ୍ଟେନ୍ ଗେରହାର୍ଡ ଇରାସ୍‌ମସ୍ ମାତ୍ର ୬ ରନ୍‌ରେ ଆଉଟ୍ ହୋଇଯାଇଥିଲେ। ଆମେରିକା ପକ୍ଷରୁ ଶାଡ୍‌ଲି ଭାନ୍ ଶାଲ୍କୱିକ୍ ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ।

ଏହି ପରାଜୟ ସହିତ ନାମ୍ବିୟା ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଯାଇଛି। ଟିମ୍ ଗ୍ରୁପ୍-ଏ'ରେ ନିଜର ତିନିଟି ମ୍ୟାଚ୍ ହାରିଯାଇଛି। ଅନ୍ୟପକ୍ଷରେ ନାମ୍ବିୟାକୁ ହରାଇ ଆମେରିକାର ଏବେ ବି କ୍ୱାଲିଫିକେସନ୍ ରାଉଣ୍ଡ ଦୌଡ଼ରେ ରହିଛି।

# ପ୍ରଥମ ମହିଳା ଟି-୨୦ରେ ଭାରତ ବିଜୟୀ



**ସିଡ୍‌ନୀ,୧୫।୨/ଏଜେନ୍ସି:** ଭାରତୀୟ ମହିଳା କ୍ରିକେଟ୍ ଟିମ୍ ବିଜୟରୁ ଅଷ୍ଟ୍ରେଲିଆ ଗସ୍ତ ଆରମ୍ଭ କରିଛି। ରବିବାର ସିଡ୍‌ନୀ କ୍ରିକେଟ୍ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଖେଳାଯାଇଥିବା ପ୍ରଥମ ଟି-୨୦ ମ୍ୟାଚ୍‌ରେ ଭାରତ ଡିଏଲ୍‌ଏସ୍ ନିୟମ୍‌ରେ ଅଷ୍ଟ୍ରେଲିଆକୁ ୨୧ ରନ୍‌ରେ ହରାଇ ଦେଇଛି। ଭାରତକୁ ବିଜୟ ପାଇଁ ୧୩୪ ରନ୍‌ର ଲକ୍ଷ୍ୟ ମିଳିଥିଲା। ଜବାବରେ ଟିମ୍ ୫.୧ ଓଭର୍‌ରେ ଗୋଟିଏ ୱିକେଟ୍ ହରାଇ ୫୦ ରନ୍ କରିଥିଲା। କିନ୍ତୁ ଏହାପରେ ବର୍ଷା ହେବାରୁ ଖେଳ ସମ୍ଭବ ହୋଇନଥିଲା ଏବଂ ଭାରତୀୟ ଟିମ୍‌କୁ ବିଜେତା ଘୋଷିତ କରାଯାଇଥିଲା। ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୯ ତାରିଖରେ କାନ୍‌ବେରାରେ ଖେଳାଯିବ। ରନ୍ ଚେଜ୍‌ରେ ଭାରତ ପକ୍ଷରୁ ଓପ୍ନର୍ ଶେଫାଳୀ ବର୍ମା ୧୧ ବଲ୍‌ରେ ଦୁଇ ଚୌକା ଓ ଗୋଟିଏ ଛକା ବଳରେ ୨୧ ରନ୍ କରିଥିଲେ। ଅନ୍ୟତମ ଓପ୍ନର୍ ସ୍ମୃତି ମନ୍ଧାନା ୧୭ ବଲ୍‌ରେ ଦୁଇ ଚୌକା ସହାୟତାରେ ୧୭ ରନ୍ କରି ଅପରାଜିତ ରହିଥିଲେ। ଜେମିମା ରଡ୍ରିଗ୍ସ ମାତ୍ର ୩ ବଲ୍‌ରେ ୯ ରନ୍ କରିଥିଲେ, ଯେଉଁଥିରେ ଦୁଇଟି ଚୌକା ସାମିଲ ଥିଲା। ଟସ୍ ହାରି ବ୍ୟାଟିଂ ପାଇଥିବା ଅଷ୍ଟ୍ରେଲିଆ ୧୮ ଓଭର୍‌ରେ ୧୩୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜର୍ଜିୟା ୱେରହାମ୍ ୪ ଚୌକା ସହାୟତାରେ ୧୯ ବଲ୍‌ରେ ସର୍ବାଧିକ ୩୦ ରନ୍ ଏବଂ ଫିବି ଲିଚ୍‌ଫିଲ୍ଡ ୧୯ ବଲ୍‌ରେ ୫ ଚୌକା ବଳରେ ୨୬ ରନ୍ କରିଥିଲେ। ଏଲିସ୍ ପେରୀ (୨୦ ରନ୍), ଜର୍ଜିୟା ବୋଲ୍ (୧୮ ରନ୍) ଏବଂ ନିକୋଲା କେରୀ (୧୪ ରନ୍) ମଧ୍ୟ ଦୁଇଅଙ୍କରେ ପହଞ୍ଚିବାରେ ସଫଳ ହୋଇଥିଲେ। ଭାରତ ପକ୍ଷରୁ ଫାଷ୍ଟ ବୋଲର୍ ଅରୁନ୍ଧତି ରେଡ୍ଡୀ ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ସ୍ପିନର୍ ଶ୍ରୀ ଚରଣୀ ଓ ଫାଷ୍ଟ ବୋଲର୍ ରେଣୁକା ସିଂହ ଠାକୁରଙ୍କୁ ୨-୨ ସଫଳତା ମିଳିଥିଲା। ଅଲ୍‌ରାଉଣ୍ଡର୍ ଦୀପ୍ତି ଶର୍ମା ଓ କ୍ରାନ୍ତି ଗୌଡ଼ ୧-୧ ୱିକେଟ୍ ନେଇଥିଲେ।

**ଅଷ୍ଟ୍ରେଲିଆ ୨୧ ରନ୍‌ରେ ହାରିଲା**

### ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ

# ପାକିସ୍ତାନକୁ ହରାଇଲା ଭାରତ



**ବ୍ୟାଙ୍କକ୍,୧୫।୨/ଏଜେନ୍ସି:** ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମହାମୁକାବିଲା ପୂର୍ବରୁ ଭାରତୀୟ ମହିଳା ଟିମ୍ (ଭାରତ-ଏ) ପାକିସ୍ତାନକୁ ହରାଇ ଦେଇଛି। ଏସିସି ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ୨୦୨୬ର ୬ଷ୍ଠ ମ୍ୟାଚ୍‌ରେ ଭାରତ-ଏ' ୮ ୱିକେଟ୍‌ରେ ପାକିସ୍ତାନ-ଏ'କୁ ମାତ୍ ଦେଇଛି। ରବିବାର ସ୍ଥାନୀୟ ତେର୍ଥାଇ କ୍ରିକେଟ୍ ଗ୍ରାଉଣ୍ଡରେ ପାକିସ୍ତାନ-ଏ ବିଜୟ ପାଇଁ ଭାରତ-ଏ' ଆଗରେ ୯୪ ରନ୍‌ର ଲକ୍ଷ୍ୟ ରଖିଥିଲା। ଭାରତ-ଏ ୧୦.୧ ଓଭର୍‌ରେ ଏହି ଲକ୍ଷ୍ୟ ସହଜରେ ହାସଲ କରିନେଇଛି।

ଲକ୍ଷ୍ୟର ପିଛା କରୁଥିବା ଭାରତ-ଏ'ର ଆରମ୍ଭ ଭଲ ନଥିଲା। ଟିମ୍ ପ୍ରଥମ ବଲ୍‌ରେ ହୁମୈରା କାଜିଙ୍କ ୱିକେଟ୍ ହରାଇଥିଲା। ହୁମୈରାଙ୍କୁ ନେହା ଶର୍ମିନ୍‌ଙ୍କ ହାତରେ କ୍ୟାଚ୍ କରାଇ ୱହିଦା ଅଖ୍ତର ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ବୃନ୍ଦା ଦିନେଶ ଓ ଅନୁଷ୍କା ଶର୍ମା ଦ୍ୱିତୀୟ ୱିକେଟ୍ ପାଇଁ ୭୯ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ବିଜୟ ନିକଟତର କରାଇଥିଲେ। ତେବେ ଅନୁଷ୍କାଙ୍କୁ ଆଉଟ୍ କରି ମୋମିନା ରିୟାସତ୍ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ଅନୁଷ୍କା ୨୬ ବଲ୍‌ରେ ଚାରି ଚୌକା ସହାୟତାରେ ୨୪ ରନ୍ କରିଥିଲେ। ଓପ୍ନର ବୃନ୍ଦା ଦିନେଶ ମାତ୍ର ୨୯ ବଲ୍‌ରେ ୧୨ ଚୌକା ବଳରେ ଅପରାଜିତ ୫୫ ରନ୍‌ର ଇନିଂସ୍ ଖେଳିଥିଲେ। ତେଚଲ୍ ହସବ୍‌ନିସ୍ ମଧ୍ୟ ୧୨ ରନ୍ କରି ଅପରାଜିତ ରହିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ପାକିସ୍ତାନ ୧୮.୫ ଓଭର୍‌ରେ ୯୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପ୍ରଥମ ଓଭର୍‌ରୁ ୱିକେଟ୍ ହରାଇଥିଲା। ଶୱାଲ୍ ଜୁଲ୍‌ଫିକାର (୨୩), ଗୁଲ୍ ରୁଖ୍ (୨୧) ଓ ଅନୋଶା ନାସିର୍ (୧୭) କେବଳ ଦୁଇଅଙ୍କ ଛୁଇଁବାକୁ ସମର୍ଥ ହୋଇଥିଲେ। ଭାରତ ପକ୍ଷରୁ କ୍ୟାପ୍ଟେନ୍ ରାଧା ଯାଦବ, ପ୍ରେମା ରାୱତ ଓ ସାଇମା ଡାଠୋର ଦୁଇଟି ଲେଖାଏଁ ୱିକେଟ୍ ନେଇଥିବା ବେଳେ ଜିନ୍ତିମନୀ କଳିତା ଓ ମିନୁ ମଣିଙ୍କୁ ୧-୧ ସଫଳତା ମିଳିଥିଲା। ଦୁଇଟି ମ୍ୟାଚ୍‌ରୁ ଗୋଟିଏ ବିଜୟ ସହ ଭାରତ ଗ୍ରୁପ୍-ଏ' ପଏଣ୍ଟ ଟେବଲ୍‌ରେ ୟୁଏଇ ପରେ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ମଙ୍ଗଳବାର ନେପାଳକୁ ଭେଟିବ।

### ହାତ ମିଳାଇଲେନି କି କଥା ହେଲେନି

# ପାକିସ୍ତାନୀ କ୍ୟାପ୍ଟେନ୍‌ଙ୍କୁ ପୁଣି ସୂର୍ଯ୍ୟାଙ୍କ ଅଣଦେଖା



**ନୂଆଦିଲ୍ଲୀ,୧୫।୨/ଏଜେନ୍ସି:** ରବିବାର ଶ୍ରୀଲଙ୍କାର କଲମ୍ବୋସ୍ଥିତ ଆର୍ ପ୍ରେମଦାସା ଷ୍ଟାଡିୟମ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ର ହାଇଭୋଲ୍‌ଟେଜ୍ ମ୍ୟାଚ୍ ହୋଇଯାଇଛି। କିନ୍ତୁ ଏହି ମ୍ୟାଚ୍ ଆରମ୍ଭ ପୂର୍ବରୁ ଉତ୍ତେଜନା ଚରମରେ ଥିଲା। ଟସ୍ ଅବସରରେ ଭାରତୀୟ କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ ପୁଣିଥରେ ପାକିସ୍ତାନୀ କ୍ୟାପ୍ଟେନ୍ ସଲମାନ୍ ଆଗାଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରିବା ସହିତ ହାତ ମିଳାଇବାକୁ ମନା କରିଦେଇଥିଲେ। ଅର୍ଥାତ୍ ଏସିଆ କପ୍‌ରୁ ଚାଲିଆସୁଥିବା ଟିମ୍ ଇଣ୍ଡିଆର ନୋ-ହ୍ୟାଣ୍ଡସେକ୍ ପଲିସିକୁ ସୂର୍ଯ୍ୟକୁମାର ବିଶ୍ୱକପ୍‌ରେ ମଧ୍ୟ ଜାରି ରଖିଛନ୍ତି।

ଭାରତର ପୁରୁଷ ଏବଂ ମହିଳା କ୍ରିକେଟ୍ ଟିମ୍ ପାକିସ୍ତାନ ବିପକ୍ଷରେ ଗତ କିଛିମାସ ଧରି 'ନୋ ହ୍ୟାଣ୍ଡସେକ୍'ଗ ପଲିସି ଆପଣାଇଛନ୍ତି। ପୁରୁଷ ଏସିଆ କପ୍ ୨୦୨୫ରେ ଏହାକୁ ନେଇ ବହୁ ହୋହଲ୍ଲା ମଧ୍ୟ ହୋଇଥିଲା। ଏହି ନିଷ୍ପତ୍ତି ଜମ୍ମୁ-କଶ୍ମୀରର ପହେଲଗାମ୍‌ରେ ହୋଇଥିବା ଆତଙ୍କୀ ଆକ୍ରମଣ ଏବଂ ତା' ପରେ ଭାରତୀୟ ସେନା ପକ୍ଷରୁ ଚଳାଯାଇଥିବା 'ଅପରେସନ୍ ସିନ୍ଦୂର'କୁ ଦୃଷ୍ଟିରେ ରଖି ନିଆଯାଇଥିଲା। ପଡ଼ିଆରେ ଭାରତ-ପାକିସ୍ତାନ ମ୍ୟାଚ୍‌ର କ୍ରମ ଜାରି ରହିଛି, କିନ୍ତୁ ପାରମ୍ପରିକ ହ୍ୟାଣ୍ଡସେକ୍‌ରୁ ଭାରତୀୟ ଟିମ୍ ଦୂରେଇ ରହିଛି। ଏସିଆ କପ୍‌ରେ ସୂର୍ଯ୍ୟକୁମାର ଯାଦବ ହାତ ମିଳାଇବାକୁ ମନା କରିଦେବା ପରେ ପାକିସ୍ତାନ ଅସନ୍ତୋଷ ବ୍ୟକ୍ତ କରିଥିଲା ଏବଂ ଟୁର୍ଣ୍ଣାମେଣ୍ଟ ବହିଷ୍କାର ପାଇଁ ଧମକ ମଧ୍ୟ ଦେଇଥିଲା। ଅବଶ୍ୟ ପରେ ପାକିସ୍ତାନ ଟିମ୍ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲା।

## ଦେଶ ବିଦେଶ

### ପିଟିଆଇ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱତନ୍ତ୍ର ସାକ୍ଷାତକାର

# ଆର୍ଥିକ କ୍ଷମତା ଓ ସ୍ଥିର ନୀତି ଯୋଗୁଁ ଭାରତ ନିଜ ସର୍ତ୍ତରେ ବୁଝାମଣା କରୁଛି

- ଅପରେସନ୍ ସିନ୍ଦୂର ସାରା ବିଶ୍ୱରେ ଭାରତକୁ ଗର୍ବିତ କରିଛି
- ୩୮ ଦେଶ ସହ ଆମ ସର୍ତ୍ତରେ ଡିଲ୍ କରିଛୁ



**ନୂଆଦିଲ୍ଲୀ,୧୫।୨/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ନ୍ୟୁଜ୍ ଏଜେନ୍ସି ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ)କୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ୟୁରୋପୀୟ ସଂଘ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ), ଆମେରିକାର ଶୁଳ୍କ ହ୍ରାସ ଆରମ୍ଭ କରି ବଜେଟ୍‌ରେ ପ୍ରତିରକ୍ଷା କ୍ଷେତ୍ର ପାଇଁ ଆବଣ୍ଟିତ ସବୁଠୁ ବଡ଼ ବଜେଟ୍ ସମେତ ଏମ୍‌ଏସ୍‌ଏମ୍‌ଇ ଉପରେ ଗୁରୁତ୍ୱ ଉପରେ ପ୍ରଶ୍ନର ଉତ୍ତର ଦେଇଛନ୍ତି।

ୟୁରୋପୀୟ ସଂଘ ସହିତ ବାଣିଜ୍ୟ ଚୁକ୍ତି ଏବଂ ଆମେରିକାର ଶୁଳ୍କ ହ୍ରାସ ଭାରତର ବିକାଶ ଏବଂ ଅର୍ଥବ୍ୟବସ୍ଥାର ପଥକୁ କିପରି ପରିବର୍ତ୍ତନ କରିବ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି- ଆର୍ଥିକ କ୍ଷମତା ଏବଂ ସ୍ଥିର ନୀତି କାରଣରୁ ଭାରତ ନିଜ ସର୍ତ୍ତରେ ବୁଝାମଣା କରିପାରୁଛି। ଭାରତ ୩୮ ଦେଶ ସହିତ ଫ୍ରି ଟ୍ରେଡ୍ ଏଗ୍ରିମେଣ୍ଟ (ଏଫ୍‌ଟିଏ) ଉପରେ କାମ କରୁଛି। ଏଫ୍‌ଟିଏ ଫଳରେ ଟେକ୍ସଟାଇମ୍, ଲେଦର୍ ଏବଂ ଏମ୍‌ଏସ୍‌ଏମ୍‌ଇକୁ ନୂଆ ବଜାର ଏବଂ ଅଧିକ ରପ୍ତାନି ସୁଯୋଗ ମିଳିବ। ଏହି ଅବସରରେ ମୋଦୀ ୟୁପିଏ ସରକାର ସମୟର ଆର୍ଥିକ ମିସ୍‌ମ୍ୟାନେଜମେଣ୍ଟର ସମାଲୋଚନା କରିଛନ୍ତି। ସେ କହିଛନ୍ତି ୟୁପିଏ ରାଜ୍‌ରେ କଥାବାର୍ତ୍ତା ଆରମ୍ଭ ହେଉଥିଲା ଏବଂ ପୁଣି ଭାଙ୍ଗିଯାଉଥିଲା। ଦୀର୍ଘ କଥାବାର୍ତ୍ତା ସତ୍ତ୍ୱେ କୌଣସି ଖାସ୍ ଫଳାଫଳ ବାହାରୁ ନଥିଲା।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆମେ ସାରା ବିଶ୍ୱର ଡାଟା ଭାରତକୁ ଆଣିବା ପାଇଁ ଆମନ୍ତ୍ରଣ କରୁଛୁ। ଭାରତ କମ୍ପ୍ୟୁଟିଙ୍ଗ୍ ପାୱାର୍ ଏବଂ ଡାଟା ସେଣ୍ଟର୍ ଇନ୍‌ଫ୍ରା କାପାସିଟିକୁ ବଢ଼ାଇ ଏକ ଆଇଏ ଇକୋସିଷ୍ଟମ୍‌ର ମୂଳଦୁଆ ରଖିଛି। ଅନ୍ୟପକ୍ଷରେ ରିଫର୍ମ ଏକ୍ସପ୍ରେସ୍ ବହୁତ ବଡ଼ ଉନ୍ନତି କରିଛି। ଆଗାମୀ ଦଶକ ପାଇଁ ଷ୍ଟ୍ରକ୍‌ଚରାଲ୍ ରିଫର୍ମ, ଡିପ୍ ଇନୋଭେସନ୍ ଏବଂ ସହଜ ଗଭର୍ଣ୍ଣେସ୍ ତିନିଟି ରିଫର୍ମ ପ୍ରାୟୋରିଟି। ସେ କହିଛନ୍ତି, ସରକାର ବାୟୋଫାର୍ମା, ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିସକ୍ସ ପରି ନୂଆ କ୍ଷେତ୍ରରେ ନିବେଶ କରୁଛି। ଏହା ଦ୍ୱାରା ରୋଜଗାର ଏବଂ ନିବେଶ ବୃଦ୍ଧି ପାଇବ। ଏହି ଏଫ୍‌ଟିଏଗୁଡ଼ିକ ଭାରତର ଉତ୍ପାଦିତ ଉତ୍ପାଦ ପାଇଁ ପ୍ରମୁଖ ଅର୍ଥବ୍ୟବସ୍ଥାଗୁଡ଼ିକର ବଜାରକୁ ଖୋଲି ଦେଇଛି। ଉଦାହରଣ ସ୍ୱରୂପ, ଭାରତ-ବ୍ରିଟେନ ଏଫ୍‌ଟିଏ ଏବଂ ଭାରତ-ୟୁରୋପୀୟ ସଂଘ ଏଫ୍‌ଟିଏ ଏହି ଦେଶଗୁଡ଼ିକୁ ଆମର ୯୯% ରପ୍ତାନି ଉପରେ ଶୁଳ୍କ ଉଚ୍ଛେଦ କରିବ। ଅଷ୍ଟ୍ରେଲିଆ ଏବଂ ୟୁଏଇ ସହିତ ଏଫ୍‌ଟିଏ ସ୍ୱାକ୍ଷର କରିବା ପରଠାରୁ ଏହି ଦୁଇ ଦେଶ ସହିତ ବାଣିଜ୍ୟ କାରବାର ଦ୍ୱିଗୁଣିତ ହୋଇଛି।

ଏହି ବାଣିଜ୍ୟ ଚୁକ୍ତିନାମାଗୁଡ଼ିକ କେବଳ ଶୁଳ୍କ ହ୍ରାସ ଯୋଗୁଁ ନୁହେଁ ବରଂ ଉନ୍ନତ ଅର୍ଥବ୍ୟବସ୍ଥାଗୁଡ଼ିକରେ ଯୋଗାଣ-ଶୃଙ୍ଖଳ ସମନ୍ୱୟ ଏବଂ ବଜାର ପ୍ରବେଶ ଯୋଗୁଁ ଗୁରୁତ୍ୱପୂର୍ଣ୍ଣ। ଏଗୁଡ଼ିକ ଧୀରେ ଧୀରେ ଉତ୍ପାଦନ ଶୁଳ୍କକୁ କୋହଳ କରିଥା'ନ୍ତି, ସେବା ସମନ୍ୱୟକୁ ଗଭୀର କରନ୍ତି ଏବଂ କପଡ଼ା, ଜୋତା, ଇଲେକ୍ଟ୍ରୋନିକ୍ସ ଓ ଇଞ୍ଜିନିୟରିଂ ସାମଗ୍ରୀ ଭଳି ଶ୍ରମ-ସଘନ ରପ୍ତାନି ପାଇଁ ନୂତନ ମାର୍ଗ ସୃଷ୍ଟି କରନ୍ତି। ଏହି ଅର୍ଥରେ, ସେଗୁଡ଼ିକ କେବଳ ମୁଖ୍ୟ ବାଣିଜ୍ୟ ସଂଖ୍ୟା ବୃଦ୍ଧି କରିବା ପରିବର୍ତ୍ତେ ଢାଞ୍ଚାଗତ ପରିବର୍ତ୍ତନକୁ ସମର୍ଥନ କରନ୍ତି।

ଏହି ଏଫ୍‌ଟିଏଗୁଡ଼ିକ ଘରୋଇ ସଂସ୍କାରକୁ ବାହ୍ୟ ପ୍ରତିଶ୍ରୁତି ସହିତ ଯୋଡିଥାଏ। ଏଗୁଡ଼ିକ ରପ୍ତାନି ସୁଯୋଗକୁ ବିସ୍ତାର କରନ୍ତି, ପ୍ରତିଯୋଗୀଙ୍କ ତୁଳନାରେ ଶୁଳ୍କ ଅସୁବିଧାକୁ ହ୍ରାସ କରନ୍ତି ଏବଂ ଭାରତୀୟ ଫାର୍ମଗୁଡ଼ିକୁ ବିଶ୍ୱ ମୂଲ୍ୟ ଶୃଙ୍ଖଳରେ ଅଧିକ ଗଭୀର ଭାବରେ ଯୋଡ଼ିଥା'ନ୍ତି। ଏଗୁଡ଼ିକ ୨୦୪୭ ସୁଦ୍ଧା ବିକଶିତ ଭାରତର ଦୀର୍ଘକାଳୀନ ଦୃଷ୍ଟିକୋଣ ସହିତ ସମନ୍ୱିତ ହୋଇ ଏକ ଅଧିକ ଖୋଲା, ଆତ୍ମବିଶ୍ୱାସୀ ଏବଂ ବିଶ୍ୱବ୍ୟାପୀ ନିୟୋଜିତ ଅର୍ଥବ୍ୟବସ୍ଥା ହେବା ଦିଗରେ ଭାରତର ପରିବର୍ତ୍ତନକୁ ମଜବୁତ କରିଥା'ନ୍ତି।

'ବଜେଟ୍‌ରେ ଚଳିତ ବର୍ଷ ପ୍ରତିରକ୍ଷା କ୍ଷେତ୍ରରେ ବହୁ ବୃଦ୍ଧି ହୋଇଛି। ଏହା କ'ଣ ଅପରେସନ୍ ସିନ୍ଦୂରର ସଫଳତା ଏବଂ ସେଥିରୁ ମିଳିଥିବା ଶିକ୍ଷାର କାରଣ? ଏହା କ'ଣ ଆମ ପଡୋଶୀଙ୍କ ପ୍ରତି ଲଗାତାର ଅବିଶ୍ୱାସର ସଙ୍କେତ? ଏବଂ ପାକିସ୍ତାନ ସହ ଆଉ ଏକ ଯୁଦ୍ଧର ବିପଦ କେତେ ବାସ୍ତବିକ? ପିଟିଆଇର ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆମ ସରକାର ପ୍ରଥମ ଦିନରୁ ହିଁ ଏହା ସ୍ପଷ୍ଟ କରିସାରିଛି ଯେ ଆମକୁ ସେନା ପାଇଁ ଯାହା ବି କରିବାକୁ ହେବ, ତାହା କରିବୁ। ହଁ ଚଳିତ ବର୍ଷ ବଜେଟ୍‌ରେ ପ୍ରତିରକ୍ଷା କ୍ଷେତ୍ର ପାଇଁ ବୃଦ୍ଧି କରାଯାଇଛି। ଏହା ଏକ ବ୍ୟାପକ ଦୃଷ୍ଟିକୋଣର ଅଂଶବିଶେଷ, ଯାହା ଆମ ସରକାରର ନୀତି ଏବଂ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି।

ଗତ ଚାରି ଦଶକ ଧରି ପଡ଼ିରହିଥିବା ଦାବି ଅର୍ଥାତ୍ ଓଆର୍‌ଓପି (ୱାନ୍ ର୍ୟାଙ୍କ୍ ୱାନ୍ ପେନ୍‌ସନ୍)କୁ ପୂରା କରିବା ମଧ୍ୟ ଏହି ସରକାରର ଉପଲବ୍ଧି। ଏଥିରୁ ସ୍ପଷ୍ଟ ହେଉଛି ସରକାର କେବଳ ପ୍ରତିରକ୍ଷା ବଜେଟ୍ ବୃଦ୍ଧି କରିବାରେ ସଙ୍କୋଚ କରୁନାହାନ୍ତି, ବରଂ ସେନାର ଭେଟେରାନ୍‌ଙ୍କୁ ଉଚିତ ସମ୍ମାନ ଏବଂ ସୁବିଧା ଯୋଗାଇ ଦେବା ପାଇଁ ମଧ୍ୟ କାର୍ଯ୍ୟରତ ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଅପରେସନ୍ ସିନ୍ଦୂର ସାରା ଦେଶକୁ ଗର୍ବିତ କରିଛି। ଏହି ଅପରେସନ୍‌ରେ ଆମର ସଶସ୍ତ୍ର ବଳ ଯେଉଁ ସାହସ ଏବଂ ସମର୍ପଣ ଦେଖାଇଛି, ତାହା ପ୍ରଶଂସନୀୟ। ଏହି ଅପରେସନ୍ କେବଳ ଆମ ସେନ୍ୟ କ୍ଷମତାକୁ ଦେଖାଉ ନାହିଁ, ବରଂ ଗତ ଦଶକରେ ଆମ ଦ୍ୱାରା କରାଯାଇଥିବା ପ୍ରତିରକ୍ଷା ସୁଧାରର ପ୍ରମାଣ ମଧ୍ୟ। ସେ କହିଛନ୍ତି, ଗତ ଦଶବର୍ଷରେ ପ୍ରତିରକ୍ଷା କ୍ଷେତ୍ରରେ ଯେଉଁ ସୁଧାରକୁ ଲାଗୁ କରାଯାଇଛି, ତାହାର ମହତ୍ତ୍ୱ ଅପରେସନ୍ ସିନ୍ଦୂର ଅବସରରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ଆଧୁନିକ ଅସ୍ତ୍ରଶସ୍ତ୍ର ସିଷ୍ଟମ୍, ଉନ୍ନତ ରଣନୈତିକ ପ୍ରସ୍ତୁତି ଏବଂ ଟେକ୍ନୋଲୋଜିକାଲ୍ ଅପ୍‌ଗ୍ରେଡେସନ୍ ଆମ ସୈନିକଙ୍କୁ ଶକ୍ତିଶାଳୀ କରିଛି। ଏହି ପ୍ରକ୍ରିୟାରେ ପ୍ରତିରକ୍ଷା ବଜେଟ୍‌ରେ ଲଗଲତାର ବୃଦ୍ଧି ଏବଂ ଆଧୁନିକୀକରଣ ପଦକ୍ଷେପ ପ୍ରମୁଖ ରହିଛି। ଏହାକୁ ଆମେ କୌଣସି ଏକ ଖାସ୍ ଘଟଣା କିମ୍ବା ପ୍ରସଙ୍ଗରେ ସୀମିତ ରଖିବା ଜରୁରୀ ନୁହେଁ, ବରଂ ଏହାକୁ ଆମର ଲଗାତାର ଏବଂ ଲଙ୍ଗ୍-ଟର୍ମ ସୁରକ୍ଷା ରଣନୀତିର ଅଂଶବିଶେଷ ଭାବେ ଦେଖିବା ଉଚିତ୍।

ପାକିସ୍ତାନ ସହ ଆଉ ଏକ ଯୁଦ୍ଧ ବିପଦ କେତେ ବାସ୍ତବିକ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆମ ଦେଶ ସର୍ବଦା ଶକ୍ତିଶାଳୀ ଏବଂ ପ୍ରସ୍ତୁତ ରହିବାକୁ ପ୍ରତିଜ୍ଞା ନେଇଛି। ବିଶ୍ୱର ପରିବର୍ତ୍ତିତ ସୁରକ୍ଷା ପରିସ୍ଥିତିକୁ ଧ୍ୟାନରେ ରଖି ଆମର ପ୍ରତିରକ୍ଷା ତନ୍ତ୍ର ଲଗଲତାର ବିକଶିତ ହେଉଛି, ଯାହା ଫଳରେ ଆମେ ଯେକୌଣସି ଆହ୍ୱାନର ସାମ୍ନା କରିପାରିବୁ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଅପରେସନ୍ ସିନ୍ଦୂର ଏହା ଦର୍ଶାଉଛି ଯେ ଆମର ଯୋଜନା ଏବଂ ସୁଧାର ଠିକ୍ ଦିଗରେ ରହିଛି ଏବଂ ଏହା ବୀର ସିପାହୀଙ୍କ ହାତରେ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ରହିଛି। ଏହି ପୂରା ପ୍ରୟାସର ଉଦ୍ଦେଶ୍ୟ ଆମର ଦେଶର ସାର୍ବଭୌମ୍ୟ ଏବଂ ସୁରକ୍ଷାକୁ ସୁନିଶ୍ଚିତ କରିବା। ଆମକୁ ଏହା ବୁଝିବାକୁ ହେବ ସୁରକ୍ଷା କୌଣସି ଗୋଟିଏ ଥରର ପ୍ରସ୍ତୁତି ନୁହେଁ, ବରଂ ଏହା ଲଗାତାର ଚାଲିଆସୁଥିବା ପ୍ରକ୍ରିୟା। ଅପରେସନ୍ ସିନ୍ଦୂରର ସଫଳତା ଆମକୁ ଏହି ବିଶ୍ୱାସ ଦେଉଛି ଯେ ଆମ ଦେଶ ପ୍ରତ୍ୟେକ ପରିସ୍ଥିତି ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି ଏବଂ ଆମ ଯବାନ ଦେଶର ରକ୍ଷା ପାଇଁ ସର୍ବଦା ପ୍ରସ୍ତୁତ।

ପିଟିଆଇ ସହିତ ଏହି ସାକ୍ଷାତକାର ବେଳେ ପ୍ରଧାନମନ୍ତ୍ରୀ କହିଛନ୍ତି, ଆମେ ସାରା ବିଶ୍ୱର ଡାଟା ଭାରତକୁ ଆଣିବା ପାଇଁ ଆମନ୍ତ୍ରଣ କରୁଛୁ। ଭାରତ କମ୍ପ୍ୟୁଟିଙ୍ଗ୍ ପାୱାର୍ ଏବଂ ଡାଟା ସେଣ୍ଟର୍ ଇନ୍‌ଫ୍ରା କାପାସିଟିକୁ ବଢ଼ାଇ ଏକ ଆଇଏ ଇକୋସିଷ୍ଟମ୍‌ର ମୂଳଦୁଆ ରଖିଛି। ଅନ୍ୟପକ୍ଷରେ ରିଫର୍ମ ଏକ୍ସପ୍ରେସ୍ ବହୁତ ବଡ଼ ଉନ୍ନତି କରିଛି। ଆଗାମୀ ଦଶକ ପାଇଁ ଷ୍ଟ୍ରକ୍‌ଚରାଲ୍ ରିଫର୍ମ, ଡିପ୍ ଇନୋଭେସନ୍ ଏବଂ ସହଜ ଗଭର୍ଣ୍ଣେସ୍ ତିନିଟି ରିଫର୍ମ ପ୍ରାୟୋରିଟି। ସେ କହିଛନ୍ତି, ସରକାର ବାୟୋଫାର୍ମା, ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିସକ୍ସ ପରି ନୂଆ କ୍ଷେତ୍ରରେ ନିବେଶ କରୁଛି। ଏହା ଦ୍ୱାରା ରୋଜଗାର ଏବଂ ନିବେଶ ବୃଦ୍ଧି ପାଇବ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆମର ବିକଶିତ ଭାରତର ଦୃଷ୍ଟିକୋଣରେ ଉତ୍ପାଦନ ସର୍ବଦା କେନ୍ଦ୍ରବିନ୍ଦୁ ହୋଇ ରହିଆସିଛି। ଯେକୌଣସି ଦେଶ ଯିଏ ବ୍ୟାପକତାର ସହିତ ଏବଂ ଶୀଘ୍ର ବୃଦ୍ଧି ପାଇବାକୁ ଚାହେଁ, ତାହା କେବଳ ଏକ ଗ୍ରାହକ ହୋଇ ରହି ଏହା କରିପାରିବ ନାହିଁ। ଏହାକୁ ଉଚ୍ଚମାନର, ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସାମଗ୍ରୀର ଉତ୍ପାଦକ ହେବାକୁ ପଡିବ।

ଏହି ବିଶ୍ୱାସ 'ମେକ୍ ଇନ୍ ଇଣ୍ଡିଆ'ର ଶୁଭାରମ୍ଭ ଏବଂ ସମୟ ସହିତ ଉତ୍ପାଦନ ଆଧାରିତ ପ୍ରୋତ୍ସାହନ ଯୋଜନା ଭଳି ଲକ୍ଷ୍ୟ ଆଧାରିତ ହସ୍ତକ୍ଷେପ ଆଡ଼କୁ ନେଇଯାଇଛି। ଏହି ପଦକ୍ଷେପଗୁଡ଼ିକ ଏପରି ଉପକରଣ ଯାହା ଭାରତର ଶିଳ୍ପ ଭିତ୍ତିକୁ ପୁନଃନିର୍ମାଣ କରୁଛି, ଆମକୁ ବିଶ୍ୱ ମୂଲ୍ୟ ଶୃଙ୍ଖଳାରେ ଏକୀକୃତ କରୁଛି ଏବଂ ବଡ଼ ପରିମାଣରେ ନିଯୁକ୍ତି ସୃଷ୍ଟି କରୁଛି। ଆମେ ବିଶ୍ୱ ମୂଲ୍ୟ ଶୃଙ୍ଖଳାର ଅଂଶ ହେବା ପାଇଁ ଆବଶ୍ୟକ ଦକ୍ଷତା ବିକାଶ କରିବାରେ ଆମର ଯୁବପିଢ଼ିଙ୍କୁ ସମର୍ଥନ କରିବା ନିମନ୍ତେ ମଧ୍ୟ କାର୍ଯ୍ୟ କରିଆସୁଛୁ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra